# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୫/୨୦୨୦ (୧୬ ପୃଷ୍ଠା) | Bhubaneswar, Wednesday, July 15/2020 | ★★★★

୪୬ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-


## ଆଜି ସିବିଏସ୍‌ଇ ଦଶମ ପରୀକ୍ଷାଫଳ

ନୂଆଦିଲ୍ଲୀ,୧୪।୭(ପି.ଟି.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଶ୍ରେଣୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବାକୁ ଯାଉଛି। ଏ ସମ୍ପର୍କରେ ବୋର୍ଡ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ସୋମବାର ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ଏଥିପାଇଁ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା। ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଦଶମ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇବ ବୋଲି ଟୁଇଟର ଜରିଆରେ ଜଣାଇବା ସହ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କରୋନା ମହାମାରୀ ଯୋଗୁ କେତେକ ବିଷୟର ପରୀକ୍ଷା ବାତିଲ ହୋଇଥିବାରୁ ବୋର୍ଡ ପକ୍ଷରୁ ବିକଳ୍ପ ମୂଲ୍ୟାୟନ ଯୋଜନା ଘୋଷଣା କରାଯାଇଥିଲା। ପରୀକ୍ଷା ଫଳ ବୋର୍ଡ ୱେବ୍‌ସାଇଟ୍ cbse.nic.inରେ ଉପଲବ୍ଧ ହେବ। ଏହା ବ୍ୟତୀତ cbseresults.nic.in ଏବଂ results.nic.inରୁ ମଧ୍ୟ ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳ ଦେଖିପାରିବେ।






ଆଜିର ସମ୍ପାଦକୀୟ

ଭାରତରେ ଗୁଗଲ୍

# କରୋନାରେ ହଜିଗଲା ପଲିଥିନ କଟକଣା



ଭୁବନେଶ୍ୱର,୧୪।୭(ବ୍ୟୁରୋ)

### ନିର୍ଦ୍ଦେଶନାମାରେ ସୀମିତ କାର୍ଯ୍ୟାନୁଷ୍ଠାନ

ପଲିଥିନ ଓ ପ୍ଲାଷ୍ଟିକ ତିଆରି ଜିନିଷ ପରିବେଶ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଅସମ୍ଭାଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟକୁ ପଲିଥିନମୁକ୍ତ କରିବାକୁ ଚାହୁଁଛନ୍ତି। ଏପରି କି ପ୍ରଥମ ପର୍ଯ୍ୟାୟରେ ସମସ୍ତ ସହରାଞ୍ଚଳକୁ ପଲିଥିନମୁକ୍ତ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ କରୋନା ମହାମାରୀ ଅର୍ଥାତ୍ ଗତ ମାର୍ଚ୍ଚ ମାସରୁ ସହରାଞ୍ଚଳଗୁଡ଼ିକରେ ପଲିଥିନ ଏବଂ ନିଷେଧ ହୋଇଥିବା ସାମଗ୍ରୀଗୁଡ଼ିକ ଉପରେ ଯାଞ୍ଚ ହେଉ ନ ଥିବା କାରଣରୁ ଏହାର ବ୍ୟବହାର ବହୁ ମାତ୍ରାରେ ବଢ଼ି ଯାଇଛି। ଗତ ୪ ମାସ ହେବ ସରକାରଙ୍କ କଟକଣା ସତେଯେମିତି ମୂଲ୍ୟହୀନ ହୋଇପଡ଼ିଛି। ଏହି ସାମଗ୍ରୀ ପରିବେଶକୁ ଭୟଙ୍କର କ୍ଷତି ପହଞ୍ଚାଉଥିବାବେଳେ ଏଥିପ୍ରତି ରାଜ୍ୟ ପରିବେଶ ବିଭାଗ, ନଗର ଉନ୍ନୟନ ବିଭାଗ କିମ୍ବା ରାଜ୍ୟ ପ୍ରଦୂଷଣ ବୋର୍ଡ କୌଣସି ନଜର ନ ଦେବା ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

୨୦୧୮ ଗାନ୍ଧୀ ଜୟନ୍ତୀଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସହ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିଲା। ୨୦୧୯ ଅକ୍ଟୋବର ୨ତାରିଖରୁ ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ସହିତ ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ☞ପୃଷ୍ଠା-୪









For a test drive, SMS 'TRIBER' to 53030 or call on 1800 315 4444 (Open from Monday to Sunday, 7:00 am - 11:00 pm). For further details, visit renault.co.in

Terms and conditions apply. Model/Accessories shown may not be a part of the standard fitment. #Price mentioned is for TRIBER Petrol Manual Transmission RXE for Ex-showroom All India and is exclusive of taxes. The colour in the image may vary slightly from the actual colour of the product. Renault India Pvt. Ltd. reserves the right to change or modify the mentioned conditions or specifications without prior notice. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in. Contact your nearest dealer or visit www.renault.co.in for more details.

SHOWROOMS: ODISHA: BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. KEONJHAR: RENAULT Keonjhar Mob: +91 7428439130. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

## ବିହାର: ୭୫ ଭାଜପା ନେତାଙ୍କୁ କରୋନା

ପାଟନାରେ ଥିବା ଭାଜପା ରାଜ୍ୟ ଶାଖା ମୁଖ୍ୟାଳୟର ୭୫ ଜଣ ନେତା ଓ କାର୍ଯ୍ୟକର୍ତ୍ତାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହା ଜଣାପଡ଼ିବା ପରେ ଜିଲା ପ୍ରଶାସନ ଭାଜପା କାର୍ଯ୍ୟାଳୟକୁ ସିଲ୍ କରିଦେଇଛି। ୪ ଦିନ ପୂର୍ବରୁ କରୋନା ସଂକ୍ରମିତ ଜଣେ ନେତା ସେଠାରେ ଅନୁଷ୍ଠିତ ଆଞ୍ଚଳିକ ବୈଠକରେ ଯୋଗଦେଇଥିଲେ। ଏହା ଜଣାପଡ଼ିବା ପରେ ବୈଠକରେ ଯୋଗଦେଇଥିବା ୧୦୦ ଜଣ ଭାଜପା ନେତା ଓ କାର୍ଯ୍ୟକର୍ତ୍ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା।



ଅମରନାଥ ଯାତ୍ରା ପୂର୍ବରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଉପରେ ନଜର ରଖିଛନ୍ତି ସିଆର୍‌ପିଏଫ୍ ଯବାନ।

# ଅଯୋଧ୍ୟା ହିଁ ରାମଙ୍କ ଜନ୍ମସ୍ଥାନ

**ନୂଆଦିଲ୍ଲୀ,୧୪।୭**

- ଓଲିଙ୍କ ମନ୍ତବ୍ୟକୁ ସାଧୁସନ୍ଥଙ୍କ ତୀବ୍ର ବିରୋଧ
- ନେପାଳ ଭଳି ଅନେକ ଦେଶ ତାଙ୍କ ଆଶ୍ରିତ
- ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ମହନ୍ତ

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଭଗବାନ ରାମ ଜଣେ ନେପାଳୀ ଓ ତାଙ୍କ ଜନ୍ମସ୍ଥାନ ଅଯୋଧ୍ୟା ନେପାଳରେ ରହିଛି ବୋଲି କହିବା ପରେ ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ମଠ ମହନ୍ତ, ସାଧୁସନ୍ଥମାନେ ଏହାକୁ ବିରୋଧ କରିଛନ୍ତି। ଅଖିଳ ଭାରତୀୟ ଆଖଡ଼ା ପରିଷଦ (ଏବିଏପି)ର ମୁଖ୍ୟ ମହନ୍ତ ନରେନ୍ଦ୍ର ଗିରି ନେପାଳ ପ୍ରଧାନମନ୍ତ୍ରୀ ଦେଇଥିବା ମନ୍ତବ୍ୟ ନିରାଧାର ଓ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଭାରତର ଉତ୍ତରପ୍ରଦେଶରେ ଥିବା ଅଯୋଧ୍ୟା ହିଁ ଭଗବାନ ରାମଙ୍କ ଜନ୍ମସ୍ଥାନ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ କେହି ଦ୍ୱନ୍ଦ୍ୱ ସୃଷ୍ଟି ନ କରିବା ଲାଗି ସେ ସତର୍କ କରାଇଛନ୍ତି।

'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର'ର ଅଧ୍ୟକ୍ଷ ମହନ୍ତ ନ୍ରିତ୍ୟଗୋପାଳ ଦାସ ଭଗବାନ ରାମ ହେଉଛନ୍ତି 'ଚକ୍ରବର୍ତ୍ତୀ' ଶାସକ। ନେପାଳ ଭଳି ଅନେକ ଦେଶ ତାଙ୍କ ଆଶ୍ରିତ ଥିଲେ। ନେପାଳ ସହ ଅଯୋଧ୍ୟାର ସମ୍ପର୍କ ତ୍ରେତୟା ଯୁଗରୁ ରହିଆସିଛି। ହଜାର ହଜାର ବର୍ଷରୁ ପ୍ରଥାମାନ ଚାଲିଆସୁଛି। ପୁରାଣ ତଥା ସନାତନ ଧର୍ମ ପ୍ରଥା ସମ୍ପର୍କରେ କିଛି କହିବା ଠିକ୍ ନୁହେଁ। ରାମଙ୍କ ଭକ୍ତମାନେ ଏହାକୁ ବରଦାସ୍ତ କରିପାରିବେ ନାହିଁ। ନେପାଳ ପ୍ରଧାନମନ୍ତ୍ରୀ ଏଭଳି କହିବା ଦୁର୍ଭାଗ୍ୟଜନକ ବୋଲି ସେ ପ୍ରକାଶ କରିଛନ୍ତି।

ଅଯୋଧ୍ୟାସ୍ଥିତ ହନୁମାନ ଗଡ଼ି ମନ୍ଦିରର ମହନ୍ତ ରାଜୁ ଦାସ ମଧ୍ୟ ଓଲିଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ସରଯୁ ନିତ୍ୟ ଆରତୀ ମହନ୍ତ ଶଶିକାନ୍ତ ଦାସ ଓଲିଙ୍କ ଏଭଳି ମିଥ୍ୟା ପ୍ରଚାରକୁ ବିରୋଧ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ହସ୍ତକ୍ଷେପ ଲାଗି ଏକ ପତ୍ର ଲେଖିବି ବୋଲି କହିଛନ୍ତି। ଭିଏଚ୍‌ପି ଆଞ୍ଚଳିକ ସମ୍ପାଦକ ଅମ୍ବରିଶ କୁମାର ଧାର୍ମିକ ଶିଳାଲିପିରେ ରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟା ଲେଖାଥିବା କହିଛନ୍ତି। କୋଟି କୋଟି ହିନ୍ଦୁ ମଧ୍ୟ ଏହାକୁ ବିଶ୍ୱାସ କରିଆସିଛନ୍ତି। ଓଲିଙ୍କ ମାନସିକ ସ୍ଥିତି ଭଲନାହିଁ। ସେ ଯାହାମାନେ ତାହା କହି ବିବାଦ ସୃଷ୍ଟି କରି ଚାଇନାକୁ ଖୁସି କରିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି। ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ଏଭଳି ପ୍ରସଙ୍ଗକୁ ନେଇ ମର୍ଯ୍ୟାଦାହାନି ହେଲାଭଳି ମନ୍ତବ୍ୟ ନ ଦେବାକୁ କହିଛନ୍ତି।

# ପାଇଲଟଙ୍କୁ ଓହ୍ଲାଇଦେଲା କଂଗ୍ରେସ

**ଜୟପୁର/ନୂଆଦିଲ୍ଲୀ,୧୪।୭**



ସଚିନ ପାଇଲଟ

**ରାଜସ୍ଥାନ ସଙ୍କଟ**

- ଉପମୁଖ୍ୟମନ୍ତ୍ରୀ, ପିସିସି ସଭାପତି ପଦରୁ ସଚିନ ପାଇଲଟ ବିଦା
- ଆଉ ୨ ମନ୍ତ୍ରୀଙ୍କୁ ବି ବରଖାସ୍ତ କଲା କଂଗ୍ରେସ
- ଭାଜପା ସହ ପାଇଲଟଙ୍କ ମୂଲଚାଲ ନେଇ ଚର୍ଚ୍ଚା
- ସତ୍ୟକୁ ବିଚଳିତ କରାଯାଇ ପାରିବ, ପରାଜିତ ନୁହେଁ: ପାଇଲଟ
- ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଗେହଲଟ
- ୧୦୯ ବିଧାୟକଙ୍କ ସମର୍ଥନ ଥିବା ଦାବି କଲେ
- ଗୁଜ୍ଜର ବହୁଳ ଅଞ୍ଚଳରେ ହାଇଆଲର୍ଟ ଜାରି

ଯାହା ଆଶଙ୍କା କରାଯାଉଥିଲା ଶେଷରେ ତାହା ହିଁ ହେଲା। ରାଜସ୍ଥାନରେ ଗେହଲଟ ସରକାର ରୂପକ ବିମାନରୁ ସହଚାଳକ (କୋପାଇଲଟ) ସଚିନ ପାଇଲଟଙ୍କୁ ଓହ୍ଲାଇଦେଇଛି କଂଗ୍ରେସ। ଏହି ବିଦ୍ରୋହୀ ନେତାଙ୍କୁ ଉଭୟ ଉପମୁଖ୍ୟମନ୍ତ୍ରୀ ଓ ରାଜସ୍ଥାନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ପଦରୁ ହଟାଇ ଦିଆଯାଇଛି। ଏଥିସହ ପାଇଲଟଙ୍କ ଅନୁଗତ ବିଶ୍ୱବେନ୍ଦ୍ର ସିଂ ଓ ରମେଶ ମିନାଙ୍କୁ ମଧ୍ୟ ରାଜ୍ୟ କ୍ୟାବିନେଟରୁ ବରଖାସ୍ତ କରାଯାଇଛି। ମଙ୍ଗଳବାର ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଭେଟି ଘଟଣାକ୍ରମ ସମ୍ପର୍କରେ ଅବଗତ କରାଇଛନ୍ତି। ସେପଟେ ଦଳୀୟ କାର୍ଯ୍ୟାନୁଷ୍ଠାନ ପରେ ପାଇଲଟ 'ସତ୍ୟକୁ ବିଚଳିତ କରାଯାଇପାରିବ, କିନ୍ତୁ ହରାଇ ଦିଆଯାଇପାରିବ ନାହିଁ' ବୋଲି ହିନ୍ଦୀରେ ଟୁଇଟ୍ କରିଛନ୍ତି। ଏହାସହ ନିଜ ଟୁଇଟର୍ ହ୍ୟାଣ୍ଡେଲକୁ ଅପ୍‌ଡେଟ୍ କରି ସେଥିରୁ ରାଜସ୍ଥାନ 'ଉପମୁଖ୍ୟମନ୍ତ୍ରୀ' ଶବ୍ଦକୁ ହଟାଇ 'ବିଧାୟକ' ଲେଖିଛନ୍ତି। ଇତିମଧ୍ୟରେ ପାଇଲଟ ନିଜ ସୁରକ୍ଷିତ ରାଜନୈତିକ ଭବିଷ୍ୟତ ପାଇଁ ଭାଜପା ସହ ମୂଲଚାଲ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଦେଲେ ସେ ଭାଜପାରେ ସାମିଲ ହେବେ। ନଚେତ ନିଜେ ନୂଆ ଦଳ ଗଠନ କରିବେ ବୋଲି କହିଥିବା ସୂତ୍ରରୁ ଜଣାପଡ଼ିଛି।

୨୦୧୮ ଡିସେମ୍ବରରେ ରାଜସ୍ଥାନରେ କଂଗ୍ରେସ ସରକାର ଗଠନ କରାଯିବା ବେଳଠାରୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବରିଷ୍ଠ ନେତା ଅଶୋକ ଗେହଲଟ ଓ ସଚିନ ପାଇଲଟଙ୍କ ମଧ୍ୟରେ ଟଣାଓଟରା ଲାଗିରହିଥିଲା। ସଚିନ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିଲେ ହେଁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ବସାଇ ସନ୍ତୁଷ୍ଟ କରିବାକୁ କଂଗ୍ରେସ ଉଦ୍ୟମ କରିଥିଲା। କିଛିମାସ ପରେ ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ହୋଇଥିଲା। ଗେହଲଟଙ୍କ ପୁଅ ବୈଭବ ଯୋଧପୁର ଆସନରୁ ହାରିଯାଇଥିଲେ। ଏଥିପାଇଁ ଗେହଲଟ ସେତେବେଳେ ପାଇଲଟଙ୍କୁ ଦାୟୀ କରିଥିଲେ। ଏହା ପରେ କରୋନା ମୁକାବିଲା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗେହଲଟ ଓ ପାଇଲଟଙ୍କ ମଧ୍ୟରେ ଲାଗିରହିଥିବା ମତଭେଦ ବଢ଼ିବାରେ ଲାଗିଥିଲା। ରାଜ୍ୟରେ କ୍ଷମତାସୀନ କଂଗ୍ରେସ ସରକାରକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍‌ଓଜି) ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ଥିବା ସଚିନଙ୍କ ସମେତ ଅନ୍ୟ କେତେଜଣଙ୍କୁ ଶନିବାର ନୋଟିସ କରାଯାଇଥିଲା। ସଚିନ ଏହାକୁ ନେଇ କ୍ଷୁବ୍ଧ ହୋଇ ରବିବାର ତାଙ୍କର କେତେଜଣ ଅନୁଗତ ବିଧାୟକଙ୍କୁ ଧରି ଦିଲ୍ଲୀ ଚାଲିଯାଇଥିଲେ। ସଚିନଙ୍କୁ ବୁଝାଇ ଫେରାଇ ଆଣିବା ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ଜୟପୁରରେ ସୋମବାର ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଗେହଲଟ ଶକ୍ତି ପ୍ରଦର୍ଶନ କରିଥିଲେ। ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନେତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମଙ୍ଗଳବାର ମାରାଥନ ବୈଠକ ପରେ ସଚିନ ଓ ତାଙ୍କ ଅନୁଗତମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯାଇଛି। ରାଜ୍ୟ ଶିକ୍ଷାମନ୍ତ୍ରୀ ତଥା ଅନୁଭବୀ ଓବିସି ନେତା ଗୋବିନ୍ଦ ସିଂ ଦୋତାସରାଙ୍କୁ ପାଇଲଟଙ୍କ ସ୍ଥାନରେ ନୂଆ ପିସିସି ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପାଇଲଟଙ୍କ ଅନୁଗତ ମୁକେଶ ଭାସ୍କରଙ୍କୁ ଯୁବ କଂଗ୍ରେସ ଅଧ୍ୟକ୍ଷ ପଦରୁ ବିଦା କରି ତାଙ୍କ ସ୍ଥାନରେ ଆଦିବାସୀ ନେତା ତଥା ବିଧାୟକ ଗଣେଶ ଘୋଗ୍ରାଙ୍କୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ହେମ ସିଂ ଶେଖାୱତ୍‌ଙ୍କୁ କଂଗ୍ରେସ ସେବା ଦଳର ସଭାପତି ଭାବେ ଅବସ୍ଥାପିତ କରାଯାଇଛି। ଏହି ପଦରେ ପାଇଲଟଙ୍କ ସହଯୋଗୀ ବିଧାୟକ ରାକେଶ ପାରିଖ ଥିଲେ।

ସୋମବାର ଓ ମଙ୍ଗଳବାର ହୋଇଥିବା କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେବା ପାଇଁ ପାଇଲଟଙ୍କୁ ଡକାଯାଇଥିଲା। କିନ୍ତୁ ସେ ଦୁଇଟିଯାକ ବୈଠକରେ ଅନୁପସ୍ଥିତ ରହିବା କାରଣରୁ ତାଙ୍କ ବିରୋଧରେ ଏପରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜସ୍ଥାନବାସୀଙ୍କ ଦ୍ୱାରା ନିର୍ବାଚିତ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚିଛି। ଏହି ଦଳ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର (ଆଇଟି) ବିଭାଗ କ୍ଷମତାର ଅପବ୍ୟବହାର କରି କଂଗ୍ରେସ ଓ ସ୍ୱାଧୀନ ବିଧାୟକମାନଙ୍କୁ କିଣିବା ପାଇଁ ଉଦ୍ୟମ କରିଛି। ବିଗତ ୭୨ ଘଣ୍ଟାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳୀୟ ନେତାମାନେ ନିରନ୍ତର ଭାବେ ପାଇଲଟ ଓ ତାଙ୍କ ଶିବିରରେ ଥିବା ଅନ୍ୟ ମନ୍ତ୍ରୀ ତଥା ବିଧାୟକମାନଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରିଥିଲେ। ଦଳୀୟ ନେତା କେ.ସି. ବେଣୁଗୋପାଳ ମଧ୍ୟ ତାଙ୍କ ସହ ଅନେକ ଥର ଆଲୋଚନା କରିଥିଲେ। କିନ୍ତୁ ପାଇଲଟ ବୈଠକକୁ ଆସି ନ ଥିଲେ ବୋଲି ସୁର୍ଜେୱାଲା କହିଛନ୍ତି।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଗେହଲଟ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ରାଜଭବନରେ ଭେଟିଛନ୍ତି। ତାଙ୍କ ସପକ୍ଷରେ ୧୦୯ ବିଧାୟକଙ୍କ ସମର୍ଥନ ରହିଥିବା ସେ ଦାବି କରିଛନ୍ତି। ଗଣମାଧ୍ୟମକୁ ଗେହଲଟ କହିଛନ୍ତି, ଭାଜପା ମଧ୍ୟପ୍ରଦେଶରେ ଯେପରି କରିଛି ରାଜସ୍ଥାନରେ ମଧ୍ୟ ତା'ର ପୁନରାବୃତ୍ତି ଘଟାଇବାକୁ ଉଦ୍ୟମ କରୁଛି। କିନ୍ତୁ ଭାଜପାର ଉଦ୍ଦେଶ୍ୟ ରାଜସ୍ଥାନରେ ସଫଳ ହେବ ନାହିଁ। ପାଇଲଟ ତାଙ୍କ ସମର୍ଥକମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେମାନେ ଦୁଇଦିନ ଧରି ଚାଲିଥିବା ବୈଠକକୁ ଆସି ନ ଥିଲେ। ପାଇଲଟଙ୍କ ହାତରେ କିଛି ନାହିଁ। ସେ ଭାଜପାର କ୍ରୀଡ଼ନକ ସାଜିଥିବା ଗେହଲଟ ସମାଲୋଚନା କରିଛନ୍ତି। ଗେହଲଟ କହିଛନ୍ତି, ଘୋଡ଼ାବେପାରକୁ ନେଇ ଦୁଃଖିତ। ଦେଶରେ ପ୍ରଥମ ଥର ପାଇଁ ଗଣତନ୍ତ୍ର ପ୍ରତି ଏତେ ବିପଦ ସୃଷ୍ଟି ହୋଇଛି। ଭାଜପା ଏହାର ଜବାବ ରଖି ସଦ୍ୟ ରାଜନୈତିକ ଘଟଣାକ୍ରମକୁ କଂଗ୍ରେସର ଦୁର୍ବଳତାର ଫଳ ବୋଲି ଅଭିହିତ କରିଛି। ଅନ୍ୟପକ୍ଷରେ ପାଇଲଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ରାଜ୍ୟ କଂଗ୍ରେସରେ ତାଙ୍କ ସମର୍ଥକମାନଙ୍କ ପକ୍ଷରୁ ଇସ୍ତଫାର ସୁଅ ଛୁଟିବାରେ ଲାଗିଛି। ଗୁଜ୍ଜରମାନେ ପାଇଲଟଙ୍କ ଦୃଢ଼ ସମର୍ଥକ ହୋଇଥିବାରୁ ଏହି ସମୁଦାୟ ବହୁଳ ଅଞ୍ଚଳଗୁଡ଼ିକରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ହାଇଆଲର୍ଟ ଜାରି କରାଯାଇଛି।

## କାହିଁକି ବିଦାହେଲେ

ସଚିନ ପାଇଲଟ ତାଙ୍କ ଜିଦ୍‌ରେ ଅଟଳ ରହିବାରୁ ମଙ୍ଗଳବାର ତାଙ୍କୁ ବାହାରର ରାସ୍ତା ଦେଖାଇ ଦିଆଯାଇଛି। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହ ସମ୍ପୃକ୍ତ ଥିବା ବରିଷ୍ଠ ନେତାଙ୍କ ସୂଚନା ଅନୁଯାୟୀ ପାଇଲଟ ଦଳର ନେତୃତ୍ୱ ଆଗରେ ୩ଟି ସର୍ତ୍ତ ରଖିଥିଲେ, ଯାହା ପୂରଣ କରିବା ସମ୍ଭବ ନ ଥିଲା।

**ସର୍ତ୍ତ ନଂ. ୧:** ପ୍ରଥମ ସର୍ତ୍ତ ହେଲା ୨୦୨୨ ବିଧାନସଭା ନିର୍ବାଚନର ବର୍ଷକ ପୂର୍ବରୁ ପାଇଲଟଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ସର୍ବସାଧାରଣରେ ଘୋଷଣା କରାଯାଉ ବୋଲି ତାଙ୍କ ସମର୍ଥକମାନେ ଦାବି କରୁଥିଲେ।

**ସର୍ତ୍ତ ନଂ. ୨:** ଦ୍ୱିତୀୟରେ ପାଇଲଟଙ୍କ ସହ ଯେଉଁ ବିଧାୟକମାନେ ବିଦ୍ରୋହରେ ସାମିଲ ହୋଇଛନ୍ତି, ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ନିଆଯାଉ। ଏହାର ଅର୍ଥ ନୁହେଁ ସମସ୍ତଙ୍କୁ ମନ୍ତ୍ରୀ କରାଯିବ। ତେବେ କେତେଜଣଙ୍କୁ କର୍ପୋରେଶନ କିମ୍ବା ଅନ୍ୟାନ୍ୟ ସରକାରୀ ସଂସ୍ଥାରେ ଥଇଥାନ କରିବା ଲାଗି ପାଇଲଟ ଦାବି କରିଥିଲେ।

**ସର୍ତ୍ତ ନଂ. ୩:** ତୃତୀୟ ଦାବି ଥିଲା ଦଳର ସାଧାରଣ ସମ୍ପାଦକ ତଥା ରାଜସ୍ଥାନ କଂଗ୍ରେସ ପ୍ରଭାରୀ ଅବିନାଶ ପାଣ୍ଡେଙ୍କୁ ପଦବୀରୁ ହଟାଯାଉ। ପାଣ୍ଡେ ଗେହଲଟଙ୍କ ଘନିଷ୍ଠ ହୋଇଥିବାରୁ ତାଙ୍କ ସ୍ଥାନରେ ଅନ୍ୟ ଜଣକୁ ନିଯୁକ୍ତ ଦେବାକୁ ପାଇଲଟ ଚାହୁଁଥିଲେ। ତାଙ୍କର ଏସବୁ ଦାବି ବ୍ଲାକ୍‌ମେଲ୍ ଭଳି ହୋଇଥିବାରୁ ଏହାକୁ ଗ୍ରହଣ କରିବା ସମ୍ଭବ ନ ଥିଲା।



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି।

## 'ଆସ୍ଥାଭୋଟ କରାଯାଉ'

**ଜୟପୁର,୧୪।୭(ପି.ଟି.)**

ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆସ୍ଥାଭୋଟର ସମ୍ମୁଖୀନ ହୁଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ଶକ୍ତିପରୀକ୍ଷାରେ ପାସ୍ କଲେ ଗେହଲଟ ମୁଖ୍ୟମନ୍ତ୍ରୀ ପଦବୀ ବଜାୟ ରଖିପାରିବେ। ଅନ୍ୟଥା ରାଜ୍ୟରେ ରାଜ୍ୟପାଳ ଶାସନ କିମ୍ବା ଭାଜପା ନେତୃତ୍ୱାଧୀନ ସରକାର ଚାଲିପାରେ। କିନ୍ତୁ ଏନେଇ ରାଜ୍ୟପାଳ କଲରାଜ ମିଶ୍ର କିଛି ନିଷ୍ପତ୍ତି ନେଇ ନ ଥିବାରୁ ସ୍ଥିତି ସ୍ପଷ୍ଟ ହୋଇନାହିଁ। ଗେହଲଟଙ୍କ ପଛରେ ୧୦୯ ବିଧାୟକଙ୍କ ସମର୍ଥନ ଥିବା ତାଙ୍କ ଶିବିର ପକ୍ଷରୁ କୁହାଯାଉଥିବାବେଳେ ପାଇଲଟଙ୍କ ଅନୁଗତମାନେ ଏହାକୁ ଖଣ୍ଡନ କରିଛନ୍ତି। ଆସ୍ଥାଭୋଟ ଲୋଡ଼ିଲେ ପ୍ରକୃତରେ କେତେ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରୁଛନ୍ତି ଜଣାପଡିଯିବ ବୋଲି ରମେଶ ମୀନା କହିଛନ୍ତି। ଇତିମଧ୍ୟରେ ସିପିଆଇଏମ୍ ଏବଂ ବିଟିପି ପକ୍ଷରୁ ନିଜ ନିଜ ବିଧାୟକମାନଙ୍କୁ ଏହି ବିବାଦ ଶେଷ ନ ହେବା ଯାଏ ନିରପେକ୍ଷ ରହିବାକୁ କୁହାଯାଇଛି। ସେପଟେ ସଚିନ ଭାଜପାରେ ମିଶିବେ କି ନିଜେ ନୂଆ ଦଳ ଗଠନ କରିବେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଶକ୍ତିପରୀକ୍ଷା ପରେ ହିଁ ଉଭୟ ଗେହଲଟ ଓ ପାଇଲଟଙ୍କ ରାଜନୈତିକ ଭବିଷ୍ୟତ ସମ୍ପର୍କରେ ଆକଳନ କରିହେବ ବୋଲି ବିଶ୍ଳେଷକମାନେ କହିଛନ୍ତି।

## ଭାଜପା ଦ୍ୱାର ଖୋଲା: ଶେଖାୱତ୍

**ନୂଆଦିଲ୍ଲୀ,୧୪।୭**

କଂଗ୍ରେସର ବିଦ୍ରୋହୀ ନେତା ସଚିନ ପାଇଲଟଙ୍କ ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି। ଏଭଳି ସମୟରେ ଭାଜପା ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯିଏ ଆସିବାକୁ ଚାହିଁବେ ତାଙ୍କ ପାଇଁ ଦ୍ୱାର ଖୋଲା ରହିଛି ବୋଲି ରାଜସ୍ଥାନର ଅନେକ ଭାଜପା ନେତା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ତି, ଯେଉଁ ନେତାଙ୍କ ଜନାଧାର ଥିବ ସେ ଭାଜପା ଆଦର୍ଶକୁ ମାନି ଦଳରେ ସାମିଲ ହେଲେ ତାଙ୍କୁ ସ୍ୱାଗତ କରାଯିବ। ତାଙ୍କ ପାଇଁ ଭାଜପାର ଦ୍ୱାର ଖୋଲା ରହିଛି। ଅନ୍ୟପକ୍ଷରେ ଭାଜପାର ବିଧାୟକ ଦଳ ବୈଠକ ବୁଧବାର ବସିବ। ଉକ୍ତ ବୈଠକରେ ସଚିନଙ୍କୁ ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

## ସଚିନଙ୍କୁ ପ୍ରଶଂସା

**ନୂଆଦିଲ୍ଲୀ,୧୪।୭(ପି.ଟି.)**

ସଚିନ ପାଇଲଟଙ୍କୁ ବିଦା କରାଯିବା ପରେ ଦଳ ପ୍ରତି ତାଙ୍କର ଅବଦାନକୁ ସମର୍ଥକ ନେତାମାନେ ପ୍ରଶଂସା କରିଛନ୍ତି। ସଚିନ କେବଳ ସହକର୍ମୀ ନ ଥିଲେ ସେ ଜଣେ ବନ୍ଧୁ ଥିଲେ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ କହିଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ସଙ୍କଟ ପାଇଁ କଂଗ୍ରେସ ଦଳରେ ଥିବା ଦୁର୍ବଳତାକୁ ଭାଜପା ଦାୟୀ କରିଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆଖି ବନ୍ଦ କରିଦେଲେ ସୂର୍ଯ୍ୟ ଅନ୍ତର୍ଦ୍ଧାନ ହୋଇଯିବେ ନାହିଁ। ନିଜ ଘରର ମୂଳଦୁଆ ଦୁର୍ବଳ ଥିବାବେଳେ ଗେହଲଟ ଏଥିପାଇଁ ଭାଜପା କେନ୍ଦ୍ରୀୟ ନେତୃତ୍ୱକୁ ଦାୟୀ କରିବା ଦୁର୍ଭାଗ୍ୟଜନକ ବୋଲି ଦଳର ଉପସଭାପତି ଓମ୍‌ପ୍ରକାଶ ମାଥୁର କହିଛନ୍ତି। ଅନ୍ୟତମ ଭାଜପା ଉପସଭାପତି ବୈଜୟନ୍ତ ପଣ୍ଡା ଟୁଇଟ୍ କରି କହିଛନ୍ତି, ବିମାନ ଉଡ଼ାଇଲା ବେଳେ ବୈଷୟିକ ତ୍ରୁଟି ଦେଖାଦେଲେ କିମ୍ବା ପାଗ ଖରାପ ହେଲେ ବିକଳ୍ପ ବିମାନବନ୍ଦର କିମ୍ବା ଏୟାରଷ୍ଟ୍ରିପ୍‌କୁ ନେଇଯିବାକୁ ପଡ଼ିଥାଏ। ପ୍ରତ୍ୟେକ ଅଭିଜ୍ଞ ପାଇଲଟ ଏହା ଜାଣିଥାନ୍ତି।

## ଭାରତରେ ଟିକାର ମାନବ ପରୀକ୍ଷା ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୪।୭**

ଭାରତରେ ଦୁଇଟି ସଂସ୍ଥା ପକ୍ଷରୁ ପ୍ରସ୍ତୁତ କରୋନା ଟିକାର ଲାବରେଟୋରି ପରୀକ୍ଷା ସଫଳ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ମାନବ ଶରୀରରେ ଏହାର ପରୀକ୍ଷା ଆରମ୍ଭ ହେବ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ମହାନିର୍ଦ୍ଦେଶକ ବଳରାମ ଭାର୍ଗବ କହିଛନ୍ତି। ମୂଷା ଓ ଠେକୁଆଠାରେ ହୋଇଥିବା ପରୀକ୍ଷାର ରିପୋର୍ଟ ଡିସିଜିଆଇ ନିକଟରେ ଦାଖଲ ହୋଇଥିଲା। ଚଳିତ ମାସରୁ ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷା କରିବା ପାଇଁ ଡିସିଜିଆଇ ଅନୁମତି ଦେଇସାରିଛି। ଏଥିପାଇଁ ଉଭୟ ସଂସ୍ଥା ସ୍ଥାନ ଠିକ୍ କରିସାରିଲେଣି। ବିଭିନ୍ନ ସ୍ଥାନରେ ୧୦୦୦ ସ୍ୱେଚ୍ଛାସେବୀଙ୍କ ଉପରେ ଟିକାର ପରୀକ୍ଷା ହେବ ବୋଲି ଆଇସିଏମ୍‌ଆର୍ ମୁଖ୍ୟ କହିଛନ୍ତି। ରୁଷିଆ ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷାରେ ସଫଳ ହୋଇଛି। ଏହାବ୍ୟତୀତ ଚାଇନା, ଆମେରିକା, ବ୍ରିଟେନ ପ୍ରଭୃତି ଦେଶ ଟିକା ପ୍ରସ୍ତୁତି ଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି।

## ପ୍ରିୟଙ୍କାଙ୍କ ଅନୁରୋଧ ରଖିଲେ ମୋଦି

**ନୂଆଦିଲ୍ଲୀ,୧୪।୭**

**ଆଉ କିଛିଦିନ ବଙ୍ଗଳାରେ ରହିବାକୁ ଅନୁମତି**

ସରକାରୀ ବଙ୍ଗଳା ଖାଲିକରିବା ଲାଗି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପ୍ରିୟଙ୍କାଙ୍କ ଅନୁରୋଧକ୍ରମେ ପ୍ରଧାନମନ୍ତ୍ରୀ ମୋଦି ଆଉ କିଛିଦିନ ଲୋଧି ଇଷ୍ଟେଟ୍ ବଙ୍ଗଳାରେ ରହିବା ଲାଗି ତାଙ୍କୁ ଅନୁମତି ଦେଇଛନ୍ତି। ୨୦୧୧ରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଚିକିତ୍ସା ଲାଗି ବିଦେଶ ଗସ୍ତରେ ବାହାରିଥିବା ବେଳେ ୧୦, ଜନପଥକୁ ମୋଦି ଫୁଲତୋଡ଼ା ପଠାଇଥିଲେ। ସୋନିଆଙ୍କ ଗସ୍ତକୁ ଦଳ ପକ୍ଷରୁ ଗୁପ୍ତ ରଖାଯିବା ଲାଗି ଯୋଜନା କରାଯାଇଥିବା ବେଳେ ଶେଷରେ ଦେଶକୁ ଏନେଇ କଂଗ୍ରେସ ସବୁ ତଥ୍ୟ ଦେବାକୁ ବାଧ୍ୟ ହୋଇଥିଲା।

# ଭାରତରେ ଅପପୁଷ୍ଟି କମୁଛି

**ଜାତିସଂଘ,୧୪।୭**

- ବୟସ୍କଙ୍କଠାରେ ବଢ଼ୁଛି ମେଦବହୁଳତା
- ୧୦ ବର୍ଷରେ ଅପପୁଷ୍ଟିରେ ପୀଡ଼ିତଙ୍କ ସଂଖ୍ୟା ୬ କୋଟି ହ୍ରାସ: ଜାତିସଂଘ ରିପୋର୍ଟ



ଭାରତରେ ୧୦ ବର୍ଷ ମଧ୍ୟରେ ଅପପୁଷ୍ଟିରେ ପୀଡ଼ିତଙ୍କ ସଂଖ୍ୟା ୬ କୋଟି ହ୍ରାସ ପାଇଛି। ଅନ୍ୟପକ୍ଷରେ ବୟସ୍କଙ୍କଠାରେ ମେଦବହୁଳତା ବୃଦ୍ଧି ପାଉଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ଜାତିସଂଘ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ବିଶ୍ୱରେ ଖାଦ୍ୟ ନିରାପତ୍ତା ଓ ପୋଷଣ ସ୍ଥିତି ରିପୋର୍ଟ ଅନୁଯାୟୀ ୨୦୧୯ରେ ସାରା ବିଶ୍ୱରେ ୬୯ କୋଟି ଲୋକ କୁପୋଷଣ ବା କ୍ଷୁଧାରେ ରହୁଛନ୍ତି। ୨୦୧୮ ତୁଳନାରେ ଏହା ୧ କୋଟି ଅଧିକ। ୨୦୦୪-୦୬ରେ ଭାରତରେ ୨୪ କୋଟି ୯୪ ଲକ୍ଷ ଲୋକ କୁପୋଷଣ ମଧ୍ୟରେ ରହିଥିବାବେଳେ ୨୦୧୭-୧୯ରେ ଏହି ସଂଖ୍ୟା ୧୮ କୋଟି ୯୨ ଲକ୍ଷକୁ ହ୍ରାସ ପାଇଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ଦେଶରେ କୁପୋଷଣ ହାର ୨୧.୭ ପ୍ରତିଶତରୁ ୧୪ ପ୍ରତିଶତକୁ କମିଆସିଛି। ଦୁଇ ବୃହତ ଅର୍ଥ ବ୍ୟବସ୍ଥା ଚାଇନା ଓ ଭାରତ ପାଇଁ ପୂର୍ବ ଏବଂ ଦକ୍ଷିଣ ଏସିଆରେ କୁପୋଷଣ କମିଥିବା ରିପୋର୍ଟରେ କୁହାଯାଇଛି। ଦୀର୍ଘମିଆଦୀ ଅର୍ଥନୈତିକ ଅଭିବୃଦ୍ଧି, ଅସମାନତାରେ ହ୍ରାସ, ମୌଳିକ ଦ୍ରବ୍ୟ ଓ ସେବା ଅଧିକ ଲୋକଙ୍କ ପାଖରେ ପହଞ୍ଚିବା ଫଳରେ ଏହା ସମ୍ଭବ ହୋଇପାରିଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ), ଅନ୍ତର୍ଜାତୀୟ କୃଷି ବିକାଶ ପାଣ୍ଠି (ଆଇଏଫ୍‌ଏଡି), ୟୁନିସେଫ୍, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ମିଳିତ ଭାବେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଭାରତରେ ୫ ବର୍ଷରୁ କମ୍ ବୟସର ପିଲାଙ୍କ ଅପପୁଷ୍ଟି ହାର ୨୦୧୨ରେ ୪୭.୮% ଥିବାବେଳେ ୨୦୧୯ରେ ୩୪.୭%କୁ ହ୍ରାସ ପାଇଛି। ତେବେ ୨୦୧୨ରୁ ୨୦୧୬ ମଧ୍ୟରେ ଭାରତରେ ବୟସ୍କମାନଙ୍କଠାରେ ମେଦବହୁଳତା ବୃଦ୍ଧି ପାଇଛି। ୨୦୧୨ରେ ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ୨କୋଟି ୫୨ ଲକ୍ଷ ଲୋକ ମେଦବହୁଳତାର ଶିକାର ହୋଇଥିବାବେଳେ ୨୦୧୬ରେ ଏହା ୩.୪୩ କୋଟିକୁ ବୃଦ୍ଧି ପାଇଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ମେଦବହୁଳତା ହାର ୩.୧%ରୁ ୩.୯%କୁ ବଢ଼ିଛି। ସେହିପରି ୨୦୧୨ରେ ୧୫ରୁ ୪୯ ବର୍ଷ ବୟସର ୧୬.୫୬ କୋଟି ମହିଳା ରକ୍ତହୀନତାର ଶିକାର ହୋଇଥିବାବେଳେ ୨୦୧୬ରେ ଏହା ୧୭.୫୬ କୋଟିକୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ ଆଫ୍ରିକାରେ କ୍ଷୁଧିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। କରୋନା ମହାମାରୀ ଯୋଗୁ ଚଳିତ ବର୍ଷ ଶେଷ ବେଳକୁ ଭୋକିଲା ତାଲିକାରେ ଆଉ ୧୩ କୋଟି ସାମିଲ ହେବେ ବୋଲି ଆକଳନ କରାଯାଇଛି।

# ରେମୁଣା ବିଧାୟକ କରୋନା ପଜିଟିଭ୍

**ବାଲେଶ୍ୱର ଅଫିସ, ୧୪।୭**

ବାଲେଶ୍ୱରର ଆଉ ଜଣେ ବିଧାୟକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପ୍ରଥମେ ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କ ପରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ ଏବେ ରେମୁଣା ନିର୍ବାଚନମଣ୍ଡଳୀର ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି ଭୂତାଣୁରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଫୋନ ଯୋଗେ ବିଧାୟକ ପରିଡ଼ାଙ୍କୁ ଜଣାଯିବା ପରେ ସେ ନିଜେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୧୧ ତାରିଖରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଜିଲାରେ ଦ୍ୱିତୀୟ ବିଧାୟକ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଧାୟକ ପରିଡ଼ାଙ୍କୁ କୋଭିଡ୍-୧୯ ହସ୍‌ପିଟାଲକୁ ଅଣାଯାଇ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଉଛି। ଗତ ୬ତାରିଖରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ତାଙ୍କୁ କୋଭିଡ୍ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଥିଲା। ସୋମବାର ରିପୋର୍ଟ ନେଗେଟିଭ୍ ଆସିବାରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ସେ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ରେମୁଣା ବିଧାୟକଙ୍କ ବ୍ୟତୀତ ବାଲେଶ୍ୱର ଜିଲାରୁ ମଙ୍ଗଳବାର ଆଉ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତେ ପୂର୍ବ ଆକ୍ରାନ୍ତଙ୍କ ସମ୍ପର୍କୀୟ ତଥା ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ସମସ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ବାଲେଶ୍ୱର ସୂଚନା ଦେଇଛନ୍ତି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୫୪ ଛୁଇଁଥିବା ବେଳେ ସେମାନଙ୍କ ମଧ୍ୟରୁ ୩୯୫ ସୁସ୍ଥ ହୋଇ ଫେରିଛନ୍ତି।










**ଆଜିର ମନ୍ତବ୍ୟ**
ରାଜସ୍ଥାନରେ କଂଗ୍ରେସର ଦୟନୀୟ ସ୍ଥିତି ଲାଗି ରାହୁଲ ଓ ତାଙ୍କ ପରିବାର ଦାୟୀ।
– ଉମା ଭାରତୀ, ଭାଜପା ନେତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ............................


ମାନସ
ପରିବାରବର୍ଗ


ଲିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜିଠୁ ୩ ହସ୍ପିଟାଲରେ ପ୍ଲାଜ୍‌ମା ଥେରାପି ଚିକିତ୍ସା

ଭୁବନେଶ୍ୱର,୧୪।୭(ବ୍ୟୁରୋ)

- ରାଜ୍ୟରେ ସଂକ୍ରମିତ, ମୃତ୍ୟୁହାର ସର୍ବଭାରତୀୟ ସ୍ତରଠାରୁ କମ୍
- ଗ୍ରାମ କଲ୍ୟାଣ ସମିତି ସ୍ତରରେ ୫ ଲକ୍ଷ କୋଭିଡ୍ ଯୋଦ୍ଧାଙ୍କୁ ତାଲିମ
- ଗଞ୍ଜାମ, କଟକ, ଭୁବନେଶ୍ୱରରେ ଆଇସିୟୁ ବେଡ୍ ବଢ଼ିବ

କୋଭିଡ୍ ରୋଗୀମାନଙ୍କ ଚିକିତ୍ସା ପାଇଁ ବୁଧବାରଠାରୁ ରାଜ୍ୟରେ ପ୍ଲାଜ୍‌ମା ଥେରାପି ଆରମ୍ଭ କରାଯିବ। ଭୁବନେଶ୍ୱର ସମ୍, କିମ୍ସ ଓ କଟକର ଅଶ୍ୱିନୀ ହସ୍ପିଟାଲରେ ଏହା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବି ମେଡିକାଲ କଲେଜ ପ୍ଲାଜ୍‌ମା ଥେରାପିର ନୋଡାଲ ସେଣ୍ଟର ଭାବେ କାମ କରିବ ବୋଲି ସୂଚନା ଦିଆଯାଇଛି।

ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଦୈନିକ ୭ ହଜାର କୋଭିଡ୍ ପରୀକ୍ଷଣ କରାଯାଉଥିବା ବେଳେ ଆସନ୍ତା ୧ ସପ୍ତାହ ମଧ୍ୟରେ ଏହାକୁ ୯ ହଜାରକୁ ବୃଦ୍ଧି କରାଯିବ। ଲୋକମାନେ ଯେପରି ସୁବିଧାରେ ପରୀକ୍ଷା କରିପାରିବେ ସେଥିପାଇଁ ଅଧିକ ଘରୋଇ ହସ୍ପିଟାଲକୁ ଅନୁମତି ଦିଆଯିବ। ବିଶେଷ କରି କଟକ, ଭୁବନେଶ୍ୱର ଓ ଗଞ୍ଜାମରେ ଥିବା କୋଭିଡ୍ ହସ୍ପିଟାଲରେ ଶଯ୍ୟା ଓ ଆଇସିୟୁ ବେଡ୍ ସଂଖ୍ୟା ଆଗାମୀ ୭ ଦିନ ମଧ୍ୟରେ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଇଛି। ପୁରୀ ସହରରେ ସେରୋ ସର୍ଭେଲାନ୍ସ ଏବଂ ଭୁବନେଶ୍ୱର କମ୍ୟୁନିଟି ସେରୋ ସର୍ଭେଲାନ୍ସ ସମ୍ପୂର୍ଣ୍ଣ ହୋଇଛି। ଏଥିସହିତ ଅତି ସମ୍ବେଦନଶୀଳ ସେରୋ ସର୍ଭେଲାନ୍ସ ଜାରି ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବଭାରତୀୟ ସ୍ତରରେ ସୁସ୍ଥତା ହାର ୬୩ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୬୪.୮୮ ପ୍ରତିଶତରେ ପହଞ୍ଚିଛି। ମୃତ୍ୟୁହାର ସର୍ବଭାରତୀୟ ସ୍ତରରେ ୨.୬% ଥିବା ବେଳେ ଓଡ଼ିଶାରେ ଏହା ୦.୫ ପ୍ରତିଶତରେ ରହିଛି। ଆକ୍ରାନ୍ତଙ୍କ ମଧ୍ୟରେ ଯୁବବର୍ଗଙ୍କ ସଂଖ୍ୟା ୬୬ ପ୍ରତିଶତ ରହିଛି।

ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଖୋଲାଯାଇଥିବା କୋଭିଡ୍ କେୟାର ହୋମ୍ ଏବଂ କ୍ଲଷ୍ଟର ଟିଏମ୍‌ସି ସମ୍ପର୍କରେ ସୂଚନା ଦେଇ ପଞ୍ଚାୟତିରାଜ ସଚିବ ଦେଓ ରଞ୍ଜନ କୁମାର ସିଂ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ୬୧,୪୧୦ ଶଯ୍ୟାବିଶିଷ୍ଟ ୬୧୨୮ କୋଭିଡ୍ କେୟାର ହୋମ୍ ଖୋଲାଯାଇଥିବା ବେଳେ ସେଥିରେ ମାତ୍ର ୪୨୬ ଜଣ ରହିଛନ୍ତି। ସେହିପରି ୪୭,୯୧୯ ଶଯ୍ୟାବିଶିଷ୍ଟ ୧୧୮୩ କ୍ଲଷ୍ଟର ଟିଏମ୍‌ସି ଖୋଲାଯାଇଥିବା ବେଳେ ସେଗୁଡ଼ିକରେ ୧୮,୧୫୩ ଜଣ ରହିଛନ୍ତି। ବିଭିନ୍ନ ସହରାଞ୍ଚଳରେ ୬୨୦୦ ଶଯ୍ୟା ବିଶିଷ୍ଟ ୧୭୫ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଥିବା ବେଳେ ସେଥିରେ ବର୍ତ୍ତମାନ ୪୧ ଜଣ ଚିକିତ୍ସିତ ହେଉଛନ୍ତି। ସହରାଞ୍ଚଳରେ ୬୦ ହଜାର ଶଯ୍ୟାବିଶିଷ୍ଟ ୮୧୪ ଟିଏମ୍‌ସିରେ ୩୯୪୫ ଜଣ ରହିଥିବା ଜଣାପଡିଛି।

ଗ୍ରାମ କଲ୍ୟାଣ ସମିତି ସ୍ତରରେ ସରପଞ୍ଚ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମଚାରୀଙ୍କୁ ମିଶାଇ ୫ ଲକ୍ଷରୁ ଅଧିକ କୋଭିଡ୍ ଯୋଦ୍ଧାଙ୍କୁ ଇତିମଧ୍ୟରେ ତାଲିମ ଦିଆଯାଇଛି। ଏଥିସହିତ ଅଣ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟ କରିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମଧ୍ୟ ସୁରକ୍ଷା ତାଲିମ ଦିଆଯାଉଛି। ସେହିପରି ପୂର୍ବରୁ ଟିଏମ୍‌ସିରେ ରହିଥିବା ୩.୨ ଲକ୍ଷ ପ୍ରବାସୀଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେମାନେ କୋଭିଡ୍ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିପାରିବେ।

# ଗଞ୍ଜାମ ଯିବେ ୫ ଓଏଏସ୍, ୪୭ ଓଆର୍‌ଏସ୍ ଅଫିସର

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ଗଞ୍ଜାମ ଜିଲାର କରୋନା ସ୍ଥିତି ଦେଖି ରାଜ୍ୟ ସରକାର ସେଦିଗରେ ବିଶେଷ ଧ୍ୟାନ ଦେଉଛନ୍ତି। ଜିଲାରେ କରୋନା ସ୍ଥିତିକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେନେଇ ସରକାର ଅନ୍ୟ ଜିଲାର ଅଧିକାରୀମାନଙ୍କୁ ଗଞ୍ଜାମ ପଠାଇବା ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ୫ଜଣ ବାହାର ଜିଲାର ଓଏଏସ୍ ଅଫିସରଙ୍କୁ ଗଞ୍ଜାମ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ବଲାଙ୍ଗୀର ଉପ ଜିଲାପାଳ ସରୋଜ କୁମାର ରାଉତ, ବୌଦ୍ଧ ଉପଜିଲାପାଳ ଅବନୀକାନ୍ତ ସାହୁ, ଝାରସୁଗୁଡା ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ଏବଂ କନ୍ଧମାଳ ଉପଜିଲାପାଳ ଜଗଦୀଶ ଷଡ଼ଙ୍ଗୀଙ୍କୁ ଗଞ୍ଜାମ ପଠାଯାଇଛି। ସେହିପରି ଲହୁଣିପଡା ତହସିଲଦାର ଆଲୋକ କୁମାର ଦେହୁରୀଙ୍କୁ ମଧ୍ୟ ଗଞ୍ଜାମ ଜିଲାକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସେମାନେ ସେଠାରେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ସେହିପରି ରାଜସ୍ୱ ଓ ପରିଚାଳନା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଆଉ ଏକ ନିର୍ଦ୍ଦେଶନାମା ଅନୁଯାୟୀ ୪୭ ଓଆର୍‌ଏସ୍ ଅଫିସରଙ୍କୁ ମଧ୍ୟ ଗଞ୍ଜାମ ଜିଲା ଦାୟିତ୍ୱରେ ପଠାଯାଇଛି।

## ୧୩୦ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର,(ବ୍ୟୁରୋ): ଗଞ୍ଜାମ ଜିଲାରେ କରୋନା ମୁକାବିଲା ଓ ପରିଚାଳନା ପାଇଁ ରାଜ୍ୟ ସରକାର ଆଉ ୧୩୦ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ୨୨ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗଞ୍ଜାମର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ବା ଡାଇରେକ୍ଟୋରେଟ୍ ଅଫ୍ ହେଲ୍‌ଥ ସର୍ଭିସ(ଡିଏଚ୍‌ଏସ୍)ରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ନିକଟରେ ବିଭିନ୍ନ ମେଡିକାଲ କଲେଜରୁ ପିଜି ପାସ୍ କରି ନୂତନ ଭାବେ ଯୋଗଦେଇଥିବା ଆଉ ୮ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସରକାର ଉକ୍ତ ବିଭାଗର ପଦବୀରୁ ଅବ୍ୟାହତି ଦେଇ ଗଞ୍ଜାମ ଡିଏଚ୍‌ଏଚ୍‌ରେ ନୂତନ ଦାୟିତ୍ୱ ଦେଇଛନ୍ତି। ସେହିପରି ବିଭନ୍ନ ଜିଲାର ୧୦୦ଜଣ ଆୟୁର୍ବେଦିକ ମେଡିକାଲ ଅଫିସର(ଏଏମ୍‌ଓ) ଓ ହୋମିଓପାଥିକ୍ ମେଡିକାଲ ଅଫିସର(ଡିଏମ୍‌ଓ)ଙ୍କୁ ମଧ୍ୟ ଗଞ୍ଜାମ ଜିଲାର କୋଭିଡ୍-୧୯ ପରିଚାଳନା ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେମାନେ ଆସନ୍ତା ୧୬ତାରିଖ ସୁଦ୍ଧା ସିଡିଏମ୍‌ଓ ଓ ପିଏଚ୍‌ଓଙ୍କୁ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି ହୋଇଛି।

# ପ୍ରବାସୀ ହୋମ୍ କ୍ୱାରାଣ୍ଟାଇନ୍‌ରେ ନ ରହି ଫାଷ୍ଟଫୁଡ୍ ବିକିଲେ

ସାଲେପୁର,୧୪।୭(ଡି.ଏନ୍.ଏ.)



**ରିପୋର୍ଟ ପଜିଟିଭ ପରେ ମିର୍ଜାପୁର ଶଟ୍‌ଡାଉନ୍**

ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତର ଜଣେ ପ୍ରବାସୀ ହୋମ୍ କ୍ୱାରାଣ୍ଟାଇନ୍ ନିୟମ ନ ମାନି ଫାଷ୍ଟଫୁଡ୍ ବିକୁଥିଲେ। ରିପୋର୍ଟ ପଜିଟିଭ ଆସିବା ପରେ ଉକ୍ତ ପଞ୍ଚାୟତକୁ ସରପଞ୍ଚ ହରପ୍ରସନ୍ନ ବେହେରା ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଥିବା ବେଳେ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଲାଗୁ ହେବ ବୋଲି ସେ କହିଛନ୍ତି।

ସମ୍ପୃକ୍ତ ପ୍ରବାସୀ ହାଇଦ୍ରାବାଦରୁ ଫେରି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ମଧୁସୂଦନ ମଣ୍ଡପରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ୭ ଦିନ ସେଠାରେ ରହିବା ପରେ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଥିଲା। ଏଥିସହ ଜୁଲାଇ ୭ରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ମାତ୍ର ସେ ହୋମ୍ କ୍ୱାରାଣ୍ଟାଇନ୍ ନିୟମ ନ ମାନି ଏଣେତେଣେ ବୁଲିବା ସହ ଗଙ୍ଗେଶ୍ୱର ବଜାରରେ ସାନଭାଇ କରିଥିବା ଦୋକାନରେ ଫାଷ୍ଟଫୁଡ୍ ବିକ୍ରି କରୁଥିଲେ। ୮ ତାରିଖରେ ରିପୋର୍ଟ ପଜିଟିଭ୍ ଆସିବା ପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି। ସମ୍ପୃକ୍ତ ପ୍ରବାସୀଙ୍କୁ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ୩୦ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ବୁଧବାର ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯିବ ବୋଲି ସରପଞ୍ଚ ବେହେରା କହିଛନ୍ତି।


# classifieds Everyday
0674-2580101, 2549302




**BRIDE WANTED**

Son Age 30 B.Tech IIT MBA IIM Kozhikode work in govt psu sector Annual 16 lakhs at Mumbai caste no bar 8144589551. D-17749

**GROOM WANTED**

36 ବୟସ୍କା Divorcee Play School Teacher ବ୍ରାହ୍ମଣ ଝିଅଙ୍କ ପାଇଁ any caste ପୁଅ ଦରକାର। 9668488654. D-67944

Beautiful Barik girl 1991, 5'4" B-Tech State Government Engineer. 9776562742. D-17733

Khandayat girl, Age-32, H-5'5", Work-Management Trainee, BBSR, Mob: 9337019409, 9658323522. D-17715

Looking groom for daughter 29 B.Tech NIT Rourkela, M.Tech IIT Bombay working in Banglore caste no bar 7008986005. D-17750

Girl Age 30 cast Khandyat msc computer science working in govt service 8763446680, 9658529293. D-17751




**SALE**

Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932. D-69320

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

5Acres 180 decimal sthitiban land in "Kuha Mouza", Bhubaneswar near "Hi-Tech Plaza", about 1km from Sundarpada, Jatni road from sale. Contact-7978598419. D-59538




Ayurvedic full body massage ladies and gents, Contact: 9861064981. D-69523

Experience winter therapeutic Abhyanga Massage feeling refreshing energetic : Appointment-9668374480. D-69800

Newly open full body massage SPA in Bhubaneswar. Contact: 7205058838. D-69703

Herbal full body massage by smart / expert therapist. Contact: 8338067247. D-69702

Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883




ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ। 7077448116. D-59954

**AFFIDAVIT**

By virtue of an affidavit before Executive Magistrate, Cuttack, I, Laxmidhar Majhi, Raghunathpur, Paramahansa, Cuttack declare that in the LIC Policy No-586397397 my name has been recorded as Babuli Majhi. Laxmidhar Majhi and Babuli Majhi is same person. D-14577

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**୧୧ତମ ଜନ୍ମଦିନ ଶୁଭେଚ୍ଛା**



**ଲିପ୍ସା ଦାସ**
ଭୁବନେଶ୍ୱର
ତୋର ୧୧ତମ ଜନ୍ମଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ, ଯଶସ୍ୱୀ କରିବା ସହ ତୋର ଚଲାପଥ କୁସୁମିତ କରନ୍ତୁ ଏହାହିଁ କାମନା କରୁଛୁ।
-:ଆଶୀର୍ବାଦ ସହ:-
ଦାସ ପରିବାରବର୍ଗ, ଜୟ ମାତାଦୀ।
ଧ-୬୯୬୦୧

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଇଆ ପୋଇଆ ଦେଲି ତୋ ନାମ**
**ନାମ ଦେଲେ କିରେ ଛାଡିବ ଯମ**

ମୃତ୍ୟୁ ଅନିବାର୍ଯ୍ୟ। ସଂସାରରେ ଯଦି କିଛି ସତ୍ୟଥାଏ ତାହା ହିଁ ହେଉଛି ମୃତ୍ୟୁ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଯେତେ ଯାହା କଲେ ମଧ୍ୟ ମୃତ୍ୟୁକୁ ଟାଳିବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଦରା କୋଡଇ ଯେତିକି,**
**ମାଡ଼ଇ ସେତିକି।**

ଗୋଦରାର ଗୋଡ଼ ପାଦ ମୋଟା। ସେ ଆଗକୁ ହାଣି ହାଣି ଗଲାବେଳେ ତା' ମୋଟା ପାଦରେ ମାଡ଼ି ହୋଇ ସବୁତକ ମାଟି ଦବି ହୋଇଯାଏ। ହାଣିବାର ଫଳ କିଛି ମିଳେ ନାହିଁ। ପରୋକ୍ଷରେ ଯେତିକି ଭଲ କାମ କରାଯାଇଥାଏ ତା' ପଛେ ପଛେ ସେତିକି ଖରାପ କାମ କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## କରୋନାରେ ହଜିଗଲା...

ପ୍ରଥମ ପୃଷ୍ଠାରୁ...

ସମସ୍ତ ପଦକ୍ଷେପ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନ କରିପାରିବେ। ଜିଲାପାଳ ପଲିଥିନ କଟକଣାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ୍, ଏସ୍‌ପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌରସଂସ୍ଥାର ଅଧିକାରୀମାନଙ୍କୁ ସାମିଲ କରିବେ। ପଲିଥିନ ବିକ୍ରି, ଉତ୍ପାଦନ, ଗଚ୍ଛିତ କରି କରୁଥିବା ସଂସ୍ଥା କିମ୍ବା ବ୍ୟବସାୟୀ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧ ମାସ ମଧ୍ୟରେ ସେଗୁଡିକୁ ନଷ୍ଟ କରିବାକୁ କୁହାଯାଇଥିଲା। କଟକଣା ଲାଗୁ ହେବାର କିଛି ମାସ ମଧ୍ୟରେ ଧରପଗଡ଼ ଜୋର୍‌ଦାର ହୋଇଥିଲା। ୨୦୧୯ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୯.୨୦ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ୨୧ ହଜାର ୮୪୬ କିଲୋ ପଲିଥିନ୍ ଜବତ ହୋଇଥିଲା। ଜଗତ୍‌ସିଂହପୁର ଜିଲାରେ ୬୦ କେଜି ପଲିଥିନ୍ ଜବତ ହୋଇଥିବାବେଳେ ବୌଦ୍ଧ ୭୬, ନୂଆପଡ଼ା ୧୧୭, ନବରଙ୍ଗପୁର ୧୩୧, ବାଲେଶ୍ୱର ୧୨୯ ଏବଂ ଦେବଗଡ଼ରେ ୫ କେଜି ଜବତ ହୋଇଥିଲା। ତେବେ ଅନ୍ୟ ୧୮ଟି ଜିଲାରେ ୧୦ କେଜିରୁ କମ୍ ପଲିଥିନ୍ ଜବତ ହୋଇଥବା ଜଣାପଡ଼ିଛି। ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା ଓ ସମ୍ବଲପୁର ଜିଲାରୁ ଆଦୌ ପଲିଥିନ୍ ଜବତ ହୋଇନାହିଁ କିମ୍ବା ଜରିମାନା ଆଦାୟ ହୋଇନାହିଁ। କଟକଣା ଘୋଷଣା ହେବାର କେଇଦିନ ମଧ୍ୟରେ ଧରପଗଡ଼ ଜୋରଦାର କରାଯାଇଥିଲା। ସାଧାରଣ ଲୋକେ ଓ ବ୍ୟବସାୟୀମାନେ ଜରିମାନା ଭୟରେ ପଲିଥିନ ବ୍ୟବହାର ବନ୍ଦ କରି ଦେଇଥିଲେ। ତେବେ କରୋନା ଲକ୍‌ଡାଉନ ଓ ଶଟ୍‌ଡାଉନ ପରେ ପଲିଥିନ ବ୍ୟବହାର ପୁଣି ବଢ଼ିଯାଇଛି। କଟକଣା କଡ଼ାକଡ଼ି ପାଳନ ହେଉ ନ ଥିବାରୁ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସାଧାରଣ ଲୋକ ମଧ୍ୟ ବିନା ସଙ୍କୋଚରେ ବ୍ୟବହାର କରିଚାଲିଛନ୍ତି। ଏ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, କରୋନା ସଂକ୍ରମଣ ମୁକାବିଲା କାର୍ଯ୍ୟରେ କର୍ମଚାରୀମାନେ ବ୍ୟସ୍ତ ରହିଛନ୍ତି। ତେବେ ପଲିଥିନ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ପୌରସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନାୟକ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – କୃତ୍ତିକା ନକ୍ଷତ୍ରର ଅତି ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଅବଶ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ।

**ବୃଷ** – ଆର୍ଥିକ ସମସ୍ୟା କେତେକ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ,ବ୍ୟବସାୟ, ସାମ୍ବାଦିକତା ପ୍ରଭୃତିରେ ଉନ୍ନତି କରିବେ। କୌଣସି ବନ୍ଧୁ ସାହାଯ୍ୟ କରିବାକୁ ଅନୁରୋଧ କରିପାରନ୍ତି। ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟରୁ ଉପକୃତ ହେବେ।

**ମିଥୁନ** – ଅର୍ଥ ଲାଭ କାରଣରୁ ମନ ଭଲ ରହିବ ଓ କାମ ଗୁଡିକ ମଧ୍ୟ ଶୃଙ୍ଖଳିତ ହୋଇଯିବ। ଆରଦ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଉପରିସ୍ଥ ପଦାଧିକାରୀଙ୍କ ନିର୍ଦ୍ଦେଶରେ ଦୂରଯାତ୍ରାର ସୁଯୋଗ ପାଇବେ। ପୁଷ୍ୟା ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାର୍ଯ୍ୟରୁ ସଫଳତା ମିଳିବ।

**ସିଂହ** – ପୂର୍ବାଫାଲଗୁନୀ ନକ୍ଷତ୍ର ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ବନ୍ଧୁଗହଣରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କନ୍ୟା** – ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆତ୍ମୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** – କର୍ମକ୍ଷେତ୍ରରେ ତରବର ହୋଇ କିଛି କାମ କରନ୍ତୁ ନାହିଁ, ଯାହା କି କାମକୁ ବିଗାଡି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ପ୍ରିୟ ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଅନୁରାଧା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** – ଆଜିର ପ୍ରତ୍ୟୁଷ ଯାତ୍ରା ସମୟରେ ସତର୍କତା ଅଭାବରୁ ଧନ ହାନି ଘଟି ପାରେ। କଠିନଶ୍ରମ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ମୂଳା ନକ୍ଷତ୍ର ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** – ଉତ୍ତରାଷାଢା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** – ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ଶତଭିଷା ନକ୍ଷତ୍ର ସକାଶେ ବନ୍ଧୁଙ୍କ ନିକଟରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** – ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସମର୍ଥ ହେବେ। ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଲାନ୍ତିବୋଧ କରିବେ। ରେବତୀ ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯାଇପାରେ। ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଦଶମୀ ବୁଧବାର, ମାସାନ୍ତ, ଜୁଲାଇ ୧୫ ତାରିଖ, ବିଶ୍ୱ ଯୁବ କୌଶଳ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭.୫୭ମି. ଗତେ ଘ.୧୧.୨୬ମି. ମଧ୍ୟେ, ଅପରାହ୍ନ ଘ.୦୨.୦୩ମି. ଗତେ ଘ.୦୫.୩୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୧୦.୦୩ମି. ମଧ୍ୟେ, ରାତ୍ରି ଘ.୧୨.୧୪ମି. ଗତେ ଘ.୦୧.୪୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁକାଳ।




# ସରକାରଙ୍କ ବିରୋଧରେ ୨୧ ଲୋକ ସଭା କ୍ଷେତ୍ରକୁ ଯିବ ଭାଜପା

ଭୁବନେଶ୍ୱର,୧୪।୭(ବ୍ୟୁରୋ)

କୃଷକର ଆୟକୁ ୨୦୨୨ ମସିହା ସୁଦ୍ଧା ଦୁଇଗୁଣା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ବିଭିନ୍ନ କୃଷକ କଲ୍ୟାଣ ଯୋଜନା ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଅଥବା ବ୍ୟର୍ଥତା ଯୋଗୁ ରାଜ୍ୟର ଚାଷୀ ସେସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି । ପିଏମ୍ କିଷାନ ଯୋଜନାରେ ବାର୍ଷିକ ୬ ହଜାର ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ଆସୁଥିବା ବେଳେ ରାଜ୍ୟ ସରକାର ପ୍ରକୃତ ଚାଷୀ ତାଲିକା କେନ୍ଦ୍ରକୁ ନ ଦେବା ଯୋଗୁ ଲକ୍ଷ ଲକ୍ଷ ଚାଷୀ ଉକ୍ତ ଯୋଜନାରେ ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି । ଏପରିକି କରୋନା ସମୟରେ ଯେଉଁ ଅଗ୍ରିମ ୨ କୋଟି ଟଙ୍କା ଆସୁଥିଲା, ତାହା ରାଜ୍ୟ ସରକାରଙ୍କ ବିଫଳତା ପାଇଁ ପ୍ରଥମେ ଚାଷୀଙ୍କୁ ମଧ୍ୟ ମିଳିଲା ନାହିଁ ବୋଲି ଭାଜପା କୃଷକ ମୋର୍ଚ୍ଚାର ଏକ ବିଶେଷ ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ନିର୍ବାଚନ ବୈତରଣୀ ପାରହେବା ପାଇଁ କାଳିଆ ଯୋଜନାକୁ ଅସ୍ତ୍ରରୂପେ ବ୍ୟବହାର କରିଥିଲେ, ଏବେ ତାହା ଦିଗହରା ହେଉଥିବାବେଳେ ପୁଣି ଚାଷୀଙ୍କୁ ଭଣ୍ଡାଇବା ପାଇଁ 'ବଳିଆ' ଯୋଜନା ଆଉ ଏକ ଭେଳିକି ବୋଲି ପୁରୋହିତ ଅଭିଯୋଗ କରିଛନ୍ତି । ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ ଉକ୍ତ ବୈଠକରେ କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ସରକାର ଚାଷୀଙ୍କୁ ଯୋଗାଇଥିବା ବିହନ ସମ୍ପୂର୍ଣ୍ଣ ନିମ୍ନମାନର ଏବଂ ତାହା ପୁଣି ଗଜା ହେଉନି ବୋଲି ଅଭିଯୋଗ କରିଛନ୍ତି । ସରକାରଙ୍କ ବିଫଳତାକୁ ନେଇ ଓଡ଼ିଶାର ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ ଆସନ୍ତା ୩୧ ସୁଦ୍ଧା କୃଷକ ସମ୍ବାଦ ଭର୍ଚୁଆଲ ରାଲି ମାଧ୍ୟମରେ ଚାଷୀଙ୍କୁ ଅବଗତ ଏବଂ ସଚେତନ କରିବାକୁ କମିଟି ଗଠନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରଥ ବିଶ୍ୱାଳ ଉକ୍ତ ରାଲିକୁ ସଂଯୋଜନା କରିବେ । କୃଷକ ମୋର୍ଚ୍ଚାର ୨୧ ଜଣ ବରିଷ୍ଠ ପଦାଧିକାରୀଙ୍କୁ ସଂସଦୀୟ କ୍ଷେତ୍ରରେ କୃଷକ ସମ୍ବାଦ ରାଲିକୁ ସଞ୍ଚାଳନ କରିବା ପାଇଁ ବୈଠକରେ ଦାୟିତ୍ୱ ଅର୍ପଣ କରାଗଲା ।

## ଆଦିତ୍ୟ ଦାଶଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି

କଟକ ଅଫିସ,୧୪।୭

କଟକର ସାମାଜିକ ସଙ୍ଗଠନ ଜୀବନ କଲ୍ୟାଣ ଫାଉଣ୍ଡେଶନ ପକ୍ଷରୁ ମାନବପ୍ରେମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଆଗାମୀ ଦିନରେ ସାମାଜିକ ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସୁରକ୍ଷା ଦୃଷ୍ଟିରୁ ଦେଶର ସମସ୍ତ ସାମାଜିକ ସଙ୍ଗଠନ ଏକତ୍ରିତ ହୋଇ ଏହି ଦାବି ଉପସ୍ଥାପନା କରିବା ପାଇଁ ଜୀବନ କଲ୍ୟାଣ ଫାଉଣ୍ଡେଶନ ଆହ୍ୱାନ ଦେଇଛି ।

THANKS TO ALL HAVING TRUST US FROM LAST 10 YEARS
ORIGINAL NAVRATNA BHAVISHYA
LIVE NEPAL 1 TV & 24 X 7 NEWS
Lucky Yantra In Every 15 Minutes
Check Your Lucky Yantra on NEPAL 1 TV
DTH Platform Channel No.
TATA SKY - 1956
DISH TV - 1537
VIDEOCONE - 848
AIRTEL - 672
BIG TV - 783
SUN - 693
also available on Jain HITS - 949 & AO TV (Mobile Arlin ) A
CHECK YOUR LUCKY YANTRA ON 24 X 7 NEWS
DTH Platform Channel No.
AIRTEL - 362 GTPL - 250
DD DIRECT - 102 F W - 193
DEN - 316 SITI - 372
HATHW@Y - 210 JIO TV -
VIDEOCON - 335 ADARSH CABLE - 432

| 14.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 93 | 41 | 58 | 96 |
| 09.00 | 11 | 13 | 19 | 88 |
| 09.30 | 97 | 89 | 42 | 59 |
| 10.00 | 01 | 78 | 04 | 80 |
| 10.30 | 87 | 53 | 24 | 72 |
| 11.00 | 42 | 77 | 94 | 40 |
| 11.30 | 01 | 05 | 36 | 60 |
| 12.00 | 37 | 91 | 26 | 04 |
| 12.30 | 50 | 21 | 20 | 44 |
| 01.00 | 44 | 80 | 97 | 63 |
| 01.30 | 12 | 85 | 14 | 92 |
| 02.00 | 99 | 23 | 81 | 11 |
| 02.30 | 13 | 64 | 46 | 74 |
| 03.00 | 39 | 50 | 00 | 91 |
| 03.30 | 36 | 95 | 06 | 61 |
| 04.00 | 23 | 32 | 17 | 19 |
| 04.30 | 49 | 53 | 17 | 35 |
| 05.00 | 63 | 71 | 69 | 18 |
| 05.30 | 47 | 58 | 03 | 42 |
| 06.00 | 54 | 06 | 63 | 44 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
navratnayantracoupon.com
goldennavratnacoupon.com

## ଆଇପିଏସ୍ ଅଫିସର୍ ସ୍ତରରେ ଅଦଳବଦଳ

# ଟ୍ୱିନ୍ ସିଟିରେ ନୂଆ ଡିସିପି


ଉମାଶଙ୍କର ଦାଶ ।


ପ୍ରତୀକ ସିଂ ।

- ଉମାଶଙ୍କର ଭୁବନେଶ୍ୱର, ପ୍ରତୀକ କଟକ
- ବଦଳିଲେ ୬ ଜିଲା ଏସ୍‌ପି
- ସତ୍ୟଜିତ୍ ଅଗ୍ନିଶମ, ହୋମ୍‌ଗାର୍ଡ ଡିଜି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

କରୋନା ସମୟରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସରକାରଙ୍କ ପକ୍ଷରୁ ୧୧ଜିଲାରେ ୨ଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍ ହେଉଛି। ଭୁବନେଶ୍ୱର ଏବଂ କଟକରେ ମଧ୍ୟ ଶଟ୍‌ଡାଉନ୍ ଜାରି ରହିଛି। ରାତି ୯ଟାରୁ ଭୋର ୫ଟା ପର୍ଯ୍ୟନ୍ତ ମଧ୍ୟ କର୍ଫ୍ୟୁ ବଳବତ୍ତର ରହିଛି। ଏହି ସମୟରେ ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ଅଫିସର୍ ସ୍ତରରେ ମଙ୍ଗଳବାର ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। କଟକ-ଭୁବନେଶ୍ୱରରେ ନୂଆ ଡିସିପିଙ୍କ ସମେତ ୬ଜିଲା ଏସ୍‌ପି ଓ ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ମଧ୍ୟ ଅଦଳବଦଳ କରାଯାଇଛି। ଭୁବନେଶ୍ୱର ଏବଂ କଟକ ଟ୍ୱିନ୍ ସିଟି ପାଇଁ ଦୁଇ ନୂଆ ଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ପୁରୀ ଏସ୍‌ପି ଥିବା ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର୍ ଉମାଶଙ୍କର ଦାଶଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ୨୦୧୪ ବ୍ୟାଚ ତଥା କନ୍ଧମାଳ ଏସ୍‌ପି ପ୍ରତୀକ୍ ସିଂଙ୍କୁ କଟକ ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ଏଥିସହ ୬ଜିଲାର ଏସ୍‌ପିଙ୍କ ସମେତ ୧୬ ବରିଷ୍ଠ ଆଇପିଏସ୍ ଏବଂ ଦୁଇ ଜଣ ଓପିଏସ୍‌ଙ୍କୁ ବଦଳି କରାଯାଇଛି।

ଡେପୁଟେଶନ୍‌ରୁ ଫେରିଥିବା ୧୯୮୮ ବ୍ୟାଚର ଆଇପିଏସ୍ ଏମ୍.ଅକ୍ଷୟଙ୍କୁ ଓଡ଼ିଶା ପୋଲିସ ହାଉସିଂ ୱେଲ୍‌ଫେୟାର କର୍ପୋରେଶନ୍ ସିଏମ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗୋଇନ୍ଦା ଡିଜି ଥିବା ସତ୍ୟଜିତ୍ ମହାନ୍ତିଙ୍କୁ ଅଗ୍ନିଶମ ଏବଂ ହୋମ୍ ଗାର୍ଡ ଡିଜି ଭାବେ ନିଯୁକ୍ତ କରାଯାଇଛି। ପୋଲିସ ହାଉସିଂ ୱେଲଫେୟାର କର୍ପୋରେଶନ୍ ସିଏମ୍‌ଡି ଥିବା ଲଳିତ ଦାଶଙ୍କୁ ଏଡିଜି କମ୍ୟୁନିକେଶନ, ସ୍ୱତନ୍ତ୍ର ଗୋଇନ୍ଦା ନିର୍ଦ୍ଦେଶକ ଥିବା ଆର.କେ. ଶର୍ମାଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଆଇନ ଶୃଙ୍ଖଳା ଏଡିଜି ଥିବା ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏଡିଜି, ଆଇଜି ପର୍ସୋନେଲ ଥିବା ଏସ୍. ପ୍ରବୀଣ କୁମାରଙ୍କୁ ଆଇନ ଶୃଙ୍ଖଳା ଆଇଜି ଦାୟିତ୍ୱ ମିଳିଛି। କମିଶନରେଟ ପୋଲିସରେ ଅତିରିକ୍ତ ପୋଲିସ କମିଶନର ତଥା ଡିସିପି ଥିବା ଅନୁପ ସାହୁଙ୍କୁ ଗୋଇନ୍ଦା ଡିଆଇଜି ଦାୟିତ୍ୱ ମିଳିଛି। ସେହିପରି ଭିଜିଲାନ୍ସ ଏସ୍‌ପି ଥିବା ସାର୍ଥକ ଷଡ଼ଙ୍ଗୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି, କଟକ ଡିସିପି ଅଖିଳେଶ୍ୱର ସିଂଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଛି। ଗଜପତି ଏସ୍‌ପି ଶାରା ଶର୍ମାଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି କରାଯାଇଛି। ନୂଆପଡ଼ା ଏସ୍‌ପି ଥିବା ଭିନିତ୍ ଅଗ୍ରୱାଲଙ୍କୁ କନ୍ଧମାଳ ଏସ୍‌ପି, ଟ୍ୱିନ୍ ସିଟି ଟ୍ରାଫିକ୍ ଡିସିପି ଥିବା ସାଗରିକା ନାଥଙ୍କୁ ସୁନ୍ଦରଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି। ସୁନ୍ଦରଗଡ଼ ଏସ୍‌ପି ଥିବା ସୌମ୍ୟା ମିଶ୍ରଙ୍କୁ ଟ୍ୱିନ୍ ସିଟି ଟ୍ରାଫିକ ଡିସିପି ଭାବେ ନିଯୁକ୍ତି ଦିଆଯାଇଛି। ଦେଓଗଡ଼ ଏସ୍‌ପି ଥିବା ରାହୁଲ ଜୈନଙ୍କୁ ନୂଆପଡ଼ା ଏସ୍‌ପି, ଏଆଇଜି ମୁଖ୍ୟାଳୟରେ ଥିବା ଏସ୍.ସି.ଜମାଦାରଙ୍କୁ ସୁନ୍ଦରଗଡ଼ ଏସ୍‌ପି ଏବଂ କ୍ରାଇମ୍‌ବ୍ରାଞ୍ଚ ସିଆଇଡି ଏସ୍‌ପି ଥିବା ତପନ କୁମାର ପଟ୍ଟନାୟକଙ୍କୁ ଗଜପତି ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ପଦବୀରେ ନିଯୁକ୍ତି ପାଇଥିବା ଅଧିକାରୀମାନେ ଖୁବ୍ ଶୀଘ୍ର ନିଜ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

KHADI AND VILLAGE INDUSTRIES COMMISSION
Ministry of Micro, Small & Medium Enterprises, Govt. of India
Gramodaya, 3 Irla Road, Vile Parle (W), Mumbai- 400 056
Tel: 022-26713538, Website: www.kvic.org.in
Email: legaltrademark.kvic@gov.in

CAUTION NOTICE

KHADI AND VILLAGE INDUSTRIES COMMISSION (KVIC), Ministry of MSME, Govt. of India, is the owner and proprietor of the word mark KHADI and its formative marks like —

Khadi India

In view of the above, it is hereby cautioned that any unauthorized use of any marks, words or labels similar, deceptively similar or identical to the above by members of the trading/manufacturing community would call for appropriate legal action as per the provisions of the Trade Marks Act, 1999 to prevent such misuse. For further details contact- legaltrademark.kvic@gov.in

DY.CHIEF EXECUTIVE OFFICER (LEGAL AFFAIRS)

# କମିଟି କରି ତଦନ୍ତ କର: ଏନ୍‌ଜିଟି

ଯାଜପୁର ଅଫିସ,୧୪।୭

## ମସୁଦପୁର ବାଲିଘାଟରୁ ବେଆଇନ ଉତ୍ତୋଳନ

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ବିଭିନ୍ନ ବାଲି ଖାଦାନରେ ବେଆଇନ ଉତ୍ତୋଳନ ଅଣାୟତ୍ତ ହେବାରେ ଲାଗିଛି। ଏଥିରେ ପ୍ରଭାବିତ ଅଞ୍ଚଳବାସୀ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବାରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହେଉଛନ୍ତି। ଏହି କ୍ରମରେ ବ୍ୟାସନଗର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ମସୁଦପୁର ମୌଜାରେ ବେଆଇନ ବାଲି ଖାଦାନ ସଂକ୍ରାନ୍ତରେ ଏନ୍‌ଜିଟିରେ ଏକ ମାମଲା (କେସ୍ ନମ୍ବର-୪୮/୨୦୨୦/ଇଜେଡ)ରୁଜୁ ହୋଇଛି। ଗତ ୧୦ ତାରିଖରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଏସ୍. ପି. ୱାଙ୍ଗଡି ଓ ଏକ୍ସପର୍ଟ ମେମ୍ବର ଡ. ନଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ୱତନ୍ତ୍ର କମିଟି କରି ଅଭିଯୋଗର ତଦନ୍ତ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଟିରେ ଜିଲାପାଳଙ୍କ ସମେତ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ (ଡିଡିଏମ୍) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପ୍ରତିନିଧିଙ୍କୁ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଯଦି ଅଭିଯୋଗରେ ସତ୍ୟତା ରହିଥାଏ ତେବେ ଆଇନ ଅନୁସାରେ ବେଆଇନ ଖାଦାନ ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହ ଉତ୍ତୋଳନରେ ବ୍ୟବହୃତ ମେଶିନ, ଯନ୍ତ୍ରାଂଶ, ଗାଡ଼ି ଜବତ କରିବାକୁ ନିର୍ଦ୍ଦେଶ ହୋଇଛି। ମସୁଦପୁର ଗ୍ରାମର ପିନାକ ରଞ୍ଜନ ଦାସଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ଏନ୍‌ଜିଟିରେ ଏହି ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗରେ ଦର୍ଶାଯାଇଛି ଯେ, ଖରସ୍ରୋତାରୁ ବେଆଇନ ବାଲି ପରିବହନ ଯୋଗୁ ଜଳସ୍ରୋତ ବାଧାପ୍ରାପ୍ତ ହେବା ସହ ପରିବେଶ ସନ୍ତୁଳନ ବିଗୁଡ଼ିଛି। ସେହିପରି ଗ୍ରାମ୍ୟ ରାସ୍ତା ନଷ୍ଟ ହେଉଛି। ରାଜସ୍ୱ କ୍ଷତି ହେବା ସହ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଓ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ନଦୀବନ୍ଧ ମଧ୍ୟ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏହାର ଶୁଣାଣି କରି ତଦନ୍ତ ରିପୋର୍ଟ ଦାଖଲ କରିବା ସହିତ ଆସନ୍ତା ୨୧।୯।୨୦୨୦ ତାରିଖକୁ ପରବର୍ତ୍ତୀ ତାରିଖ ନିର୍ଦ୍ଧାରଣ ହୋଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଶରତଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ଏନ୍‌ଜିଟି ନିର୍ଦ୍ଦେଶ ଏଯାଏ ସେ ପାଇନାହାନ୍ତି। ତେଣୁ ସେ ମସୁଦପୁର ମୌଜାରେ ଚାଲିଥିବା ବାଲି ଖାଦାନ ସଂକ୍ରାନ୍ତରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି।

के आई ओ सी एल लिमिटेड
KIOCL LIMITED
(A Government of India Enterprise)
CIN-L13100KA1976GO1002974
KUDREMUKH

Advt.No.HR/02/638 (A) Date: 15.07.2020

KIOCL Limited, Schedule 'A' Miniratna, 100% EOU, profit making CPSE, invites applications for the post of Electrical Engineers on Tenure Contract Basis

| Post | Minimum experience | No of Post |
|---|---|---|
| Electrical Engineers-On tenure contract basis | 5 Years & above | 6 |

Applications to be submitted online only.
For details visit Website www.kioclltd.in
The last date for submission of application is 10.08.2020
Corrigendum, if any, would be published in our website only.

MCL MAHANADI COALFIELDS LIMITED
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Tel. (EPABX) : 0663-2542461 to 469 Website : www.mahanadicoal.in

NOTICE

All the tenders issued by CIL and its Subsidiaries for procurement of Goods, Works and Services are available on website of Coal India Ltd www.coalindia.in, respective subsidiary Company, (MCL,www.mahanadicoal.in), CIL e-Procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in

R-5000

ODISHA SPACE APPLICATIONS CENTRE (ORSAC)
(Dept. of Science & Technology, Govt. of Odisha)
Plot No. 45/48, Jayadev Bihar, Bhubaneswar

RECRUITMENT NOTICE No. 01/20

No. CAD-260: The written & practical test scheduled on 17.07.2020 for Accounts Officer is hereby postponed and rescheduled to 12.08.2020 due to COVID-19 pandemic. Other terms and conditions remain unchanged.
For details, please visit http://www.orsac.gov.in or www.odisha.gov.in.

Chief Executive
OIPR-28007/11/0002/2021

DSPL - 22



ନିବେଦନ

ଗୁରୁତର କରୋନା ସଂକ୍ରମିତଙ୍କୁ ଆରୋଗ୍ୟ କରିବା ଆଜି ଆମ ପାଇଁ ସବୁଠାରୁ ବଡ ଆହ୍ୱାନ। ଆରୋଗ୍ୟ ବ୍ୟକ୍ତିଙ୍କର ପ୍ଲାଜ୍‌ମା ଦ୍ୱାରା ଗୁରୁତର ରୋଗୀଙ୍କ ଚିକିତ୍ସା କରାଗଲେ ସେମାନେ ଦ୍ରୁତ ଆରୋଗ୍ୟଲାଭ କରୁଥିବାରୁ ଏହି ଚିକିତ୍ସା ପଦ୍ଧତିକୁ ଭାରତର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ମଧ୍ୟ ସୁପାରିଶ କରିଛନ୍ତି। ଖୁସିର କଥାଯେ, ଆମ ରାଜ୍ୟରେ ଇତି ମଧ୍ୟରେ ୯୦୦୦ରୁ ଅଧିକ ବ୍ୟକ୍ତି କରୋନାରୁ ଆରୋଗ୍ୟଲାଭ କରିସାରିଛନ୍ତି। ଜଣେ ଆରୋଗ୍ୟ ବ୍ୟକ୍ତି ସୁସ୍ଥ ହେବାର ୪ ସପ୍ତାହ ପରେ ପ୍ଲାଜ୍‌ମା ଦାନ କରି ଦୁଇଜଣ କରୋନା ରୋଗୀଙ୍କୁ ନୂଆ ଜୀବନ ଦେଇପାରିବେ। ନିଜେ ପ୍ଲାଜ୍‌ମା ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସିବାକୁ କରୋନା ସଂକ୍ରମଣରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR_10003/13/0010/2021



କରନ୍ତୁ ପ୍ଲାଜ୍‌ମା ଦାନ
ବଞ୍ଚାନ୍ତୁ ଅମୂଲ୍ୟ ଜୀବନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ-ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ ତତ୍ତ୍ୱଗୁଡ଼ିକ ଆବିଷ୍କାର ଓ ଅନୁଶୀଳନ କରିପାର- ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ ତୁଦାମାରି ଯାଇପାର। -ଶ୍ରୀମା



# ଭାରତରେ ଗୁଗଲ୍

ଇଣ୍ଟରନେଟ୍‌ର ସର୍ବେସର୍ବା ଭାବେ ପରିଚିତ ଗୁଗଲ୍ ଇଙ୍କ୍ ଆସନ୍ତା ୫ରୁ ୭ ବର୍ଷ ମଧ୍ୟରେ ଭାରତରେ ୧୦ ବିଲିୟନ ଡଲାର ବା ୭୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବୋଲି ଗୁଗଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଓଇ) ସୁନ୍ଦର ପିଚାଇ ଘୋଷଣା କରିଛନ୍ତି। ଏହି ପାଣ୍ଠି ଜରିଆରେ ଗୁଗଲ୍ ଭାରତରେ ଇକ୍ୱିଟି, ସହଭାଗିତା, ପରିଚାଳନା, ଭିତ୍ତିଭୂମି ତଥା ଇକୋସିଷ୍ଟମ୍‌ରେ ନିବେଶ କରିବ। ଭାରତର ଡିଜିଟାଲ କ୍ଷେତ୍ରରେ ଟ୍ରାନ୍ସଫର୍ମେଶନ ବା ରୂପାନ୍ତରଣ ଆଣିବ ବୋଲି ପିଚାଇ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପିଚାଇ ୧୩ ଜୁଲାଇରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ଭର୍ଚୁଆଲ ସାକ୍ଷାତ୍‌କାରରେ ଏହା ପ୍ରକାଶ କରିଛନ୍ତି। ଭାରତ ସରକାରଙ୍କ ତରଫରୁ ପିଚାଇଙ୍କୁ ଦିଆଯାଇଥିବା ଗୁରୁତ୍ୱ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ଅର୍ଥ କେବେ ଆସିବ ଏବଂ କେଉଁସବୁ କମ୍ପାନୀରେ କିଭଳି ବିନିଯୋଗ ହେବ ସେ ସମ୍ପର୍କରେ କୌଣସି ସୂଚନା ନ ମିଳିବା ହେତୁ ସନ୍ଦେହ ସୃଷ୍ଟି ହେଉଛି। ଉଲ୍ଲେଖନୀୟ ଯେ, ଫେସ୍‌ବୁକ୍ ମଧ୍ୟ ଭାରତରେ ୫ ବିଲିୟନ୍‌ରୁ ଊର୍ଦ୍ଧ୍ୱ ଆମେରିକୀୟ ଡଲାର ନିକଟରେ ବିନିଯୋଗ କରିଛି। ଏହି ବିରାଟକାୟ ଅର୍ଥ ସମ୍ପୂର୍ଣ୍ଣଭାବେ ରିଲାଏନ୍ସ ଜିଓରେ ଲାଗିଥିବା ବେଳେ ଗୁଗଲ୍ ମଧ୍ୟ ୪ ବିଲିୟନ୍ ଡଲାର ଜିଓରେ ଲଗାଇବ ବୋଲି ଆଲୋଚନା ହେଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁୟାରୀରେ ଆମାଜନ୍ ମାଲିକ ତଥା ପୃଥିବୀର ଅନ୍ୟତମ ଧନୀ ବ୍ୟକ୍ତି ଜେଫ୍ ବେଜୋସ୍ ଭାରତ ଗସ୍ତରେ ଆସି ବ୍ୟବସାୟ କରିବାର ପ୍ରସ୍ତାବ ଆଣିଥିଲେ। ପ୍ରାରମ୍ଭିକ ସ୍ତରରେ ଆମାଜନ୍ ୧ ବିଲିୟନ୍ ଡଲାର ବିନିଯୋଗ କରି ୧୦ ଲକ୍ଷ ଚାକିରି ସୃଷ୍ଟି କରିଥାନ୍ତା। ଆମାଜନ୍‌ର ବ୍ୟବସାୟରେ ଭିଡିଓ, ସିନେମା, ସାମଗ୍ରୀ ପ୍ରସ୍ତୁତି ଏବଂ ବିକ୍ରି, ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି), ଦକ୍ଷତା ବିକାଶ ଭଳି ଅନେକ ଶିଳ୍ପ ଭାରତରେ ଗଢ଼ିବା ପାଇଁ ବେଜୋସ୍ ପ୍ରତିଶ୍ରୁତିବଦ୍ଧ ହୋଇ ଆସିଥିଲେ। ଭାରତୀୟ କମ୍ପାନୀ ଯାହା କରନ୍ତି ନାହିଁ ତାହାର ବିପରୀତ ପନ୍ଥା ଆମେରିକୀୟ କମ୍ପାନୀଗୁଡ଼ିକ କରିଥାନ୍ତି। ପ୍ରତିଶ୍ରୁତି ଅନୁଯାୟୀ ବେଜୋସ୍‌ଙ୍କ ୧ ବିଲିୟନ୍ ଡଲାର କିଛି ମାସ ପରେ ଭାରତକୁ ଆସିଥାନ୍ତା। ଏଥିସହିତ କୋଭିଡ୍ ରୋଗ ଏବଂ ଅର୍ଥନୀତି ଭୁଶୁଡ଼ି ପଡୁଥିବା ବେଳେ ଭାରତୀୟ ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଥାନ୍ତା। ଆଶ୍ଚର୍ଯ୍ୟର କଥା ହେଲା ଯେ, ବେଜୋସ୍ ଦିଲ୍ଲୀରେ ପହଞ୍ଚିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ତାଙ୍କ ସରକାରଙ୍କ କେହି ଜଣେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ଆମାଜନ୍ ମାଲିକଙ୍କୁ ଭେଟିବାକୁ ସମୟ ଦେଲେ ନାହିଁ। କେବଳ ସେତିକି ନୁହେଁ, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ୍ ଗଣମାଧ୍ୟମ ଦ୍ୱାରା ଦେଶକୁ ଜଣାଇଲେ ଯେ, ଆମାଜନ୍ ଭଳି କମ୍ପାନୀ ଭାରତକୁ ଦୟା କରୁନାହିଁ। ଏହା ପଛରେ ଅଭିସନ୍ଧିମୂଳକ ଉଦ୍ଦେଶ୍ୟ ଥିଲାଭଳି ମନେହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମାଜନ୍‌ର କହିବା ଅନୁଯାୟୀ ବିନିଯୋଗ ହେବାକୁ ଥିବା ସବୁ ଅର୍ଥ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସୃଷ୍ଟି କରିବାରେ ଲାଗିଥାନ୍ତା। ଆମାଜନ୍‌ର ଭାରତ ବଜାରରେ ପ୍ରବେଶ ହୋଇଯାଇଥିଲେ ଭାଜପାକୁ ବିଭିନ୍ନ ରୂପରେ ସମର୍ଥନ ଯୋଗାଉଥିବା ଏକ ବିରାଟକାୟ ଭାରତୀୟ କମ୍ପାନୀ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥାନ୍ତା। ସିଧାସଳଖ ଚାକିରି ଯୋଗାଇବା ବ୍ୟତୀତ ଆମାଜନ୍ ଦ୍ୱାରା ପ୍ରୋତ୍ସାହିତ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତା ଫଳରେ ସାଧାରଣ ଗ୍ରାହକ ମଧ୍ୟ ଅନେକ ଲାଭବାନ୍ ହୋଇଥାନ୍ତେ। ସବୁ ପ୍ରକାର ସାମଗ୍ରୀର ଦର ହ୍ରାସ ପାଇବା ସହିତ ମାନ ବୃଦ୍ଧି କରିବାକୁ ପଡ଼ିଥାନ୍ତା। ଏଠାରେ ମନେପଡ଼େ ପୁରୁଣା ଭାରତର କୋମଳ କାହାଣୀ। ଅନେକ ଦଶନ୍ଧି ଧରି ଏହି ଦେଶରେ କେବଳ ଆମ୍ବାସାଡର ଓ ଫିଆଟ୍ ଗାଡ଼ି ବିକ୍ରି ହେଉଥିଲା। ଗାଡ଼ି କିଣିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବା ସହିତ ଗ୍ରାହକଙ୍କୁ ବ୍ଲାକ୍ ବା ବିଲ୍‌ଠାରୁ ଅଧିକ ଅର୍ଥ ଦେଇ ଗାଡ଼ିଟିଏ ଚଲାଇବାକୁ ମିଳୁଥିଲା। ଅଳ୍ପ କିଛି ବର୍ଷ ପାଇଁ ଷ୍ଟାଣ୍ଡାର୍ଡ ହେରାଲ୍ଡ ଗାଡ଼ି ବଜାରକୁ ଆସିଥିଲା। ସେଥିରୁ ଆମ୍ବାସାଡର ଗାଡ଼ି ନିର୍ମାତା ବିର୍ଲା କମ୍ପାନୀର କୋପଦୃଷ୍ଟି ପଡ଼ିବାରୁ ତାହା ବନ୍ଦ ହୋଇଗଲା। ଯେଉଁ ସମୟ ପର୍ଯ୍ୟନ୍ତ ମାରୁତି ସୁଜୁକିର ପ୍ରବେଶ ଭାରତ ବଜାରରେ ହୋଇ ନ ଥିଲା ସେ ପର୍ଯ୍ୟନ୍ତ ଭାରତୀୟ ଗାଡ଼ିରେ ସିଟ୍ ବେଲ୍ଟ ବା ଉଜ୍ଜ୍ୱଳ ଆଲୋକ ଦେଖିବାକୁ ମିଳୁ ନ ଥିଲା। ଏହି ଉଦାହରଣରୁ ଜଣାପଡୁଛି ଯେ, ଆଧୁନିକ ଯୁଗରେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଉଭୟ ଦେଶ ଓ ଗ୍ରାହକ ପାଇଁ ମଙ୍ଗଳମୟ ହୋଇଥାଏ। ସମାଜବାଦ ନାମରେ ପୂର୍ବ କଂଗ୍ରେସ ସରକାର ଦ୍ୱାରା ଭାରତୀୟ ଶିଳ୍ପ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ଦମନ କରାଯାଉଥିଲା। ତାହା ଦ୍ୱାରା ସାଧାରଣ ନାଗରିକ ନିମ୍ନମାନର ସାମଗ୍ରୀ ପାଇ ସନ୍ତୁଷ୍ଟ ହେବାକୁ ବାଧ୍ୟ ହେଉଥିଲା। ଏବେ ଚିନ୍ତା କରାଯାଉଥିଲା ଯେ, ଏକଚାଟିଆ ବ୍ୟବସାୟୀଙ୍କ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ସରକାର ଚେଷ୍ଟିତ। ଦୁଃଖର ବିଷୟ ଯେ, ଦେଶର ହିତକୁ ଏଡ଼ାଇ ଦେଇ ହାତଗଣତି ବ୍ୟବସାୟୀଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କ ପାଖରେ ଅଧିକ ପୁଞ୍ଜି ବିନିଯୋଗ କରାଇବାରେ ଭାରତ ସରକାର ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ଏହା ଦେଶକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇବ। ସାଧାରଣ ଲୋକଙ୍କ ପାଇଁ କୌଣସି ନୂତନ ବାଟ ଖୋଲିବ ନାହିଁ କିମ୍ବା ଦେଶର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିପାରିବ ନାହିଁ। ଏହାଛଡ଼ା ଭାରତୀୟ ବଜାରରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ସେମାନଙ୍କ ପସନ୍ଦ ନାପସନ୍ଦ, ରାଜନୈତିକ ମତ ଏବଂ ଚିନ୍ତାଧାରା ହିଁ ବଡ଼ ଆଇଟି କମ୍ପାନୀଙ୍କ ପାଇଁ ସମ୍ପତ୍ତି ସଦୃଶ। ଗୁଗଲ୍ ଏବଂ ଫେସ୍‌ବୁକ୍ ଭଳି କମ୍ପାନୀ ଡାଟା ପ୍ରୋଟେକ୍ସନ ବା ତଥ୍ୟ ସୁରକ୍ଷା ଦିଗରେ ସେଭଳି ଆନ୍ତରିକତା ପୂର୍ବରୁ କେବେ ହେଲେ ଦେଖାଇ ନାହାନ୍ତି। ଆଗକୁ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଦେଖିଲା ବେଳକୁ ଲୋକଙ୍କ ବ୍ୟକ୍ତିଗତ ତଥ୍ୟର ବ୍ୟବହାର ଓ ତାହାର ନିରାପତ୍ତା ଏକ ବଡ଼ ପ୍ରସଙ୍ଗ ଭାବେ ଉଭାହେବ। ଇଣ୍ଟରନେଟ୍ ବ୍ୟବହାର କରୁଥିବା ଅନେକ କୋଟି ଭାରତୀୟଙ୍କ ସବୁ ତଥ୍ୟ କେବଳ ଦୁଇ ତିନୋଟି ବୃହତ୍ ଆଇଟି କମ୍ପାନୀ ହାତରେ ରହିବା କେତେ ନିରାପଦ ତାହା ମଧ୍ୟ ଚିନ୍ତାର ବିଷୟ।

# ଆମେ ପାରିବା



ପ୍ରକାଶ ତ୍ରିପାଠୀ

ଭାରତ ସରକାରଙ୍କ ପକ୍ଷରୁ ଚାଇନା ଉପରେ ଡିଜିଟାଲ୍ ଷ୍ଟ୍ରାଇକ୍ ଆରମ୍ଭ ହୋଇଛି। ଭାରତରେ ଅତି ଲୋକପ୍ରିୟ ଚାଇନା ପ୍ରସ୍ତୁତ ଭିଡିଓ ଶେୟାରିଂ ସୋସିଆଲ୍ ଆପ୍ ଟିକ୍‌ଟକ୍ ସମେତ ୫୯ଟି ଚାଇନା ଆପ୍‌କୁ କେନ୍ଦ୍ର ସରକାର ନିଷିଦ୍ଧ କରିଛନ୍ତି। ସାଂପ୍ରତିକ ସ୍ଥିତିରେ ଏହି ଆପ୍ ମାଧ୍ୟମରେ ଭାରତୀୟ ତଥ୍ୟ ଓ ଗୋପନୀୟତାର ଉଲ୍ଲଂଘନ ଆଶଙ୍କା କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ଆଇନର ଧାରା ୬୯ (କ) ଆଧାରରେ ଫୋନ୍ ନିର୍ମାତାଙ୍କୁ ସରକାରଙ୍କ ପକ୍ଷରୁ ଉକ୍ତ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସରକାରଙ୍କ ଏହି ନିଷେଧାଦେଶ ଫଳରେ ଟିକ୍‌ଟକ୍ ସହ ଅନ୍ୟ ଲୋକପ୍ରିୟ ଆପ୍ ଯଥା ଶେୟାର୍‌ଇଟ୍, ଜେଣ୍ଡର, ୟୁସି ବ୍ରାଉଜର, ହେଲୋ, ଭାଇରସ କ୍ଲିନର, କ୍ଲବ୍ ଫ୍ୟାକ୍ଟ୍ରି, ୱିଚାଟ୍, ୟୁସି ନିୟୁଜ, ସେଲ୍‌ଫିସିଟି, କ୍ୟାମ୍‌ସ୍କାନର୍, ଓଣ୍ଡର କ୍ୟାମେରା ଆଦି ଆଉ ଉପଲବ୍ଧ ହେବ ନାହିଁ।

ଏହି ଆପ୍‌ଗୁଡ଼ିକୁ ନିଷେଧ କରିବା ଦ୍ୱାରା ଚାଇନାକୁ ଏକ ଶିକ୍ଷା ମିଳିବ ନିଶ୍ଚିତ। କାରଣ ଏହିସବୁ ଆପ୍‌ର ଉପଭୋକ୍ତାଙ୍କ ମଧ୍ୟରେ ଭାରତୀୟ ଉପଭୋକ୍ତା ସଂଖ୍ୟା ସର୍ବାଧିକ। ଏହିସବୁ ଆପ୍‌ର ବିକଳ୍ପ ଏବେ ଉପଲବ୍ଧ ଥିବାରୁ ଭାରତୀୟମାନେ ଚାଇନା ଆପ୍‌ସ ବଦଳରେ ଅନ୍ୟ ଆପ୍‌କୁ ଗ୍ରହଣ କରିନେବେ। ଗଲ୍‌ୱାନ୍‌ଠାରେ ଭାରତ-ଚାଇନା ସୀମା ବିବାଦ ଓ ତଜ୍ଜନିତ ଭାରତୀୟ ସେନା ମୃତାହତ ଘଟଣା ଭାରତୀୟମାନଙ୍କ ମନରେ ଚାଇନାବିରୋଧୀ ଚିନ୍ତାଧାରା ଉଦ୍ରେକ କରିଛି। ଚାଇନା ପ୍ରସ୍ତୁତ ସାମଗ୍ରୀ ଓ ଆପ୍‌କୁ ବର୍ଜନ କରିବା ପାଇଁ ଦେଶବ୍ୟାପୀ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। 'ରିମୁଭ୍ ଚାଇନା ଆପ୍‌ସ' ନାମରେ ଏକ ଆପ୍‌ସ ଇଣ୍ଡିଆନ୍ ଫାର୍ମ ୱାନ୍‌ଟଚ୍ ଆପ୍ ଲାବ୍‌ସ ପକ୍ଷରୁ ପ୍ରସ୍ତୁତ ହେବା ପରେ ମାତ୍ର ଦୁଇ ସପ୍ତାହ ମଧ୍ୟରେ ପାଞ୍ଚନିୟୁତ ମୋବାଇଲ୍ ଫୋନ୍ ଉପଭୋକ୍ତାଙ୍କ ଦ୍ୱାରା ପ୍ଲେଷ୍ଟୋର୍‌ରୁ ଡାଉନ୍‌ଲୋଡ୍ ହେବା ହିଁ ଏହାର ବଳିଷ୍ଠ ପ୍ରମାଣ। ବର୍ତ୍ତମାନ ଭାରତୀୟ ଉପଭୋକ୍ତାମାନେ ସ୍ୱେଚ୍ଛାକୃତ ଭାବେ ଚାଇନା ଆପ୍ 'ହେଲୋ' ବଦଳରେ ଭାରତୀୟ ଆପ୍ 'ଶେୟାର୍‌ଚାଟ୍', 'ୟୁସିବ୍ରାଉଜର' ବଦଳରେ 'ଗୁଗ୍‌ଲ କ୍ରୋମ୍', 'କ୍ୟାମ୍‌ସ୍କାନର' ବଦଳରେ 'ଆଡୋବ୍ ସ୍କାନ୍', 'ଜେଣ୍ଡର' ବଦଳରେ 'ଫାଇଲ୍‌ସ (ଗୁଗଲ)', 'ପିୟୁଜିବି' ବଦଳରେ ଆମେରିକାନ୍ ଆପ୍‌ସ 'ଫର୍ଟିନେଟ୍', 'ଟିକ୍‌ଟକ୍' ବଦଳରେ ଆମେରିକାନ୍ ଆପ୍‌ସ 'ଟ୍ରିଲର' ସୁନ୍ଦର ଓ ଆକର୍ଷଣୀୟ ଫଟୋ ପ୍ରସ୍ତୁତ କରୁଥିବା ଚାଇନା ଆପ୍‌ସ 'ବିୟୁଟି ପ୍ଲସ୍' ଜାଗାରେ 'ବି୬୧୨' ଆଦି ଆପ୍‌ସକୁ ନିଜ ଫୋନ୍‌ରେ ଡାଉନ୍‌ଲୋଡ୍ କରି ବ୍ୟବହାର କରିବା ଆରମ୍ଭ କରିଦେଲେଣି। ଭାରତରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାରେ ବିଦ୍ୱାନଙ୍କ ସଂଖ୍ୟା କିଛି କମ୍ ନୁହେଁ। ବିଶ୍ୱର ପ୍ରତିଟି ପ୍ରମୁଖ ଆଇଟି କ୍ଷେତ୍ରରେ ଭାରତୀୟ ଆଇଟି ବିଶେଷଜ୍ଞ ସେବାରତ। ଚାଇନା ଆପ୍‌ସ ବଦଳରେ ଭାରତୀୟ ଆପ୍‌ସର ପ୍ରସ୍ତୁତି ଓ ସେଗୁଡ଼ିକୁ ଆହୁତି କରାଇବା ଦିଗରେ ସେମାନଙ୍କର ଅବଦାନ ଆଗାମୀ ଦିନରେ ନିଶ୍ଚିତ ଦେଖିବାକୁ ମିଳିବ।

୧୯୨୦ରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ। ବ୍ରିଟିଶ ଉତ୍ପାଦନକୁ ବ୍ୟବହାର ନ କରି ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରି ବ୍ରିଟେନ୍‌କୁ ଆର୍ଥିକ କ୍ଷତି ପହଞ୍ଚାଇବା ସେତେବେଳେ ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା। ଏହା ସ୍ୱାଧୀନତା ଆନ୍ଦୋଳନର ଏକ ପ୍ରମୁଖ ଅଂଶ ଥିଲା। ଜନସାଧାରଣ ଏହାଦ୍ୱାରା ଏପରି ଅନୁପ୍ରାଣିତ ହୋଇଥିଲେ ଯେ, କେବଳ ବିଦେଶୀ ସାମଗ୍ରୀ ତ୍ୟାଗ ନୁହେଁ, ବ୍ରିଟେନ ନିର୍ମିତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ବହିଷ୍କାର କରିଦେଲେ। ଏବେ ପରିସ୍ଥିତି ଭିନ୍ନ। ବ୍ରିଟେନ ସ୍ଥାନରେ ରହିଛି ଆମର ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ଚାଇନା। ନିଜର ଦୁରଭିସନ୍ଧି ପ୍ରଦର୍ଶନ କରି ଭାରତ ପାଇଁ ସାବ୍ୟସ୍ତ ହୋଇଛି ଏକ ଶତ୍ରୁରାଷ୍ଟ୍ର। ଭାରତୀୟ ବଜାରରୁ ଚାଇନାକୁ ହଠାତ୍ ଅପସାରଣ କରିବା ସମ୍ଭବ ନୁହେଁ। କାରଣ ଭାରତୀୟ ବଜାରରେ ଚାଇନା ନିବେଶକଙ୍କ ୨.୩୪ ବିଲିୟନ ଡଲାର ଉପଯୋଗ ହୋଇଥିବା ସରକାରୀ ଭାବେ କୁହାଯାଉଥିଲାବେଳେ କିଛି ଅର୍ଥନୀତି ବିଶାରଦ ଏହାକୁ ୬ ବିଲିୟନ ଡଲାରରୁ ଅଧିକ ହେବ ବୋଲି ମତ ରଖନ୍ତି। ଭାରତୀୟ ସ୍ମାର୍ଟଫୋନ୍ ବ୍ୟବସାୟରେ ଚାଇନାର ଭାଗୀଦାରି ୭୦%ରୁ ଊର୍ଦ୍ଧ୍ୱ। ଏପରିକି ଅନେକ ଭାରତୀୟ କମ୍ପାନୀରେ ଚାଇନାର ଅଂଶଧନ ସିଂହଭାଗ। କେବଳ ଭାରତୀୟ କମ୍ପାନୀ ନୁହେଁ, ଅନେକ ପାଶ୍ଚାତ୍ୟ ରାଷ୍ଟ୍ରର କମ୍ପାନୀରେ ମଧ୍ୟ ଚାଇନାର ପ୍ରମୁଖ ଭାଗୀଦାରି ରହିଛି। ଚାଇନାର ଜିଓମି, ଆଲିବାବା, ଟେନ୍‌ସେଣ୍ଟ, ଚୀନା ୟୁରେସିଆ ଇକୋନମିକ କର୍ପୋରେଶନ ଫଣ୍ଡ ଆଦି କମ୍ପାନୀ ଭାରତୀୟ ଷ୍ଟାର୍ଟଅପ୍‌ରେ ପ୍ରମୁଖ ଭାଗୀଦାର ରହିଥିଲା ବେଳେ ଭାରତୀୟ କମ୍ପାନୀ ଫ୍ଲିପ୍‌କାର୍ଟ, ସ୍ନାପ୍‌ଡିଲ୍, ବିଗ୍ ବାସ୍କେଟ୍, ସ୍ୱିଗି, ପେଟିଏମ୍, ଓଲା, ମେକ୍ ମାଇଁ ଟ୍ରିପ୍‌ରେ ମଧ୍ୟ ଚାଇନାର ପ୍ରମୁଖ ଅଂଶଧନ ରହିଛି। ତେଣୁ ରାତାରାତି ଚାଇନା ସମ୍ପୃକ୍ତି ଥିବା କୌଣସି ସାମଗ୍ରୀକୁ ଭାରତ ବର୍ଜନ କରିଦେବା ସ୍ଥିତିରେ ନାହିଁ କିମ୍ବା ଭାରତ ଏତେ ଶୀଘ୍ର ଆତ୍ମ ନିର୍ଭରଶୀଳ ବି ହୋଇପାରିବ ନାହିଁ। ମାତ୍ର ଏସବୁ କ୍ଷେତ୍ରରେ ପ୍ରଚେଷ୍ଟା ଜାରି ରହିଲେ ଭାରତ ନିଶ୍ଚିତ ସ୍ୱାବଲମ୍ବୀ ହୋଇ ଚାଇନାକୁ ଆନ୍ତର୍ଜାତିକ ସ୍ତରରେ ଉଚିତ ମୁକାବିଲା କରିପାରିବ। ବିଶ୍ୱ ସମୁଦାୟକୁ ଔଷଧ ରପ୍ତାନି କ୍ଷେତ୍ରରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର। ମାତ୍ର ଏହା ବି ସତ୍ୟ ଯେ, ଔଷଧ ଉତ୍ପାଦନ କ୍ଷେତ୍ରରେ ଭାରତ ଚାଇନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଔଷଧ ଶିଳ୍ପ କ୍ଷେତ୍ରରେ ଆବଶ୍ୟକ ପଡୁଥିବା କଞ୍ଚାମାଲ ପାଇଁ ଭାରତ ଚାଇନା ଉପରେ ଶତକଡ଼ା ୮୦ ଭାଗ ନିର୍ଭରଶୀଳ। ଔଷଧ, ପ୍ଲାଷ୍ଟିକ୍, ମୋବାଇଲ୍ ଫୋନ୍, ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଓ ଏପରିକି ଘରେ ବ୍ୟବହୃତ ପ୍ରତିଟି ସାମଗ୍ରୀ ଯୋଗାଣରେ ଚାଇନାର ଭାଗୀଦାରିକୁ ଏତେ ସହଜରେ ତ୍ୟାଗ କରିହେବ ନାହିଁ। ତେବେ ଭାରତ ପାଖରେ ଦକ୍ଷତା ଅଛି, ଯୋଗ୍ୟତା ଅଛି ଓ ଆର୍ଥିକ ସମ୍ବଳ ବି ଅଛି। ନିରବଚ୍ଛିନ୍ନ ଭାବେ ପ୍ରଚେଷ୍ଟା ଜାରି ରହିଲେ ଖୁବ୍ କମ୍ ଦିନରେ ଚାଇନାକୁ ଟକ୍କର ଦେଇପାରିବ, ଯେମିତି ଅଟୋମୋବାଇଲ ଶିଳ୍ପରେ ଭାରତ ଦେଇପାରିଛି। ଭାରତୀୟ ଅଟୋମୋବାଇଲ କମ୍ପାନୀ ବଜାଜ୍, ଟିଭିଏସ୍ ଓ ହିରୋ ଭଳି ଉଦ୍ୟମ ଜାରି ରହିଲେ ଭାରତ ଚାଇନା ଭଳି ସମୃଦ୍ଧ ଓ ସ୍ୱାବଲମ୍ବୀ ହୋଇପାରିବ।

ଭାରତୀୟ ଶିଳ୍ପସଂସ୍ଥାମାନେ କେବଳ ଭାରତରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଚାଇନାକୁ ଅଟୋମୋବାଇଲ କ୍ଷେତ୍ରରେ ପରାସ୍ତ କରିଦେଇଛନ୍ତି। ଗୁଣବତ୍ତାଯୁକ୍ତ, ଦୀର୍ଘସ୍ଥାୟୀ ଓ ମଜଭୁତ ଦୁଇଚକିଆ ଯାନ ନିର୍ମାଣ କରି ବଜାଜ, ଟିଭିଏସ୍ ଓ ହିରୋ ଭାରତର ମାନସମ୍ମାନକୁ ବହୁଗୁଣିତ କରିପାରିଛନ୍ତି। ବିଶ୍ୱସ୍ତରୀୟ ଗବେଷଣା ଓ ବିକାଶ ନୀତିକୁ ଗ୍ରହଣ କରି ଏମାନେ ପ୍ରମାଣ ଦେଇସାରିଛନ୍ତି ଯେ, ଚାଇନା ଦୁଇଚକିଆ ଯାନଠାରୁ ଭାରତର ଯାନ ସର୍ବଶ୍ରେଷ୍ଠ। ହୋଣ୍ଡା, କାୱାସାକି ଓ ସୁଜୁକି ସହ ହାତମିଳାଇ ଦକ୍ଷତା ହାସଲ କରିବା ପରେ ଏବେ ଭାରତୀୟ କମ୍ପାନୀ ହିରୋ, ବଜାଜ୍ ଓ ଟିଭିଏସ୍ ସ୍ୱାଧୀନ ଭାବେ ଅନ୍ତର୍ଜାତୀୟ ବଜାରରେ ସେମାନଙ୍କ ସ୍ଥିତିକୁ ମଜଭୁତ କରିଛନ୍ତି। ବର୍ତ୍ତମାନ ବଜାଜ୍ ମୋଟରସାଇକେଲ ୭୦ଟି ଦେଶରେ ଅତି ଲୋକପ୍ରିୟ ଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ଦେଶରେ ଟିଭିଏସ୍ ଓ ହିରୋ ଦୁଇଚକିଆ ଯାନ ବହୁଳ ଆଦୃତ। ଦୁଇ ଦଶନ୍ଧି ତଳେ ଭାରତରେ ଦୁଇଚକିଆ ଯାନ ପ୍ରବେଶ କରାଇ ଚାଇନା ସଫଳ ହୋଇ ନ ଥିଲା। ସଂପ୍ରତି ଭାରତୀୟ ବାଇକ୍ ନିର୍ମାତାମାନଙ୍କ ପାଇଁ ଚାଇନା ବିଦେଶରେ ବି ବିପୁଳ କ୍ଷତି ସହୁଛି। ଆଫ୍ରିକୀୟ ଦେଶଗୁଡ଼ିକରେ ଚାଇନାର ୨୦୦ ପାଖାପାଖି ଉତ୍ପାଦନ ଶିଳ୍ପ ଗତ ଦଶନ୍ଧିରେ ଥିଲାବେଳେ ଏବେ ତାହା ୪୦କୁ ହ୍ରାସ ପାଇଛି ଓ ସେହିସବୁ ସ୍ଥାନ ଭାରତୀୟ କମ୍ପାନୀମାନଙ୍କ ହାତକୁ ଆସିଯାଇଛି। ଯଦି ଅଟୋମୋବାଇଲ୍ କ୍ଷେତ୍ରରେ ଆମେ ପାରଦର୍ଶିତା ପ୍ରଦର୍ଶନ କରିପାରୁଛେ, ତେବେ ଅନ୍ୟ କ୍ଷେତ୍ରରେ କାହିଁକି ପାରିବା ନାହିଁ? ଗବେଷଣା ଓ ବିକାଶକୁ ତ୍ୱରାନ୍ୱିତ କରି ଅଧିକ ଦକ୍ଷତାସମ୍ପନ୍ନ ହେବାକୁ ପଡ଼ିବ। ନିଜ ଉପରେ ଭରସା ଓ ବିଶ୍ୱାସ ରଖିବାକୁ ପଡ଼ିବ ଯେ, ଆମେ ପାରିବା ଓ ନିଶ୍ଚିତ ପାରିବା।

ମୋ: ୯୪୩୭୨୩୨୪୬୩

# ଚିକିତ୍ସାର ଚିତ୍ର ବଦଳୁଛି



ଡା. ଉମେଶ ଚନ୍ଦ୍ର ପାତ୍ର

କିଛି ମାସ ତଳୁ ଓଡ଼ିଶାର ଲୋକପ୍ରିୟ ଖବରକାଗଜ 'ଧରିତ୍ରୀ' ଅଙ୍ଗଦାନ ପାଇଁ ସଚେତନତା ସୃଷ୍ଟି କରି ସମସ୍ତଙ୍କ ଭିତରେ ସେବା ଓ ତ୍ୟାଗ ମନୋଭାବ ଜାଗ୍ରତ କରିପାରିଛି। ଆଜି ଓଡ଼ିଶାରେ ଅଙ୍ଗଦାନ ପାଇଁ ଅନେକେ ଆଗ୍ରହୀ ହେବା ଦେଖାଯାଉଛି। ଆଧୁନିକ ଚିକିତ୍ସା ବିଜ୍ଞାନର ଆଦି ପର୍ବଟି ଥିଲା ପ୍ରତିବନ୍ଧକର ସମୟ। ଏହା ମୁଖ୍ୟତଃ ଧାର୍ମିକ ମାନସିକତାରୁ ସୃଷ୍ଟି ହେଉଥିଲା। ଶରୀର ବିଜ୍ଞାନ ବା ଆନାଟୋମିର ପଥପ୍ରଦର୍ଶକ ଆଣ୍ଡିଆସ୍ ଭେସାଲିଅସ୍ ମୃତ ଶରୀରକୁ ନେଇ ଗୁପ୍ତ ଭାବରେ ବ୍ୟବଚ୍ଛେଦ କରୁଥିଲେ। ବାସ୍ତବ ଜ୍ଞାନ ଆଧାରରେ ମଣିଷ ଶରୀର ଅଙ୍ଗଗୁଡିକ ବିଷୟରେ ସେ ଯେଉଁ ପୁସ୍ତକ ଲେଖିଥିଲେ ତାହା ଚିକିତ୍ସା ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିଥିଲା। ତେବେ ତାଙ୍କର ଗୁପ୍ତ କାର୍ଯ୍ୟ ଜଣାପଡ଼ିଯିବା ବେଳେ ସେ ଧର୍ମଦ୍ରୋହୀ ବୋଲି ଚିତ୍ରିତ ହୋଇ ପ୍ରାୟଶ୍ଚିତ୍ତ କରିବାକୁ ଯିବାବେଳେ ମୃତ୍ୟୁମୁଖରେ ପଡ଼ିଥିଲେ। ସେହିପରି ଶରୀରରେ ରକ୍ତ ସଞ୍ଚାଳନ ସମ୍ପର୍କରେ ଧାରଣା ଦେଇଥିବା ମାଇକେଲ ସର୍ଭେଟସ୍‌ଙ୍କୁ ଧର୍ମଦ୍ରୋହୀ ବୋଲି ଚିତ୍ରଣ କରି ତାଙ୍କୁ ପୋଡ଼ି ମାରି ଦିଆଯାଇଥିଲା। ଚିକିତ୍ସା ବିଜ୍ଞାନକୁ ଅମୂଲ୍ୟ ଅବଦାନ ଦେଇଥିବା ବୈଜ୍ଞାନିକଙ୍କ ନିର୍ଯାତନାର କାହାଣୀ ବହୁ ଦୀର୍ଘ।

ବସନ୍ତ ରୋଗ ମହାମାରୀ ରୂପରେ ସାରା ପୃଥିବୀରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରୁଥିଲା। ସେହି ରୋଗର ପ୍ରତିଷେଧକ ଟିକା ଏଡ୍‌ୱାର୍ଡ ଜେନର୍ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବାହାର କରିଛନ୍ତି। ତେବେ ଏଥିପାଇଁ ପ୍ରାଥମିକ ଅବସ୍ଥାରେ ସେ ବହୁ କଟାକ୍ଷର ଶରବ୍ୟ ହୋଇଛନ୍ତି। ଅବଶ୍ୟ ସେତେବେଳକୁ ବିଜ୍ଞାନର ଯେଉଁ ପରମ୍ପରାଟି ଗଢ଼ି ଉଠିଥିଲା ତାହାଦ୍ୱାରା ନାନା ସ୍ତରରେ ଚମକପ୍ରଦ ଉଦ୍ଭାବନ ଓ ଆବିଷ୍କାର ଆସିବାରୁ ବିଜ୍ଞାନର ସତ୍ୟ ପ୍ରତି ବିରୋଧ ପ୍ରକଟରେ କିଛିଟା କୋହଳ ମନୋଭାବ ପ୍ରକାଶ ପାଇଥିଲା। ଅଧିକାଂଶ ରୋଗ ଜୀବାଣୁ, ଭୂତାଣୁ ଦ୍ୱାରା ହେଉଛି ବୋଲି ଊନବିଂଶ ଶତାବ୍ଦୀରେ ଫରାସୀ ବୈଜ୍ଞାନିକ ଲୁଇ ପାଶ୍ଚର ଦର୍ଶାଇଥିଲେ। ମଣିଷ ଶରୀରରେ ରୋଗ କାହିଁକି ହୁଏ- ଏ ପ୍ରଶ୍ନକୁ ନେଇ ତାଙ୍କର ବିଚାର ଓ ତାଙ୍କର ସମସାମୟିକ ବୈଜ୍ଞାନିକ ରବର୍ଟ କୋଚ୍‌ଙ୍କର ଏକା ସିଦ୍ଧାନ୍ତ ଚିକିତ୍ସା ବିଜ୍ଞାନକୁ ନୂତନ ଦିଗନ୍ତ ଦେଇପାରିଲା। ଅନେକ ରୋଗର କାରଣ ଜୀବାଣୁ ବୋଲି ଜଣାପଡ଼ିବା ପରେ ରୋଗଗୁଡିକର ଚିକିତ୍ସା ପାଇଁ ବହୁ ଗବେଷଣା ହେଲା ଓ ଏହାର ନିଦାନ ପାଇଁ ଔଷଧ ବାହାରି ପାରିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଆଲେକ୍‌ଜାଣ୍ଡର ଫ୍ଲେମିଂ ପେନ୍‌ସିଲିନ୍ ଉଦ୍ଭାବନ କଲେ। ଯୁଦ୍ଧରେ ଆକ୍ରାନ୍ତ ସୈନ୍ୟମାନଙ୍କୁ ରକ୍ଷା କରିବାରେ ଏହା ଅମୋଘ ଔଷଧ ଭାବରେ ବ୍ୟବହୃତ ହେଲା। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆଣ୍ଟିବାୟୋଟିକ୍ସର ବହୁଳ ବ୍ୟବହାର ହେଉଛି। ତେବେ ଏହି ଜ୍ଞାନ ଆସିବା ଦ୍ୱାରା ମାତ୍ର ସତୁରି ଅଶୀ ବର୍ଷ ଭିତରେ ଚିକିତ୍ସା ବିଜ୍ଞାନରେ ବହୁ ସଫଳତା ଆସିପାରିଲା। ଅସ୍ତ୍ରୋପଚାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସବୁଠାରୁ ବଡ଼ ସଫଳତା ଆଣି ପାରିଛି। ଏ କ୍ଷେତ୍ରରେ ନିଶ୍ଚେତକ ବା ଆନେସ୍ଥେସିଆର ବ୍ୟବହାର ସହିତ ବହୁ ଉନ୍ନତମାନର ଯନ୍ତ୍ରପାତି ଚିକିତ୍ସାକୁ ସୁଗମ କରିପାରୁଛି। ତେବେ ନିଶ୍ଚେତକ ପ୍ରଥମେ ଯେତେବେଳେ ଜେମ୍‌ସ ସିମ୍ପନ୍ ବାହାର କରି ମହିଳାମାନଙ୍କ ଉପରେ ପ୍ରସବ ଯନ୍ତ୍ରଣା ଲାଘବ ପାଇଁ ପ୍ରୟୋଗ କଲେ, ସେତେବେଳେ ଏହାକୁ ଧର୍ମଯାଜକମାନେ ବିରୋଧ କରିଥିଲେ। ମହିଳାମାନଙ୍କର ଯନ୍ତ୍ରଣା ସହିବା ଏକ ଈଶ୍ୱରୀୟ ବିଧାନ ଓ ଏହାକୁ ଲାଘବ କରିବା ଈଶ୍ୱରୀୟ ନିୟମର ପରିପନ୍ଥୀ ବୋଲି ସ୍ୱର ଉଠିଥିଲା। ତେବେ ବିଜ୍ଞାନର ଅଗ୍ରଗତି ସବୁ ପ୍ରତିବନ୍ଧକ ସତ୍ତ୍ୱେ ଆଗକୁ ଚାଲିଲା। ଜଣେ ବ୍ୟକ୍ତିଠାରୁ ରକ୍ତ ନେଇ ଅନ୍ୟ ଜଣଙ୍କୁ ଦେବା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆରମ୍ଭ ହେଲା। ବର୍ଣ୍ଣବୈଷମ୍ୟ ଥିବା ସମାଜରେ ସେଥିପାଇଁ ତୀବ୍ର ସ୍ୱର ଉଠିଲା, କାରଣ ତଥାକଥିତ ନୀଚ ଜାତିର ଲୋକଙ୍କର ରକ୍ତକୁ କିପରି ଉଚ୍ଚଜାତିର ଲୋକଙ୍କୁ ଦିଆଯିବ, ତାହା ଆଲୋଡ଼ନ ଆଣିଲା। ତେବେ ମଣିଷ ରକ୍ତରେ ଯେ ଭେଦଭାବ ନାହିଁ ଓ ବିଜ୍ଞାନସମ୍ମତ ଧାରାରେ ଏକା ଗ୍ରୁପ୍‌ର ରକ୍ତ ଜଣେ ନେଇପାରିବ, ଏହା କାଳକ୍ରମେ ଗୃହୀତ ହେବାକୁ ଲାଗିଲା। ବୃକ୍କ ଏବଂ ହୃଦ୍‌ଯନ୍ତ୍ର ପ୍ରତିରୋପଣ ମଧ୍ୟ ଏକ ସାଧାରଣ କଥା ହୋଇଯାଇଛି। ସେହିପରି ରକ୍ତକର୍କଟରେ ସୁସ୍ଥ ଲୋକର ବୋନ୍‌ମାରୋ ରୋଗଗ୍ରସ୍ତ ବ୍ୟକ୍ତିର ଦେହରେ ରୋପଣ କରି ତାକୁ ରକ୍ତକର୍କଟ ରୋଗରୁ ମୁକ୍ତ କରି ଦିଆଯାଇ ପାରୁଛି। ଯଦିଓ ଏସବୁ ଚିକିତ୍ସା ଏବେ ମଧ୍ୟ ବ୍ୟୟବହୁଳ ହୋଇରହିଛି ଓ ଆବଶ୍ୟକ ଭିତ୍ତିଭୂମି ଅଭାବରେ ଏହା କରାଯାଇପାରୁନାହିଁ, ତଥାପି ଏହା ଯେ ସମ୍ଭବ ହୋଇଛି, ତାହା ଚିକିତ୍ସା ବିଜ୍ଞାନର ସାଫଲ୍ୟ।

ମୃତ ବ୍ୟକ୍ତିର ଅନେକ ଅଙ୍ଗକୁ ମଧ୍ୟ ବ୍ୟବହାର କରାଯାଇ ପାରୁଛି। ସଦ୍ୟ ମୃତ ଲୋକର ଚକ୍ଷୁର ସ୍ୱଚ୍ଛ ପଟଳ ବା କର୍ନିଆ ନେଇ ଦୃଷ୍ଟିହୀନ ବ୍ୟକ୍ତିକୁ ଦେଖିବାର ସାମର୍ଥ୍ୟ ଦିଆଯାଇ ପାରୁଛି। ସେହିପରି ସଦ୍ୟ ମୃତ ବ୍ୟକ୍ତିଠାରୁ ହାଡ କାଟି ଆଣି ଉନ୍ନତ ଡାକ୍ତରଖାନା ଆଦିରେ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯାଇ ପାରୁଛି। ରକ୍ତଭଣ୍ଡାର, ଚକ୍ଷୁଭଣ୍ଡାର ଭଳି ଅସ୍ଥିଭଣ୍ଡାର ପୃଥିବୀର ବିଭିନ୍ନ ଡାକ୍ତରଖାନାରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ବା ବିକଳାଙ୍ଗ ବ୍ୟକ୍ତିଙ୍କ ପାଖରେ ହାଡ଼ ପ୍ରତିରୋପଣ କରାଯିବା ସମ୍ଭବ ହୋଇପାରୁଛି। ମୃତବ୍ୟକ୍ତିର ସ୍ନାୟୁ ଆଣି ଅନ୍ୟଠାରେ ପ୍ରତିରୋପଣ କରିବାର ଜ୍ଞାନ ଚିକିତ୍ସା ବିଜ୍ଞାନ ବାହାର କରିପାରିଛି। ଚିକିତ୍ସା ବିଜ୍ଞାନର ବିକାଶ ପାଇଁ ଡାକ୍ତରୀ ଛାତ୍ର ଓ ଗବେଷକମାନେ ଶରୀରକୁ ବ୍ୟବଚ୍ଛେଦ କରି ସେଥିରେ ଥିବା ବିଭିନ୍ନ ଅଙ୍ଗ ବିଷୟରେ ବାସ୍ତବ ଜ୍ଞାନ ହାସଲ କରିବା ଜରୁରୀ। ହେଲେ ରକ୍ଷଣଶୀଳ ମାନସିକତା ମୃତ ଦେହ ପାଇବା କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି। କୌଣସି ମୃତ ବ୍ୟକ୍ତିର କେହି ଦାବିଦାର ନ ଥିବା ଜାଣିଲେ ସେହି ପ୍ରକାରର ଶବକୁ ବିଦ୍ୟାର୍ଥୀମାନଙ୍କ ପ୍ରାକ୍ଟିକାଲ ପାଇଁ ବଡ଼ କଷ୍ଟରେ ସଂଗ୍ରହ କରାଯାଉଛି। ଏ ସଂକ୍ରାନ୍ତ ଆଇନକୁ ସରଳ କରାଯାଉ ଓ ନିଜର ଶରୀର ଦାନ ପାଇଁ ଘୋଷଣା କରିଥିବା ବ୍ୟକ୍ତିର ପରିବାରଠାରୁ ମେଡ଼ିକାଲ କଲେଜ ଫୋନ୍ କଲ ପାଇଲେ ନିଜର ଆମ୍ବୁଲାନ୍ସ ଯୋଗେ ତାହା ସଂଗ୍ରହ କରନ୍ତୁ। ସରକାର ଏଥିପାଇଁ ମେଡ଼ିକାଲ କଲେଜମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଅନ୍ତୁ। ଚକ୍ଷୁଦାନ ଓ ରକ୍ତଦାନ କ୍ଷେତ୍ରରେ ଯେପରି ହୋଇଛି, ଶରୀର ଦାନ କ୍ଷେତ୍ରରେ ସେହିପରି ଆଗ୍ରହୀ ବ୍ୟକ୍ତିଙ୍କ ପରିବାରକୁ ସହଯୋଗ କରାଯାଇ ମୃତ ବ୍ୟକ୍ତିର ଶରୀରକୁ ସଂଗ୍ରହ କରାଯାଉ। ଏହାଦ୍ୱାରା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅଧିକ ଗବେଷଣା ସହ ସମାଜ ସଂସ୍କାର କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇପାରିବ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ:୯୪୩୭୦୫୧୯୫୭

## ଏଇ ଭାରତରେ

କୋଭିଡ୍-୧୯ ବିପର୍ଯ୍ୟୟ ଲୋକଙ୍କ ଜୀବିକା ନେଉଛି ସତ କିନ୍ତୁ ସ୍ୱାବଲମ୍ବୀ ହେବାର ସୁଯୋଗ ବି ଆଣିଦେଉଛି, ଯାହା ଘଟିଛି କେରଳର ଶ୍ରୀଦେବୀ ଗୋପାଳନଙ୍କ କ୍ଷେତ୍ରରେ। ମହିଳା ହୋଇ ନଡ଼ିଆଗଛ ଚଢ଼ି ଯାହା ରୋଜଗାର କରୁଛନ୍ତି ସେଥିରେ ସେ ଏବେ ପରିବାର ଚଳାଉଛନ୍ତି। ପୁରୁଷପ୍ରଧାନ ଏହି କଠିନ ବୃତ୍ତିରେ ଲିଙ୍ଗଗତ ପାର୍ଥକ୍ୟ ଦୂର କରିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ମଧ୍ୟ ଦେଇଛନ୍ତି। ଲକ୍‌ଡାଉନରେ ଗଛ ଚଢ଼ିବା କୌଶଳ ସମ୍ପର୍କରେ ଶିକ୍ଷା ପାଇବା କଷ୍ଟକର ହୋଇଥିଲେ ବି ସେ ୟୁଟ୍ୟୁବ୍‌ରୁ କିଛି କୌଶଳ ହାସଲ କରିଛନ୍ତି। ଶ୍ରୀଦେବୀଙ୍କ ବାପା ବି ଜଣେ ନଡ଼ିଆଗଛ ଚଢ଼ାଳି। ଗଛ ଉପରେ ସ୍ଥିର ରହିବା ଓ କେଉଁ ନଡ଼ିଆ ତୋଳିବା ଯୋଗ୍ୟ ତାହା ଜାଣିବା ଲାଗି ସେ ବାପାଙ୍କଠାରୁ ପ୍ରଶିକ୍ଷଣ ନେଇ ଏହି ବୃତ୍ତିରେ ପାଦ ଥାପିଛନ୍ତି। ଶ୍ରୀଦେବୀ କେରଳର ମାଲାପ୍ପୁରମ୍‌ରେ ସପରିବାର ରହନ୍ତି। ବୟସ ଏବେ ତାଙ୍କୁ ୨୫। ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ଶେଷ କରିବା ପରେ ଏନ୍‌ଏସ୍‌ଏସ୍ କଲେଜ, ଓଟାପ୍ପାଲମରେ ବି.ଏଡ୍ ପଢୁଥିଲେ। ଲକ୍‌ଡାଉନରେ ଘରକୁ ଫେରି ପରିବାରର ଶୋଚନୀୟ ଆର୍ଥିକ ଅବସ୍ଥା ଦୂର କରିବା ଲାଗି ସେ ନଡ଼ିଆଗଛ ଚଢୁଛନ୍ତି। ସୁରକ୍ଷା ପାଇଁ ଅନ୍‌ଲାଇନରେ କିଛି ଯନ୍ତ୍ରପାତି ବି ମଗାଇଛନ୍ତି। ପ୍ରତିଦିନ ତାଙ୍କ ବାପାଙ୍କ ସହ ନଡ଼ିଆ ଗଛ ଚଢ଼ିବା ପାଇଁ ଯାଉଛନ୍ତି। ଗୋଟିଏ ଗଛ ଚଢ଼ିଲେ ପାଉଛନ୍ତି ୪୦ ଟଙ୍କା। ଦୈନିକ ୮ରୁ ୯ଟି ନଡ଼ିଆଗଛ ଚଢୁଛନ୍ତି। ସେ ମଧ୍ୟ ଏକ ସେକେଣ୍ଡ୍‌ହ୍ୟାଣ୍ଡ୍ ଅଟୋ କିଣିଛନ୍ତି ଓ ଏହାକୁ ଚଳାଇ ଦୂରକୁ ଗଛ ଚଢ଼ିବା ଲାଗି ଯାଉଛନ୍ତି। ଏହି କ୍ଷେତ୍ରକୁ ଅଧିକରୁ ଅଧିକ ମହିଳା ଆସିବା ଦରକାର ବୋଲି କହିଛନ୍ତି ଶ୍ରୀଦେବୀ। କଲେଜ ଖୋଲିବା ପରେ ସେ ପୁଣି ବି.ଏଡ୍. ଶେଷ କରି ଶିକ୍ଷକ ହେବା ଲାଗି ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜୁଲାଇ ୧୯୯୫**

- ନିକାୟା ଫିଲ୍ଡ୍ରାକ ମିଟ୍‌ରେ ଆଲ୍‌ଜେରିଆର ନାଭେରେଡିନ ମୋର୍ସେଲି ୧୫୦୦ ମିଟର ଦୌଡ଼କୁ ୩ ମିନିଟ୍ ୨୭.୩୭ ସେକେଣ୍ଡରେ ଅତିକ୍ରମ କରି ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି।
- ଖଣ୍ଡପଡ଼ାସ୍ଥିତ ଦାଣ୍ଡ କାଳିକାଠାରେ ଏକ ବରଯାତ୍ରୀ ଦଳର ଟ୍ରେକର ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ କନ୍ୟା ସମେତ ୧୪ ଜଣଙ୍କର ପ୍ରାଣହାନି।
- ନିର୍ବାଚନ କମିଶନକୁ ବହୁ ସଦସ୍ୟ ବିଶିଷ୍ଟ ସଂସ୍ଥାରେ ପରିଣତ କରିବା ନେଇ ଜାରି କରାଯାଇଥିବା ଦୁଇଟି ବିଜ୍ଞପ୍ତିକୁ ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟରେ 'ସାମଗ୍ରିକ' ଭାବେ କାଏମ ରଖିଛନ୍ତି।

## ଚିରନ୍ତନୀ

ଆକାଶେ ଅଶନି ଡାକିଗଲା ଦୂରୁଦୂରୁ
ମରମେ ବାଜିଲା ବରଷା ବେଦନା ଗୁରୁ
ରସର ଆବେଶେ ନୟନ ହୋଇଛି ଭାରି
ଦଶନର ହାସେ ନାଚି ଉଠେ ଚାରୁ ଭୁରୁ।
(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | | | | 0 | | 1 | | 6 | A | 3 | |
| | 4 | 5 | | | | | | 9 | | D | | 0 | | |
| | | | C | | | | 6 | B | 0 | | | | | |
| | | 7 | 5 | | D | 8 | | | 2 | 3 | 9 | B | | 4 |
| | | 0 | | | | 3 | | 7 | | | | | 8 | 2 |
| D | | | | 6 | C | | 5 | A | 9 | E | 0 | | | |
| 8 | 0 | | | | | 6 | 9 | D | | | | | | |
| | | 1 | | 9 | | | | | | | C | 8 | | |
| | | | | 7 | | | 3 | 2 | | | 5 | 4 | 9 | |
| | E | 2 | | 4 | B | | | | | 1 | | | D | |
| 7 | | | 2 | C | E | 5 | | 4 | | | | 3 | | |
| 4 | 8 | A | B | | | | | | | 2 | D | | | 9 |
| | | | | | | | 1 | | | | | | | |
| | C | | | 5 | | A | | | 8 | | B | E | | 7 |
| | 6 | | | D | | B | | 3 | | 5 | 4 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | 9 | B | 0 | 4 | D | 7 | E | 6 | 8 | 2 | C | A | 1 |
| 2 | B | C | 6 | E | 1 | 3 | 8 | 5 | A | 4 | 7 | 0 | 9 | D |
| E | 0 | 8 | D | A | 7 | 2 | 4 | 1 | 9 | C | B | 6 | 5 | 3 |
| 7 | 1 | A | 3 | C | 2 | 9 | 0 | 6 | E | D | 5 | 8 | B | 4 |
| 4 | D | 6 | 9 | 8 | 5 | A | C | B | 1 | 3 | 0 | 7 | E | 2 |
| D | 8 | 2 | E | 4 | 6 | 1 | A | C | B | 5 | 3 | 9 | 0 | 7 |
| A | 7 | E | 5 | D | C | 8 | 6 | 9 | 4 | 0 | 1 | 3 | 2 | B |
| C | 6 | 1 | A | 9 | 3 | 5 | B | 0 | 7 | 2 | E | 4 | D | 8 |
| 3 | 9 | B | 1 | 7 | 0 | E | 2 | 4 | 8 | 6 | D | 5 | C | A |
| 0 | 5 | 4 | 2 | B | 8 | 7 | D | 3 | C | A | 9 | E | 1 | 6 |
| 1 | 2 | 7 | 0 | 6 | B | C | 3 | 8 | 5 | E | A | D | 4 | 9 |
| B | E | D | 8 | 3 | A | 4 | 5 | 2 | 0 | 9 | 6 | 1 | 7 | C |
| 8 | C | 3 | 7 | 2 | 9 | 0 | E | A | D | 1 | 4 | B | 6 | 5 |
| 6 | 4 | 5 | C | 1 | E | B | 9 | D | 2 | 7 | 8 | A | 3 | 0 |
| 9 | A | 0 | 4 | 5 | D | 6 | 1 | 7 | 3 | B | C | 2 | 8 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାସ୍କ ସାଜିଛି ଗଳାର ମାଳ

ମହାଶୟ,

କରୋନା ସାରା ବିଶ୍ୱରେ ତା'ର କାୟା ମେଲାଇ ଚାଲିଛି। ଏ ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ବାରମ୍ବାର ସଚେତନ କରି ଚାଲିଛନ୍ତି। କିନ୍ତୁ ଲୋକେ ସଚେତନ ହେବାକୁ ନାରାଜ। କରୋନାର ଚେନକୁ ଭାଙ୍ଗିବା ପାଇଁ ସାମାଜିକ ଦୂରତା, ମୁହଁରେ ମାସ୍କ ପିନ୍ଧିବା ଓ ହାତକୁ ବାରମ୍ବାର ସାନିଟାଇଜ କରିବା ପାଇଁ ନିର୍ଦ୍ଦେଶ ରହିଛି। ତଥାପି ଏସବୁକୁ ଲୋକେ ମାନୁ ନାହାନ୍ତି। ବଜାର, ଦୋକାନ, ହାଟରେ ଲୋକେ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ମୁହଁରେ ମାସ୍କ ନ ଭିଡି ଗଳାର ମାଳ ଭଳି ଝୁଲାଇ ରଖୁଛନ୍ତି, ଯାହା ଫଳରେ ଗୋଷ୍ଠୀ ସଂକ୍ରମଣ ହେବାର ଭୟ ରହୁଛି। ଏଥିପ୍ରତି ସଚେତନ ହେବାକୁ ପଡ଼ିବ। ନ ହେଲେ କେତେବେଳେ କ'ଣ ହେବ କହିହେବନି।

କପିଳାସ କୁମାର ବେହେରା, ଭୁବନେଶ୍ୱର

### ବହୁଦୂରକୁ ଦିଶୁଛି ଶ୍ରୀମନ୍ଦିର

ଶ୍ରୀକ୍ଷେତ୍ରର ଶୋଭା ଧୀରେ ଧୀରେ ବଦଳିବାରେ ଲାଗିଛି। ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ଏକ ବିଶ୍ୱନଗରୀ ଭାବେ ଗଢ଼ିତୋଳିବା ପାଇଁ ପ୍ରଶାସନ ପକ୍ଷରୁ ପରିପାର୍ଶ୍ୱରୁ ଦୋକାନ ଓ ଘରଗୁଡ଼ିକୁ ଉଚ୍ଛେଦ କରାଯିବାଦ୍ୱାରା ବହୁଦୂରକୁ ଶ୍ରୀମନ୍ଦିର ଦିଶୁଛି। ଭକ୍ତଟିଏ ଯେ କୌଣସି ସ୍ଥାନରୁ ନୀଳଚକ୍ରକୁ ଦେଖି ଭାବବିହ୍ୱଳ ହୋଇପଡୁଛି। ନବକଳେବର ରୂପରେ ଉଭାହେବାକୁ ଯାଉଛି ଶ୍ରୀକ୍ଷେତ୍ର। ନୂତନ ବ୍ୟାରିକେଡ୍ ନିର୍ମାଣ ସହ ଭକ୍ତଙ୍କ ପାଇଁ ପଦ ପ୍ରକ୍ଷାଳନ, ଜୋତା ଓ ମୋବାଇଲ୍ ଷ୍ଟାଣ୍ଡ କରାଯାଇଛି। ସବୁଜିମାରେ ସଜେଇ ହେଉଛି ଶ୍ରୀମନ୍ଦିର ଅଞ୍ଚଳ।

ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୧୩୫ ବ୍ଲକ ସରକାରୀ ଛାତ ଉପରେ ସୋଲାର ପ୍ଲାଣ୍ଟ

ଭୁବନେଶ୍ୱର, (ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ଛାତ ଉପରେ ସୋଲାର ପାୱାର ପ୍ଲାଣ୍ଟ ଗଢାଯିବ। ପ୍ରଥମ ପର୍ଯ୍ୟାୟରେ ଓରେଡା ମାଧ୍ୟମରେ ରାଜ୍ୟର ୧୩୫ ବ୍ଲକ କାର୍ଯ୍ୟାଳୟ ଛାତ ଉପରେ ଏହାର ବ୍ୟବହାର ଆରମ୍ଭ ହେବ। ରାଜ୍ୟରେ ଦେଖାଦେଇଥିବା ଶକ୍ତି ଚାହିଦାର ପୂରଣ କରିବା ଲାଗି ସରକାର ଏଦିଗରେ ଚିନ୍ତା କରିଛନ୍ତି। ଓରେଡା ସରକାରୀ କାର୍ଯ୍ୟାଳୟର ଛାତ ଉପରେ ଏହା ଯଥାଶୀଘ୍ର ଆରମ୍ଭ କରିବ ବୋଲି ନବୀନିଜିମ୍ ନାମକ ଏକ ଟୁଇଟର ଆକାଉଣ୍ଟରେ ଦର୍ଶାଯାଇଛି।

**ସଂକ୍ଷେପରେ**

## ଦିନକରେ ରେକର୍ଡ ସଂଖ୍ୟକ ୭୦୯ ସୁସ୍ଥ

ଭୁବନେଶ୍ୱର, ୧୪।୭(ବ୍ୟୁରୋ): ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିଲେ ମଧ ପ୍ରତିଦିନ ଆରୋଗ୍ୟ ହାର ବଢ଼ି ଚାଲିଛି। ଏପରି କି ଜାତୀୟ ସ୍ଥିତି ତୁଳନାରେ ରାଜ୍ୟରେ ଆରୋଗ୍ୟ ହାର ଅଧିକ ରହିଛି। ଦିନକରେ ପୁଣି ରେକର୍ଡ ସଂଖ୍ୟକ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ମୋଟ ୭୦୯ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ ଜିଲାରେ ସର୍ବାଧିକ ୨୬୮ଜଣ ଆରୋଗ୍ୟ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୧୩୫, ଖୋର୍ଦ୍ଧା ୩୭, କଟକ ୩୨, ବାଲେଶ୍ୱର ୨୫, କେନ୍ଦୁଝର ୨୩, ମୟୂରଭଞ୍ଜ ୧୮, ଭଦ୍ରକ ଓ ପୁରୀରୁ ୧୨ଜଣ ଲେଖାଏ, ସମ୍ବଲପୁର ୮, ବରଗଡ଼ ଓ ଜଗତ୍‌ସିଂପୁରରୁ ୭ଜଣ ଲେଖାଏ, ଯାଜପୁର ୬, ଝାରସୁଗୁଡ଼ା ଓ କେନ୍ଦ୍ରାପଡ଼ାରୁ ୪ଜଣ ଲେଖାଏ, ବଲାଙ୍ଗୀର ୩, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ାରୁ ୨ଜଣ ଲେଖାଏ, ଗଜପତି ଓ ନୟାଗଡ଼ ଜିଲାରୁ ଜଣେ ଲେଖାଏ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୯,୮୬୪କୁ ବୃଦ୍ଧି ପାଇଛି।

## ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କୁ କରୋନା

ଭୁବନେଶ୍ୱର, ୧୪।୭(ବ୍ୟୁରୋ): ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଡାକ୍ତର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଡାକ୍ତରଙ୍କଠାରେ କରୋନା ଚିହ୍ନଟ ହେବାପରେ ଚିକିତ୍ସାଳୟର ଓପିଡିକୁ ସାନିଟାଇଜ୍ କରିବାକୁ ଏଡିଏମ୍‌ଓ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହସ୍ପିଟାଲକୁ ରୋଗୀ କିପରି ଆସିବେ ସେଥିପାଇଁ କଟକଣା ଜାରି କରାଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଜଣେ ରୋଗୀଙ୍କ ସହ କେବଳ ଜଣେ ଆଟେଣ୍ଡାଣ୍ଟଙ୍କୁ ଆସିବାକୁ ଅନୁମତି ମିଳିଛି। ଏଥିସହ କେବଳ ଗୋଟିଏ ଗେଟ୍ ଦେଇ ମେଡିକାଲରେ ପ୍ରବେଶ ବ୍ୟବସ୍ଥା କରାଯାଇଥିବାବେଳେ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏଡିଏମ୍‌ଓ ସୂଚନା ଦେଇଛନ୍ତି।

# ଆଖି ବୁଜିଲେ କରୋନା ଆକ୍ରାନ୍ତ ଶିଶୁ

- ଜିଏମ୍୧ ଗାଙ୍ଗଲିଓସିଡୋସିସ୍‌ରେ ମୃତ୍ୟୁ ହୋଇଥିବା ସୂଚନା
- ଆଉ ୪ ଜୀବନ ନେଲା କରୋନା, ୫୪୩ ପଜିଟିଭ୍ ଚିହ୍ନଟ
- ଅନ୍ୟ ରୋଗରେ ଗଲାଣି ୨୧ କରୋନା ରୋଗୀଙ୍କ ଜୀବନ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

କରୋନାରେ ଆକ୍ରାନ୍ତ ସୁନ୍ଦରଗଡ଼ର ଜଣେ ଶିଶୁ ଆଖିବୁଜିଛନ୍ତି। ତାଙ୍କୁ ଏକବର୍ଷ ୩ ମାସ ହୋଇଥିଲା। ତେବେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ ମଧ ଜିଏମ୍୧ ଗାଙ୍ଗଲିଓସିଡୋସିସ୍ ରୋଗରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଙ୍ଗଳବାର ସୂଚନା ଦେଇଛି। ଏହି ରୋଗ ଯୋଗୁ ମସ୍ତିଷ୍କ ଓ ମେରୁଦଣ୍ଡ ମଧଦେଇ ଯାଇଥିବା ସ୍ନାୟୁକୋଷ ସବୁ ନଷ୍ଟ ହୋଇଯାଇଥାଏ। ତେବେ ଅନ୍ୟ ରୋଗରେ କରୋନା ଆକ୍ରାନ୍ତ ଶିଶୁଙ୍କ ମୃତ୍ୟୁ ଘଟିବା ହେଉଛି ରାଜ୍ୟର ପ୍ରଥମ ଘଟଣା। ଏହାକୁ ମିଶାଇ ଇତିମଧ୍ୟରେ ୨୧ଜଣ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।

ସେପଟେ ମଙ୍ଗଳବାର ଆଉ ୪ଜଣଙ୍କ ଜୀବନ ନେଇଛି କରୋନା। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଓ ଗଞ୍ଜାମରୁ ଜଣେ ଲେଖାଏ ରହିଛନ୍ତି। କଟକ ଓ ଭୁବନେଶ୍ୱରର ମୃତ ଦୁଇଜଣ ହେଲେ ୭୧ବର୍ଷୀୟ ପୁରୁଷ। ଉଭୟ ଭିନ୍ନ ଭିନ୍ନ କର୍କଟ ରୋଗରେ ମଧ ପୀଡ଼ିତ ଥିଲେ। ଗଞ୍ଜାମର ମୃତକ ହେଉଛନ୍ତି ଜଣେ ୮୦ବର୍ଷୀୟ ପୁରୁଷ। ସେ ମଧୁମେହ ଓ ହୃଦ୍‌ରୋଗରେ ପୀଡିତ ଥିଲେ। ସେହିଭଳି ଖୋର୍ଦ୍ଧାର ଜଣେ ୪୦ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁସଂଖ୍ୟା ୭୪ରେ ପହଞ୍ଚିଛି।

ଅନ୍ୟପଟେ ରାଜ୍ୟରେ ଆଉ ୨୩ ଜିଲାରୁ ୫୪୩ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୩୫୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧୮୯ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ପ୍ରତିଦିନ ପରି ଏଥର ବି ଗଞ୍ଜାମ ଜିଲାରୁ ସର୍ବାଧିକ ୧୮୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ଏହି ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୪,୩୩୫କୁ ବୃଦ୍ଧି ପାଇଛି। ସେହିପରି ଖୋର୍ଦ୍ଧା ଜିଲାରୁ ୮୭, ସୁନ୍ଦରଗଡ଼ ୫୨, କଟକ ୩୯, ଗଜପତି ୨୯, ରାୟଗଡ଼ା ୨୪, ମୟୂରଭଞ୍ଜ ଓ କେନ୍ଦୁଝରରୁ ୨୨ଜଣ ଲେଖାଏ, ଜଗତ୍‌ସିଂହପୁର ୧୫, ମାଲକାନଗିରି ୧୧, କେନ୍ଦ୍ରାପଡ଼ା ୧୦, ବାଲେଶ୍ୱର ୮, ପୁରୀ ଓ ବୌଦ୍ଧରୁ ୭ଜଣ ଲେଖାଏ, ଝାରସୁଗୁଡ଼ା ୬, ବଲାଙ୍ଗୀର ୫, ବରଗଡ଼ ୩, ଢେଙ୍କାନାଳ ଓ ସମ୍ବଲପୁରରୁ ୨ଜଣ ଲେଖାଏ ଥିବାବେଳେ ଯାଜପୁର, ନୟାଗଡ଼, ଅନୁଗୋଳ ଓ ଭଦ୍ରକରୁ ଜଣେ ଲେଖାଏ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୧୪,୨୮୦ ଛୁଇଁଛି।

### ଅଧିକ ଟେଷ୍ଟ ପାଇଁ ଅଧିକ ପଜିଟିଭ୍ ଜଣାପଡୁଛନ୍ତି

ରାଜ୍ୟରେ କୋଭିଡ୍ ଟେଷ୍ଟ ଅଧିକ ମାତ୍ରାରେ ହେଉଥିବାରୁ ପଜିଟିଭ୍ ସଂଖ୍ୟା ବଢ଼ୁଛି ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ଅଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆମେ ଏବେ ପିକ୍‌ରେ ଅଛୁ। ଅଧିକ ନମୁନା ପରୀକ୍ଷଣ ହେଉଥିବାରୁ ଅଧିକ ପଜିଟିଭ୍ ଚିହ୍ନଟ ହୋଇପାରୁଛନ୍ତି। ତେବେ ଏହା କେବେ କମିବ ତାହା ଆକଳନ କରିହେବ ନାହିଁ କି କହିହେବ ନାହିଁ। ତେବେ ରାଜ୍ୟରେ ଏବେ ଦୁଇ ତିନୋଟି ଜିଲାରେ ଅଧିକ ଆକ୍ରାନ୍ତ ଦେଖିବାକୁ ମିଳୁଛନ୍ତି। ତେଣୁ ଏହିସବୁ ଜିଲାରେ ସଂକ୍ରମଣ ସ୍ଥିତି ଚିନ୍ତାଜନକ ରହିଛି। ଅନ୍ୟ ଜିଲାଗୁଡ଼ିକର ସ୍ଥିତି ସେତେଟା ସଙ୍ଗିନ ନୁହେଁ। ତେବେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଛି ବୋଲି ସେ କହିଛନ୍ତି। ଏଥିସହ ଲକ୍ଷଣ ନ ଥିବା ବା ଅଳ୍ପ ଲକ୍ଷଣ ଥିବା କରୋନା ଆକ୍ରାନ୍ତଙ୍କୁ ଘରେ ଆଇସୋଲେଶନରେ ରହିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରସଙ୍ଗରେ ମଧ ସେ ପ୍ରତିକ୍ରିୟା ରଖିଛନ୍ତି। ଲକ୍ଷଣ ନ ଥିବା ରୋଗୀ ଅନ୍ୟ ସୁସ୍ଥ ଲୋକଙ୍କୁ ସଂକ୍ରମିତ କରାଇବା ଆଶଙ୍କା ଖୁବ୍ କମ୍ ରହିଛି। ତେଣୁ ସେମାନେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ନ ହୋଇ ଘରେ ଆଇସୋଲେଶନରେ ରହିଲେ ବହୁତ ଭଲ। ତେବେ ଘରେ ସେମାନେ ଯେପରି ସମସ୍ତ ଆଇସୋଲେଶନ କଟକଣା ମାନି ଚଳନ୍ତି, ସେ ଦିଗରେ ଗୁରୁତ୍ୱ ଦେବା ଉଚିତ ବୋଲି ସେ କହିଛନ୍ତି।



ଆସୁଛି ରାଖୀ ପୂର୍ଣ୍ଣିମା: ମଙ୍ଗଳବାର କଟକ ଚୌଧୁରୀବଜାରସ୍ଥିତ ଏକ ହୋଲସେଲ୍ ଦୋକାନରୁ ଗ୍ରାହକ ରାଖୀ କିଣୁଛନ୍ତି।

## ଆବଶ୍ୟକ ଅନୁଯାୟୀ ଡାଲି ଯୋଗାଇବାକୁ ନାଫେଡ୍‌ର ପ୍ରସ୍ତାବ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆବଶ୍ୟକ ପଡୁଥିବା ଡାଲି ଓଡ଼ିଶାକୁ ଦେବା ସକାଶେ ନାଫେଡ୍ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି। ନାଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ଚଢ଼ା ଦେଇଥିବା ପ୍ରସ୍ତାବ ଅନୁଯାୟୀ, ଏହି ସଂସ୍ଥା ନିକଟରେ ମୁଗ, ହରଡ଼ ଛଡ଼ା ଅନ୍ୟାନ୍ୟ ସମସ୍ତ ପ୍ରକାର ଡାଲି ଓ ତୈଳବୀଜ ମହଜୁଦ ରହିଛି। ଏହିସବୁ ସାମଗ୍ରୀକୁ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ଯୋଗାଇ ଦେଇପାରିବେ। ସରକାର ମଧ୍ୟାହ୍ନଭୋଜନ, ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା, ଆଇସିଡିଏସ୍‌କୁ ସାଧାରଣ ବଣ୍ଟନ ଜରିଆରେ ବିଭିନ୍ନ ସାମଗ୍ରୀ ଯୋଗାଇ ଥାଆନ୍ତି। ଯେହେତୁ ରାଜ୍ୟ ସରକାରଙ୍କ ସହ ନାଫେଡ୍‌ର ଭଲ ସମ୍ପର୍କ ରହିଛି ସେଥିପାଇଁ ଏହି ଜାତୀୟ ସଂସ୍ଥା ପକ୍ଷରୁ ଏଭଳି ପ୍ରସ୍ତାବ ଦିଆଯାଇଛି। ନାଫେଡ୍ ଦେଇଥିବା ପ୍ରସ୍ତାବ ଉପରେ ରାଜ୍ୟ ସରକାର ବର୍ତ୍ତମାନ ବିଚାର କରୁଥିବା ଜଣାପଡିଛି। ରାଜ୍ୟରେ କେତେ ଡାଲିର ଆବଶ୍ୟକତା ରହିଛି ସେନେଇ ସରକାର ନାଫେଡ୍‌କୁ ଆଗକୁ ସୂଚନା ଦେବାପରେ ସେହି ଅନୁଯାୟୀ ତାହା ସରକାରଙ୍କୁ ଯୋଗାଇ ଦେଇପାରିବ। ଚଢ଼ା ଆହୁରି କହିଛନ୍ତି, ସରକାର ତାଙ୍କ ମାସେ ୱାରି ଆବଶ୍ୟକତାକୁ ନାଫେଡ୍‌କୁ ଅବଗତ କରାଇଲେ ଆଗାମୀ ବର୍ଷକ ପାଇଁ ଯେତେ ପ୍ରକାର ଡାଲି ଜାତୀୟ ଶସ୍ୟ ଓ ତୈଳବୀଜର ଆବଶ୍ୟକତା ପଡିବ ତାହା ନାଫେଡ୍ ଯୋଗାଇଦେବ। ଏହା ଅତ୍ୟନ୍ତ ଗୁଣାତ୍ମକ ଏବଂ ବଜାର ମୂଲ୍ୟଠାରୁ ଅପେକ୍ଷାକୃତ କମ୍ ଦରରେ ଯୋଗାଇ ଦିଆଯାଏ। ତେଣୁ ରାଜ୍ୟ ସରକାର ଏ ସଂକ୍ରାନ୍ତରେ ନାଫେଡ୍‌କୁ ତାଙ୍କ ଆବଶ୍ୟକତା ଜଣାଇବା ପାଇଁ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

## ଅନ୍‌ଲାଇନ୍‌ରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନାମଲେଖା

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

**୧୦୩ ସ୍ୱତନ୍ତ୍ର ବିଦ୍ୟାଳୟକୁ ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

କୋଭିଡ୍-୧୯ ସମୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଲାଗି ଆଡ୍‌ମିଶନ ପ୍ରକ୍ରିୟାକୁ ସହଜ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏଥିଲାଗି ଅନ୍‌ଲାଇନ୍ ଆଡ୍‌ମିଶନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏନେଇ ମଙ୍ଗଳବାର ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଅନ୍‌ଲାଇନ୍‌ରେ ସମସ୍ତ ଛାତ୍ରୀଛାତ୍ରଙ୍କ ନାମଲେଖା କରିବାକୁ ରାଜ୍ୟରେ ଥିବା ମୋଟ ୧୦୩ ସ୍ୱତନ୍ତ୍ର ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ ମଧ ଖୋଲାଯାଇଛି। ଅନ୍‌ଲାଇନ୍‌ରେ ଆଡ୍‌ମିଶନ ପ୍ରକ୍ରିୟା କରାଯିବା ଦ୍ୱାରା ସ୍କୁଲ୍ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର ଏବଂ ମାତାପିତାମାନେ ସାମାଜିକ ଦୂରତା ରକ୍ଷା କରିପାରିବେ। ଫଳରେ କୋଭିଡ୍ ସଂକ୍ରମଣର କମ୍ ସମ୍ଭାବନା ରହିବ। ତେବେ ଆଡ୍‌ମିଶନ ପରେ କିଭଳି ପାଠପଢା ହେବ ସେନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

# ‘ମର୍ଯ୍ୟାଦାରେ କୋଭିଡ୍ ମୃତଦେହକୁ ସତ୍କାର କର’

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

- କରୋନା ଯୋଦ୍ଧାଙ୍କ ସହ ଯୋଗାଯୋଗରେ ରହିବାକୁ ପର୍ଯ୍ୟବେକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ
- ୫ ଜିଲାକୁ ଫୋକସ୍
- କୋଭିଡ୍ କେୟାର ସେଣ୍ଟର ଖୋଲିବେ କର୍ପୋରେଟ୍ ସଂସ୍ଥା
- କୋଭିଡ୍ ବିଜେତା ଗୋପୀନାଥଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ପରେ ସେମାନଙ୍କ ମୃତଦେହକୁ ଅବହେଳା କରାଯାଉଛି। ଅନେକ ସମୟରେ ମୃତଦେହ ଦୀର୍ଘ ସମୟ ଧରି ଅବହେଳିତ ହୋଇ ପଡିରହୁଛି। ତେଣୁ କୋଭିଡ୍ ରୋଗୀଙ୍କ ମୃତଦେହକୁ ମର୍ଯ୍ୟାଦାପୂର୍ଣ୍ଣ ଭାବେ ଯେପରି ସତ୍କାର କରାଯିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ କୋଭିଡ୍ ମୁକାବିଲା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କୋଭିଡ୍ ରୋଗୀଙ୍କ ସୁବିଧା, ସେମାନଙ୍କ ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ରାଜ୍ୟର ୫ ଫୋକସ୍ ଜିଲାରେ ତଦାରଖ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଛନ୍ତି। କୋଭିଡ୍ ଯୁଦ୍ଧରେ ଆଗରେ ରହି କାର୍ଯ୍ୟ କରୁଥିବା ଯୋଦ୍ଧାମାନଙ୍କ ମନୋବଳ ଦୃଢ଼ ପାଇଁ ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ମୁଖ୍ୟମନ୍ତ୍ରୀ ଜିଲା ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନିଜେ ପ୍ରତିଦିନ ବିଭିନ୍ନ ଜିଲାର କୋଭିଡ୍ ଯୋଦ୍ଧାମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି। କୋଭିଡ୍ ଯୋଦ୍ଧାଙ୍କୁ ନିୟମିତ ତାଲିମ ଓ ଉତ୍ତମ ଖାଦ୍ୟ ଯୋଗାଣ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସମୀକ୍ଷାରୁ ଜଣାପଡିଛି ଯେ ଗଞ୍ଜାମ, କଟକ, ଯାଜପୁର, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଆଦି ୫ଟି ଜିଲାକୁ ଅଧିକ ପ୍ରବାସୀଙ୍କ ଆଗମନ ଓ ଚଳପ୍ରଚଳ ବୃଦ୍ଧି କାରଣରୁ ପରିସ୍ଥିତି ଆହ୍ୱାନମୂଳକ ରହିଛି। ତେଣୁ ସେହିସବୁ ଜିଲା ଉପରେ ଅଧିକ ଫୋକସ କରାଯାଇ ପଦକ୍ଷେପ ନିଆଯାଇଛି।

ଗଞ୍ଜାମ ଜିଲାରେ ଅଧିକ ମାନବ ସମ୍ବଳ ସହିତ ଭେଣ୍ଟିଲେଟର, ଆମ୍ବୁଲାନ୍ସ, ଶଯ୍ୟା ଆଦିର ବ୍ୟବସ୍ଥା କରି ସମସ୍ତ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସ୍ୱଳ୍ପ ଲକ୍ଷଣ ଥିବା ରୋଗୀମାନଙ୍କୁ ଏଣିକି ଘରେ ରହି ଚିକିତ୍ସା ପାଇଁ ଅନୁମତି ଦିଆଯିବ ଏଥିସହିତ ବିଭିନ୍ନ କର୍ପୋରେଟ୍ ସଂସ୍ଥାଗୁଡିକୁ ମଧ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ଅନୁମତି ଦିଆଯିବ। ଏଗୁଡିକର ପରିଚାଳନାକୁ ଉପଯୁକ୍ତ ଭାବରେ ତଦାରଖ କରିବା ସହିତ ମୋ ସରକାର ଅଧୀନରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କୋଭିଡ୍‌ରୁ ସୁସ୍ଥ ହୋଇ ଘରକୁ ଫେରିଥିବା କନ୍ଧମାଳ ଜିଲା ରାଇକିଆ ଅଞ୍ଚଳର ୮୧ ବର୍ଷୀୟ ଗୋପୀନାଥ ଡାକୁଆଙ୍କ ସହ ମୁଖ୍ୟମନ୍ତ୍ରୀ ଟେଲିଫୋନ ଯୋଗେ କଥା ହୋଇ ତାଙ୍କର ଭଲମନ୍ଦ ପଚାରି ବୁଝିଥିଲେ। ପରିଣତ ବୟସରେ ସେ ଯେପରି ଦୃଢ଼ ମନୋବଳ ଗଭୀର ଆତ୍ମବିଶ୍ୱାସର ସହ କୋଭିଡ୍‌ର ମୁକାବିଲା କରି ସୁସ୍ଥ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ତା’ର ଉଚ୍ଚ ପ୍ରଶଂସା କରିଛନ୍ତି। କୋଭିଡ୍ ସହ ତାଙ୍କ ସଫଳ ଲଢ଼େଇର ଅନୁଭୂତି ଅନ୍ୟମାନଙ୍କୁ ସାହସ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ, ରାଜ୍ୟରେ କୋଭିଡ୍ ମୁକାବିଲା ପାଇଁ ଥିବା ସମସ୍ତ ନୀତି ଓ ନିର୍ଦ୍ଦେଶକୁ କଡ଼ାକଡି ଭାବେ ପାଳନ କରାଯାଉଛି। ଗଞ୍ଜାମ ଜିଲାରେ ଆହ୍ୱାନର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ ଅଭୟ କହିଛନ୍ତି ଯେ, କୋଭିଡ୍ ନିୟମାବଳୀର ଅନୁପାଳନକୁ କଡ଼ାକଡି କରାଯାଇଛି। ଉଲ୍ଲଂଘନ ପାଇଁ ସାରା ରାଜ୍ୟରେ ୬୯୧୯ ମାମଲା ରୁଜୁ କରାଯାଇଛି। ମାସ୍କ ନିୟମ ଉଲ୍ଲଂଘନ ପାଇଁ ୪.୫ କୋଟି ଟଙ୍କା ଏବଂ ସାମାଜିକ ଦୂରତ୍ୱ ଲାଗି ୬୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଏବଂ ବିଭିନ୍ନ ବିଭାଗର ଶାସନ ସଚିବ ଓ କୋଭିଡ୍ ପର୍ଯ୍ୟବେକ୍ଷକମାନେ ଯୋଗଦେଇଥିଲେ।

## ପରଲୋକରେ ନାଟ୍ୟ ନିର୍ଦ୍ଦେଶକ ପୁଲିନ୍ ବିହାରୀ ମାନସିଂହ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)



ପୁଲିନ୍ ବିହାରୀ ମାନସିଂହ।

ଓଡ଼ିଶା ନାଟ୍ୟସଂଘର ଉପଦେଷ୍ଟା ତଥା ରାଉରକେଲାର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ପୁଲିନ୍ ବିହାରୀ ମାନସିଂହଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। କିଛିଦିନ ଧରି ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଓଡ଼ିଶା ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି।

ମାନସିଂହ ଓଡ଼ିଶାର ଜଣେ ବଳିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ ଦକ୍ଷ ନାଟ୍ୟ ସଂଗଠକ ଭାବେ ପରିଚିତ। ରାଉରକେଲା କଳିଙ୍ଗ କଳା ପରିଷଦ ନାଟ୍ୟସଂସ୍ଥାର ସେ ଅନ୍ୟତମ ପ୍ରତିଷ୍ଠାତା। ଦୀର୍ଘ ୫୦ବର୍ଷ ଧରି ସେ ଓଡ଼ିଆ ମଞ୍ଚ ନାଟକର ଉନ୍ନତି ପାଇଁ ନିରବଚ୍ଛିନ୍ନ କାମ କରିଛନ୍ତି। ଶତାଧିକ ନାଟକର ନିର୍ଦ୍ଦେଶନା ଦେବାସହ କଳିଙ୍ଗ କଳା ପରିଷଦ ମାଧ୍ୟମରେ ପ୍ରତିବର୍ଷ ଶିଶୁ ନାଟକ ମହୋତ୍ସବ ଆୟୋଜନ କରି ଶତାଧିକ କଳାକାର ସୃଷ୍ଟି କରିଛନ୍ତି। ଏହାସହ ଶହଶହ ଛାତ୍ରୀଛାତ୍ରଙ୍କୁ ନାଟ୍ୟମନସ୍କ କରିବା ଦିଗରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ତାଙ୍କ ନେତୃତ୍ୱରେ ରାଉରକେଲାର ୨୪ଟି ନାଟ୍ୟାନୁଷ୍ଠାନର ସଦସ୍ୟମାନେ ଏକାଠି ହୋଇ ‘ଏକତ୍ର ରାଉରକେଲା’ ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲେ। ଏହାର ସଭାପତିଭାବେ କାର୍ଯ୍ୟକରି ସେ ରାଉରକେଲାରେ ମଞ୍ଚ ନାଟକର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଶିକ୍ଷା, ସାମ୍ବାଦିକତା ଓ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀଭାବେ ସେ ନିଜ କର୍ତ୍ତବ୍ୟର ପରାକାଷ୍ଠା ଦେଖାଇଥିଲେ। ତାଙ୍କ ବିୟୋଗ ଓଡ଼ିଶା ନାଟ୍ୟଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଓଡ଼ିଶା ନାଟ୍ୟସଂଘ ପକ୍ଷରୁ କୁହାଯାଇଛି। ଏଥିସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛି ସଂଘ।

GOVERNMENT OF ODISHA No. 166-O
OFFICE OF THE
EXECUTIVE ENGINEER, R.W.S.&S DIVISION, SAMBALPUR
E-mail: eerwsssbp@gmail.com
“e” PROCUREMENT NOTICE
Bid Identification No. RWSS(SBP) : 05/2020-21

1. Name of the Work : Operation & Maintenance of 5 MLD Water Treatment Plant at Padhanpali and its distribution systems under Rengali and Dhankauda Block of Sambalpur district (Total 23 Nos. Villages).
2. Total Number of Work : 01 No. (One)
3. Estimated Cost : Rs.86.93 Lakhs
4. Class of Contractor : Any Class of Contractor those who have experience of installation of 5 MLD capacity WTP during last 5 years.
5. Period of Completion :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Executive Engineer, RWSS Division, Sambalpur | RWSS (SBP): 05/2020-21 | 17.07.2020 | 27.07.2020 upto 5.00 P.M. |

Further details can be seen from the e-procurement portal “www.tendersorissa.gov.in”. Subsequent corrigendum if required shall be appeared in the website only.
Sd./- Executive Engineer, R.W.S.&S Division, Sambalpur
OIPR-25015/11/0002/2021

OFFICE OF THE EXECUTIVE ENGINEER, L.I. DIVISION, PHULBANI
E-mail-eeolicplb@gmail.com
E-Procurement Notice
Bid Identification No.02/2020-21, OLIC (PLB)/Dt.14.07.2020

The Executive Engineer, L.I. Division, Phulbani, At- Hatapada, P.O.- Phulbani, Dist.- Kandhamal, PIN-762001 invites % (Percentage) rate bids in online mode for “New & Revival of Lift Irrigation Projects” along with energisation on Turnkey basis, from reputed contractors/firms having valid PWD licence of required class and valid HT licence issued by E.L.B.O., Odisha. Proof of Registrations, Experience from appropriate authorities are to be uploaded along with the bid/bids.

1. Numbers of Package: 25 Packages
2. Estimated cost: The approximate valid of each package varies from 5.14 lakhs to 22.75 lakh
3. Tender cost: As per DTCN
4. Class of contractor: As per DTCN
5. Period of completion: As per DTCN
6. Date & time of publication: Dt.20.07.2020 from 11.00 hrs.
7. Date & time of closing: Dt.04.08.2020 at 17.00 hrs.
8. Date & time of opening of bid (Technical bid): Dt.05.08.2020 at 11.00 hrs.
9. Date of clarification: Upto 27.07.2020 at 17.00 hrs.
10. The bidders have to participate in online bidding only.

Further details can be seen from the website www.tendersoriss.gov.in. Addendum/corrigendum/ cancellation of tender, if any, can be seen in the said website.
Sd./- Executive Engineer

OFFICE OF THE STATE PROJECT DIRECTOR
ODISHA SCHOOL EDUCATION PROGRAMME AUTHORITY
“SHIKSHA SOUDHA”, UNIT-V, BHUBANESWAR-751001
ENGAGEMENT ON CONTRACTUAL BASIS

No. n-09: Applications are invited from eligible candidates for filling up of one post of “Legal Assistant” at State Project Office, OSEPA as mentioned below under Samagra Shiksha, Odisha on ‘contract’ basis with a consolidated remuneration.

| Sl. No. | Name of the Post | No. of Vacancy | Qualification | Consolidated remuneration including all charges |
|---|---|---|---|---|
| 1 | Legal Assistant | 01 (One) | 1st Class in L.L.B & L.L.M / 1st Class 05 years Integrated Course on L.L.B & L.L.M with 03 years' experience in handling service matter cases. | Rs.25,000/- (including all charges). |

Application form and details can be downloaded from the website (www.osepa.odisha.gov.in). Interested candidates fulfilling the eligibility criteria mentioned above are requested to apply to the undersigned on or before 10.08.2020(during office hours). The applications may be sent by Speed Post / Registered Post in the above address. The undersigned reserves the right to cancel any or all the proposals without assigning any reason thereof. Candidates applying for the above post without prescribed Bio-data and testimonials shall be summarily rejected. Functional Computer Literacy is essential.
Sd./- State Project Director, OSEPA
OIPR-27005/11/0002/2021

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK), LEWIS ROAD, BHUBANESHWAR-14
E-mail : bpdivn2otdc@gmail.com, Tel.: (0674)-2432477, Fax: (0674)-2431053
Letter No. 3099 Date: 07.07.2020
No. CAD-259
NOTICE INVITATION FOR BIDS (NIFB)
e-Procurement Notice No. BP -II/19/2020-21 Dt. 07.07.2020

1. Nature of Work : Civil Works.
2. Total No. of Works : 02 (Two) Nos.
3. Tender cost of the works : Rs.12.40 lakhs to Rs. 20.67 lakhs.
4. Bid security : 1% of the amount put to tender.
5. Class of Contractor : “D” & “C” to “C” & “B”.
6. Period of Completion : 3 (Three) months to 4 (Four) Months.
7. Other details as follow :

| Procurement Officer | Bid Identification No. | Availability of Bid online. | | Payment Mode | Date & Time & Place of opening of Tender |
|---|---|---|---|---|---|
| | | From | To | | |
| Executive Engineer B.P. Divn. No.- II O.T.D.C. Ltd. | BP - BP - II/19/2020-21 Dt. 07.07.2020. | 20.07.2020 | 30.07.2020 | Online | Dt.31.07.2020 at 11.30 A.M. in the office of the Executive Engineer, Building Project Division No.- II, O.T.D.C. Ltd. |

Further details can be seen from the Government website: www.etenderodisha.gov.in.
Sd./- Executive Engineer, Building Project Division No. II, O.T.D.C. Ltd., Bhubaneshwar
OIPR-37002/11/0010/2021

# ଭିକ୍ଷା ମାଗୁଛନ୍ତି ପୂର୍ବତନ ଡିଏସ୍‌ପିଙ୍କ ପୁଅ

**ଦିବାକର ପରିଡ଼ା ଥିଲେ ପୋଲିସ ବିଭାଗର ଜଣେ ବରିଷ୍ଠ ଅଧିକାରୀ। ସେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତ ପକ୍ଷରୁ ବ୍ରିଟିଶ ସେନାରେ ଯୋଗ ଦେଇଥିଲେ। ସ୍ୱାଧୀନ ଭାରତରେ ଓଡ଼ିଶା ପୋଲିସ ଗଠନ ହେବା ପରେ ଏଥିରେ ମଧ ତାଙ୍କୁ ନିଯୁକ୍ତି ମିଳିଥିଲା। ଡିଏସ୍‌ପି ର୍‍ୟାଙ୍କରେ ଥାଇ ସେ ଅବସର ନେଇଥିଲେ। କିନ୍ତୁ ଦିବାକରଙ୍କ ପୁଅ ଅଚ୍ୟୁତାନନ୍ଦ ଏବେ ଏଭଳି ଦୁର୍ଦ୍ଦିନରେ ପହଞ୍ଚିଛନ୍ତି ଯେ ଭିକ୍ଷାବୃତ୍ତି ଆପଣାଇବାକୁ ବାଧ ହୋଇଛନ୍ତି। କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ ଥିବାରୁ ଓଳିଏ ଖାଇଲେ, ଦୁଇ ଓଳି ଉପାସ।**

କଟକ ଅଫିସ,୧୪।୭

କିଛି ଦିନ ତଳେ ଖାନନଗର ସାଇ ମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିଲେ ଅଚ୍ୟୁତାନନ୍ଦ। ବିଡ଼ାନାସୀ ଅଞ୍ଚଳର ଦୁଇ ବନ୍ଧୁ ଅବିନାଶ ମହାନ୍ତି ଓ ବିଶାଲ ସ୍ୱାଇଁ ତାଙ୍କୁ ସହାୟତା ଦେବା ପାଇଁ ଆଗେଇଆସିବା ପରେ ଜଣାପଡ଼ିଥିଲା ତାଙ୍କ ପାରିବାରିକ ପୂର୍ବ ଖ୍ୟାତି ଓ ଏବେକାର ଦୁଃସ୍ଥିତି।

ଅଚ୍ୟୁତାନନ୍ଦଙ୍କ ବାପା ସ୍ୱର୍ଗତ ଦିବାକର ପରିଡ଼ା କଟକରେ ଜଣେ ଖ୍ୟାତନାମା ବ୍ୟକ୍ତି ଥିଲେ। ପୋଲିସ ବିଭାଗରେ ମଧ ଅନେକେ ତାଙ୍କୁ ଜାଣନ୍ତି। ଦିବାକର ୧୯୮୦ରେ ଅବସର ନେବା ବେଳକୁ ଅଚ୍ୟୁତାନନ୍ଦ ବ୍ୟବସାୟ କରୁଥିଲେ। ଭଲ ରୋଜଗାର ମଧ ହେଉଥିଲା। ସେମାନେ ତୁଳସୀପୁର ପୋଲିସ କଲୋନୀରେ ରହୁଥିଲେ। ୨୦୦୩ରେ ଅଚ୍ୟୁତାନନ୍ଦ ସ୍ନାୟୁଜନିତ ରୋଗରେ ପଡ଼ିଲେ। ୨୦୦୮ ଜୁଲାଇରେ ବାପା ଦିବାକରଙ୍କ ମୃତ୍ୟୁ ପରେ ଅଚ୍ୟୁତାନନ୍ଦଙ୍କ ଶାରୀରିକ ଅସୁସ୍ଥତା ଓ ମାନସିକ ଦୁଶ୍ଚିନ୍ତା ବଢ଼ିବାକୁ ଲାଗିଲା। ବ୍ୟବସାୟରୁ ସେ ଦୂରେଇଗଲେ। ଗୋଟିଏ ଆଖିର ଦୃଷ୍ଟିଶକ୍ତି କ୍ଷୀଣ ହେବା ସହ ଶରୀରର ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ପାଲଟିଗଲା। ସେ ଘୁଷୁରି ଘୁଷୁରି କଟକର ବିଭିନ୍ନ ମନ୍ଦିରକୁ ଯାଇ ଭିକ୍ଷା ମାଗି ପେଟ ପୋଷୁଥିଲେ। ସରକାରୀ ସହାୟତା ପାଇଁ ଶହେଥର ଚେଷ୍ଟା କଲେଣି। ଏପରିକି ଭିନ୍ନକ୍ଷମ କମିଶନକୁ ଅନେକ ଥର ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ନିଜ ସମସ୍ୟା କହିଛନ୍ତି। ସେ ସବୁ ନିଷ୍ଫଳ ହୋଇଛି। ଅବିବାହିତ ଥିବା ଅଚ୍ୟୁତାନନ୍ଦ ଏବେ ମାନସିଂପାଟଣାର ଏକ ପରିତ୍ୟକ୍ତ ଘରେ ଦିନ କାଟୁଛନ୍ତି। ମାସକୁ ୬ ହଜାର ଟଙ୍କା ଔଷଧରେ ଖର୍ଚ୍ଚ ହେବ ବୋଲି ଡାକ୍ତର କହିଛନ୍ତି। କିନ୍ତୁ ଲକ୍‌ଡାଉନ ପରଠାରୁ ଅର୍ଥ ଅଭାବ ଯୋଗୁ ତାଙ୍କର ଔଷଧ ଖାଇବା ବି ବନ୍ଦ ହୋଇଯାଇଛି।



ଅଚ୍ୟୁତାନନ୍ଦ ପରିଡ଼ା

### ‘ଗୋଟିଏ ପଦ- ଏକକ ପେନ୍‌ସନ୍’ ଯୋଜନା ଫେଲ୍

ଦେଶର ପୂର୍ବତନ ସାମରିକ କର୍ମଚାରୀଙ୍କ ଲାଗି କେନ୍ଦ୍ର ସରକାର ୨୦୧୨ରେ ୨୩୦୦ କୋଟି ଟଙ୍କାର ପେନସନ ଯୋଜନା ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଉପରେ କ୍ୟାବିନେଟ୍ ମୋହର ମଧ ଲାଗିଥିଲା। ଯେଉଁ କର୍ମଚାରୀ ଜାନୁୟାରୀ ୨୦୦୬ ପୂର୍ବରୁ ଅବସର ନେବେ, ସେମାନେ ଏହା ପରେ ସେବାନିବୃତ୍ତ ହୋଇଥିବା କର୍ମଚାରୀଙ୍କ ଭଳି ପେନସନ୍ ପାଇବେ। ଦୀର୍ଘବର୍ଷ ଧରି ସାମରିକ କର୍ମଚାରୀଙ୍କ ପକ୍ଷରୁ ‘ଗୋଟିଏ ପଦ- ଏକକ ପେନ୍‌ସନ୍’ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଉଥିବା ଦାବି ଓ ଆନ୍ଦୋଳନ ଥମିଥିଲା। ଏଥିସହ ଫ୍ୟାମିଲି ପେନ୍‌ସନ୍, ଦ୍ୱୈତ ଫ୍ୟାମିଲି ପେନ୍‌ସନ୍, ସେନା କର୍ମଚାରୀଙ୍କ ପରିବାରର ମାନସିକ ଓ ଶାରୀରିକ ଭିନ୍ନକ୍ଷମ ସଦସ୍ୟଙ୍କ ଲାଗି ଏହି ବ୍ୟବସ୍ଥା କରାଯିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଏହି ଯୋଜନା ଅଚ୍ୟୁତାନନ୍ଦଙ୍କ କ୍ଷେତ୍ରରେ ଫେଲ ମାରିଥିବା କୁହାଯାଉଛି।

# କରୋନା ପରିଚାଳନା: ଭାଜପା-ବିଜେଡି ଆରୋପ ପ୍ରତ୍ୟାରୋପ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୩ ହଜାର କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗଞ୍ଜାମରୁ କେବଳ ୪ ହଜାର ଚିହ୍ନଟ ହୋଇଛନ୍ତି। ଆକ୍ଟିଭ ଥିବା ୪୮୯୬ କେସରୁ ଗଞ୍ଜାମରେ ୧୯୧୭ ଅଛି। ଏଥିରୁ ଗଞ୍ଜାମ ସ୍ଥିତି କେତେ ଭୟଙ୍କର ଅନୁମାନ କରାଯାଇପାରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇ ଯଦି ସେଠାରେ କରୋନା ମୁକାବିଲାରେ ସରକାର ବିଫଳ ତେବେ ଓଡିଶାର ଅନ୍ୟ ଅଞ୍ଚଳରେ ସ୍ଥିତି କ’ଣ ହୋଇଥିବ ବୋଲି ଭାଜପା ନେତା ଭୃଗୁବକ୍ସି ପାତ୍ର ପ୍ରଶ୍ନ କରିଛନ୍ତି। ବିଜେଡି ଏହାର ପଲଟା ଜବାବ୍ ଦେଇ କହିଛି, ଖବରଦାତା ସମ୍ମିଳନୀ କରିବା ସମୟରେ ଭାଜପା ନେତା କାହିଁକି ମାସ୍କ ପିନ୍ଧି ନ ଥିଲେ କୁହନ୍ତୁ।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୃଗୁ କହିଛନ୍ତି, କରୋନା ମୁକାବିଲାକୁ ନେଇ ରାଜ୍ୟ ସରକାର ନାନା ପ୍ରକାର ଭାଷଣବାଜି କରୁଛନ୍ତି ହେଲେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। କରୋନା ମୁକାବିଲା କ୍ଷେତ୍ରରେ ସରକାର ଓ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ। ବିଭିନ୍ନ ସରକାରୀ କ୍ୱାରାଣ୍ଟାଇନ୍ ଏବଂ ଆଇସୋଲେଶନ ସେଣ୍ଟର ଗୁଡିକରେ ପିଇବା ପାଣିର ବ୍ୟବସ୍ଥା ନାହିଁ। ପ୍ରଶାସନିକ ତାଳମେଳ ଅଭାବ, ଅବ୍ୟବସ୍ଥା, ଅମାନିଆ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଜଣେ ଅତିରିକ୍ତ ମୁଖ୍ୟ ଶାସନ ସଚିବସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ଅବିଭକ୍ତ ଗଞ୍ଜାମ ଜିଲାର ଦାୟିତ୍ୱ ଦେବା ପାଇଁ ସେ ଦାବି ଜଣାଇବା ସହ ପୁରା ପ୍ରଶାସନ ନିଜକୁ କେବଳ ଟୁଇଟରରେ ସୀମିତ ନକରି ଲୋକାଭିମୁଖୀ ଏବଂ ଦୂରଦୃଷ୍ଟି ସମ୍ପନ୍ନ ହେବାକୁ ବକ୍ସିପାତ୍ର କହିଛନ୍ତି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, କୋଭିଡ ସ୍ଥିତି ଉପରେ ଖବରଦାତା ସମ୍ମିଳନୀ କରିବା ସମୟରେ ଭାଜପା ନେତା ମାସ୍କ ପରିଧାନ ନ କରିବା ହେଉଛି ବିଡମ୍ବନା। କେବଳ ବିନା ମାସ୍କ ନୁହେଁ ଭାଜପା ନେତାମାନେ ଖବରଦାତା ସମ୍ମିଳନୀରେ ଯେଭଳି ଲାଗି ଲାଗି ବସିଥିଲେ ତାହା ମଧ କୋଭିଡ ମାର୍ଗଦର୍ଶିକାରେ ଥିବା ସାମାଜିକ ଦୂରତ୍ୱ କଟକଣାକୁ ଉପହାସ କରୁଛି। ଦେଶର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କରୋନା କଟକଣା ମାନିବା ପାଇଁ ଅନୁରୋଧ ସତ୍ତ୍ୱେ ଯେତେବେଳେ ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ବରିଷ୍ଠ ନେତା ବୈଜୟନ୍ତ ପଣ୍ଡା ଖୋଲାଖୋଲି ଭାବେ ନିୟମ ଉଲ୍ଲଙ୍ଘନ କରୁଛନ୍ତି। ସେତେବେଳେ କରୋନା ପରିଚାଳନା ସଂକ୍ରାନ୍ତରେ କହିବା ପାଇଁ ଭାଜପାର ନୈତିକତା ନାହିଁ ବୋଲି ଲେନିନ କହିଛନ୍ତି।

# ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

**ସୁନ୍ଦରଗଡ, ୧୪।୭(ଡି.ଏନ୍.ଏ):** ପେନଶନ କାଗଜପତ୍ରର ଏନ୍‌ଓସି କରାଇଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁନ୍ଦରଗଡ ଜିଲା ବଣାଇଁ ବ୍ଲକ ବଡ଼ଗୋଗୁଆ ପଞ୍ଚାୟତ ନିର୍ବାହୀର ଅଧିକାରୀ ଗାୟତ୍ରୀ ଜୟପୁରିଆ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କୁ ଗିରଫ କରି ସୁନ୍ଦରଗଡ ଭିଜିଲାନ୍ସ କୋର୍ଟକୁ ପଠାଯାଇଛି।

ସୂଚନା ମୁତାବକ, ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜିତେନ ମିଶ୍ରଙ୍କ ପେନଶନ କାଗଜପତ୍ରର ଏନଓସି କରିବା ପାଇଁ ବର୍ତ୍ତମାନର ନିର୍ବାହୀ ଅଧିକାରୀ ଜୟପୁରିଆ ଗତ ୧ ମାସ ହେବ ୬ହଜାର ଟଙ୍କା ଲାଚ ଦାବି କରି ଆସୁଥିଲେ। ଟଙ୍କା ନ ଦେବାରୁ ସେ ପୂର୍ବତନ ନିର୍ବାହୀ ଅଧିକାରୀଙ୍କୁ ହଇରାଣ କରି ଆସୁଥିଲେ। ଫଳରେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଶ୍ର ବାଧ୍ୟ ହୋଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ ମଙ୍ଗଳବାର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପୁଅ ନୀତିଶ ମିଶ୍ରଙ୍କ ଠାରୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଗାୟତ୍ରୀ ଜୟପୁରିଆଙ୍କୁ କାବୁ କରି ତାଙ୍କ ଠାରୁ ଲାଚ ଟଙ୍କା ଜବତ କରିଥିଲେ। ରାଉରକେଲା ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ସୁନ୍ଦରଗଡ ଓ ରାଉରକେଲା ଭିଜିଲାନ୍ସ ବିଭାଗ କର୍ମଚାରୀ ମାନେ ଏହି ଚଢାଉରେ ସାମିଲ ହୋଇଥିଲେ।



ପୁରୀ ବେଳାଭୂମିରେ ମଙ୍ଗଳବାର ମାଛଧରା ଡଙ୍ଗା ଲାଗିବା ପରେ ମତ୍ସ୍ୟଜୀବୀମାନଙ୍କଠାରୁ ବ୍ୟବସାୟୀମାନେ ମାଛ ସଂଗ୍ରହ କରୁଛନ୍ତି।

# ମା’, ପୁଅ ସମେତ ୩ କରୋନା ଆକ୍ରାନ୍ତ

ବରଗଡ଼ ଅଫିସ୍,୧୪।୭

ବରଗଡ଼ ଜିଲାରେ ମଙ୍ଗଳବାର ୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ ଗ୍ରାମର ମା, ପୁଅ ଏବଂ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୬ ସିଦ୍ଧେଶ୍ୱର ରେସିଡେନ୍ସି ନିକଟରେ ଜଣେ ଅଛନ୍ତି। ସଂକ୍ରମିତ ମା, ପୁଅଙ୍କୁ ବରଗଡ଼ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ବରଗଡ଼ ପୌରାଞ୍ଚଳରୁ ଚିହ୍ନଟ ଆକ୍ରାନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କିଛି ଦିନ ତଳେ ସ୍ଥାନୀୟ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲକୁ ଯାଇଥିଲେ। ସେଠାରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ତାହା ପଜିଟିଭ୍ ଆସିବା ପରେ ଆକ୍ରାନ୍ତଙ୍କୁ କଟକର ଅଶ୍ୱିନୀ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେହିପରି ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲକୁ ସାନିଟାଇଜ କରାଯାଇଛି। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ୨ ଡାକ୍ତର କ୍ୱାରାଣ୍ଟାଇନରେ ରହିଥିବା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ୨୪ ଘଣ୍ଟାରେ ୨୫% କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪।୭

**ବନ୍ୟପ୍ରାଣୀ ଆକ୍ରମଣରେ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଆଯାଉ**

ଠିକ୍‌ସମୟରେ କ୍ଷତିପୂରଣ ମିଳୁ ନ ଥିବାରୁ ପ୍ରାଣୀ-ମଣିଷ ଲଢ଼େଇର ଶିକାର ହୋଇଥିବା ପରିବାର ଓ ସହଯୋଗୀଙ୍କର ବନ୍ୟପ୍ରାଣୀ ପ୍ରତି ପ୍ରତିଶୋଧ ମନୋଭାବ ବୃଦ୍ଧି ପାଉଛି। ପ୍ରତିଶୋଧମୂଳକ ଆକ୍ରମଣ ଯୋଗୁ ଜଙ୍ଗଲୀ ଜନ୍ତୁ ମୃତାହତ ହେଉଛନ୍ତି। ଏହାକୁ କମାଇବାକୁ ହେଲେ ବନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। କ୍ଷତିପୂରଣ ରାଶି ଯେପରି ଶୀଘ୍ର ମିଳିପାରିବ ସେ ଦିଗରେ ସମ୍ପୃକ୍ତ ବିଭାଗଗୁଡ଼ିକ ପଦକ୍ଷେପ ନେବାକୁ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ପରିବେଶ ମନ୍ତ୍ରଣାଳୟ ବନ୍ୟଜନ୍ତୁ ବାସସ୍ଥାନ ବୃଦ୍ଧି ଲାଗି କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେଉଛନ୍ତି। ବନ୍ୟପ୍ରାଣୀ ଆକ୍ରମଣରେ ମୃତ୍ୟୁ ହେଲେ ମନ୍ତ୍ରଣାଳୟ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେଉଥିବାବେଳେ ଗୁରୁତର ଆହତଙ୍କୁ ୨ ଲକ୍ଷ ଓ ସାମାନ୍ୟ ଆହତଙ୍କୁ ୨୫ ହଜାର ଟଙ୍କା ଦେଉଛି। ସେହିପରି ଆକ୍ରମଣରେ କ୍ଷତି ହୋଇଥିବା ସମ୍ପତ୍ତି ବାବଦକୁ କ୍ଷତିପୂରଣ ରାଜ୍ୟ ସରକାର ନିର୍ଦ୍ଧାରଣ କରିଥିବା ନିୟମ ଅନୁଯାୟୀ ପ୍ରଦାନ କରିବାକୁ କୁହାଯାଇଛି। ରାଜ୍ୟ ସରକାର ଚାହିଁଲେ ଅଧିକ କ୍ଷତିପୂରଣ ଦେଇପାରିବେ। ଆକ୍ରମଣର ୨୪ ଘଣ୍ଟା ମଧରେ କ୍ଷତିପୂରଣର ୨୫ ପ୍ରତିଶତ ସମ୍ପୃକ୍ତ ପରିବାରକୁ ପ୍ରଦାନ କରିବାକୁ ପରିବେଶ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କ ପାଖରେ ଏକ ପାଣ୍ଠି ରହିବା ଆବଶ୍ୟକ। ମାଲିକାନା ପ୍ରମାଣପତ୍ର, ଶବ ବ୍ୟବଚ୍ଛେଦ କିମ୍ବା ଆହତ ରିପୋର୍ଟ, ପୋଲିସ ରିପୋର୍ଟ ଆଦି କାଗଜପତ୍ର କାର୍ଯ୍ୟ ଧାର୍ଯ୍ୟ ସମୟ ମଧରେ ଶେଷ କରିବାକୁ ପରାମର୍ଶ ଦିଆଯାଇଛି।

# ଓଡ଼ିଶା ସମେତ ୨୦ ରାଜ୍ୟରେ ଆରୋଗ୍ୟ ହାର ଅଧିକ

**୮୬% ସଂକ୍ରମିତ ୧୦ ରାଜ୍ୟରୁ**

**ନୂଆଦିଲ୍ଲୀ,୧୪।୭:** ପ୍ରତିଦିନ ହଜାର ହଜାର ଲୋକ କରୋନାରେ ସଂକ୍ରମିତ ହେଉଥିବାବେଳେ ଓଡ଼ିଶା ସମେତ ୨୦ଟି ରାଜ୍ୟରେ ଆରୋଗ୍ୟ ହାର ଜାତୀୟ ହାର ତୁଳନାରେ ଅଧିକ ରହିଛି। ଏବେ ଭାରତରେ କରୋନାଜନିତ ମୃତ୍ୟୁହାର ୨.୬ ପ୍ରତିଶତ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନ ଅନୁଯାୟୀ କୋଭିଡ୍ ପରୀକ୍ଷା ବଢ଼ାଇବା ପାଇଁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ୮୬ ପ୍ରତିଶତ ସଂକ୍ରମିତ ମାତ୍ର ୧୦ଟି ରାଜ୍ୟରେ ରହିଛନ୍ତି। ସଂକ୍ରମଣରେ ମହାରାଷ୍ଟ୍ର ସର୍ବାଗ୍ରେ ଥିବାବେଳେ ଏହା ପଛକୁ ତାମିଲନାଡୁ ରହିଛି। ଏହି ଦୁଇ ରାଜ୍ୟରୁ ୫୦ ପ୍ରତିଶତ ଆକ୍ରାନ୍ତ ଥିବାବେଳେ ଅନ୍ୟ ୮ ରାଜ୍ୟରୁ ୩୬ ପ୍ରତିଶତ ମାମଲା ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଏସ୍‌ଡି ରାଜେଶ ଭୂଷଣ କହିଛନ୍ତି।

ଜୁଲାଇ ୧୨ ସୁଦ୍ଧା ଦେଶରେ ଆରୋଗ୍ୟ ହାର ୬୩ ପ୍ରତିଶତକୁ ବୃଦ୍ଧି ପାଇଛି। ଓଡ଼ିଶାରେ ଆରୋଗ୍ୟ ହାର ୬୭ ପ୍ରତିଶତ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୬୪, ଆସାମରେ ୬୫, ଗୁଜରାଟରେ ୭୦, ତାମିଲନାଡୁରେ ୬୫ ପ୍ରତିଶତ ରହିଛି। ସକ୍ରିୟ ମାମଲା ତୁଳନାରେ ଆରୋଗ୍ୟ ହାର ୧.୮ଗୁଣ ଅଧିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ମହାନଦୀ ଜଳ ବିବାଦ ନେଇ ବିଜେଡି-ଭାଜପାକୁ ଟାର୍ଗେଟ୍ କଲା କଂଗ୍ରେସ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ମହାନଦୀ ଜଳବିବାଦକୁ ନେଇ ଛତିଶଗଡର ତତ୍କାଳୀନ ଭାଜପା ଏବଂ ଓଡିଶା ବିଜେଡି ସରକାର ବହୁ ରାଜନୀତି କଲେ। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେମାନଙ୍କ ଆନ୍ତରିକତା ନ ଥିଲା ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ନିରଞ୍ଜନ କହିଛନ୍ତି, ବିଜେଡି ଓ ଭାଜପା କେବଳ ଭୋଟ ରାଜନୀତିରେ ବିଶ୍ୱାସ କରନ୍ତି। ଏବେ କିନ୍ତୁ ସତ୍ୟ ସାମ୍ନାକୁ ଆସିଛି। ଓଡିଶାର ଦାବି ଥିଲା ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ସର୍ବନିମ୍ନ ୧.୨ ମିଲିଅନ୍ ଏକର ଫୁଟ୍ ପାଣି ଛତିଶଗଡ ସରକାର ଛାଡନ୍ତୁ। କିନ୍ତୁ ଛତିଶଗଡ ଭାଜପା ସରକାର ନାହିଁ କରିଦେଲେ। ହୀରାକୁଦ ବନ୍ଧ ଗୋଟିଏ କେନ୍ଦ୍ରୀୟ ଯୋଜନା। ଡିପିଆରରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଓଡିଶାର ଅଂଶ ୧୨.୨୮ ମିଲିୟନ ଏକର ଫୁଟ ଏବଂ ଛତିଶଗଡ ଭାଗ ୮.୩୩ ମିଲିୟନ ଏକର ଫୁଟ। ଛତିଶଗଡ ଭାଜପା ସରକାର ଅଣମୌସୁମୀ ସମୟରେ ପାଣି ଛାଡିବାକୁ ମନା କରିଦେଲେ। ଯାହାକୁ ନେଇ ବିବାଦ ସୃଷ୍ଟି ହେଲା। କିନ୍ତୁ ଏ ବର୍ଷ ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ ୬୨୪ରୁ ୬୧୭ ଫୁଟ ପର୍ଯ୍ୟନ୍ତ ଜଳଭଣ୍ଡାରରେ ପାଣି ଥିଲା। ଯାହା ଅନ୍ୟ ବର୍ଷ ତୁଳନାରେ ୧୦ରୁ ୧୫ଫୁଟ ଅଧିକ। ଏ ବର୍ଷ ଛତିଶଗଡ କଂଗ୍ରେସ ସରକାର ୧.୬ ଏକର ଫୁଟ ପାଣି ଛାଡିଛନ୍ତି। ପାଣି ଆସିଲା କେଉଁଠୁ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

# ଶାହାଙ୍କୁ ଭେଟି ସିବିଆଇ ତଦନ୍ତ ଦାବିକଲା ଭାଜପା ପ୍ରତିନିଧି ଦଳ

ନୂଆଦିଲ୍ଲୀ,୧୪।୭

**ପଶ୍ଚିମବଙ୍ଗ ବିଧାୟକ ମୃତ୍ୟୁ ମାମଲା**

ପଶ୍ଚିମବଙ୍ଗର ଭାଜପା ବିଧାୟକ ଦେବେନ୍ଦ୍ର ନାଥ ରାୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଟିଏମ୍‌ସି ଗୁଣ୍ଡାଙ୍କୁ ଏଥିଲାଗି ଦୋଷ ଦିଆଯାଇଥିଲା। ମଙ୍ଗଳବାର ଭାଜପାର ପ୍ରତିନିଧି ଦଳ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଏହାର ସିବିଆଇ ତଦନ୍ତ କରିବାକୁ ଦାବି କରିଛନ୍ତି। ଭାଜପା ମହାସଚିବ କୈଳାସ ବିଜୟଭାର୍ଗିୟଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ, ଦାର୍ଜିଲିଂ ଏମ୍‌ପି ରାଜୁ ବିଷ୍ଟ ଓ ରାଜ୍ୟ ସଭା ସଦସ୍ୟ ସ୍ୱପନ୍ ଦାସଗୁପ୍ତା ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ପଶ୍ଚିମବଙ୍ଗରେ ଭାଜପା କର୍ମକର୍ତ୍ତାଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଉଛି। ଭାଜପାର ଉତ୍ଥାନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ବିଜୟଭାର୍ଗିୟ ଅଭିଯୋଗ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ପଶ୍ଚିମବଙ୍ଗ ପୋଲିସକୁ ରିପୋର୍ଟ ମଗାଯାଇଛି। ରାୟଙ୍କ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ପୋଲିସ ଓ ପଶ୍ଚିମବଙ୍ଗ ଗୃହ ସଚିବ ଭିନ୍ନ ମନ୍ତବ୍ୟ ଦେଉଥିବା ବାବୁଲ ସୁପ୍ରିୟୋ ଅଭିଯୋଗ ଆଣିଛନ୍ତି। ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଗଲେ ସତ୍ୟ ଲୋକଲୋଚନକୁ ଆସିବ ବୋଲି ସେ ମତ ଦେଇଛନ୍ତି। ପ୍ରକାଶଥାଉ କି, ଭାଜପା ପ୍ରତିନିଧି ଦଳ ପୂର୍ବାହ୍ନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ପଶ୍ଚିମବଙ୍ଗରେ ଟିଏମ୍‌ସି ସରକାରକୁ ବରଖାସ୍ତ କରିବା ସହ ମାମଲାର ସିବିଆଇ ତଦନ୍ତ ଲାଗି ଦାବି କରିଥିଲା।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ନିଜ ଜମିକୁ ରୋଜଗାରର ମାଧମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାଓ୍ୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଇ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

MAHESWARI FINANCE
LOAN
IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082
9911637672

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୂତାଣୁମୁକ୍ତ ହେବ ରେଳଯାତ୍ରା

ଭୁବନେଶ୍ୱର,୧୪।୭(ବ୍ୟୁରୋ)



## ଭାରତୀୟ ରେଳପଥର ପୋଷ୍ଟ କୋଭିଡ୍-୧୯ କୋଚ୍ ବ୍ୟବସ୍ଥା

- ହ୍ୟାଣ୍ଡ୍ ଫ୍ରି ଆମିନିଟିଜ୍ ବ୍ୟବହାର ଉପରେ ଗୁରୁତ୍ୱ
- ହ୍ୟାଣ୍ଡରେଲ, ଲ୍ୟାଚ୍‌ଗୁଡ଼ିକରେ ତମ୍ବା ଆବରଣ
- ଏସିରୁ ବାହାରିବ ଭୂତାଣୁ ନାଶକ ଆମିନଯୁକ୍ତ ପବନ

କରୋନା ବିରୋଧରେ ଲଢେଇକୁ ସୁଦୃଢ କରିବାକୁ ପ୍ରସ୍ତୁତ ହୋଇଛି ଭାରତୀୟ ରେଳପଥ। ପ୍ରଥମେ ଆଇସୋଲେଶନ କୋଚ୍, ଏବେ ପୋଷ୍ଟ କୋଭିଡ୍-୧୯ କୋଚ୍ ପ୍ରସ୍ତୁତ କରିଛି ରେଲ୍‌ୱେ। ଏଥିରେ ଟଚ୍ ଫ୍ରି ଉପକରଣ ସହ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ରହିଛି। କପର-କୋଟେଡ୍ ଡୋର୍, ଝରକା ଖିଡ଼କି ଏବଂ ବାଡ଼ ସହ ବଗିରେ ଯାତ୍ରୀଙ୍କ ସୁରକ୍ଷିତ ତଥା ଭୂତାଣୁମୁକ୍ତ ଯାତ୍ରା ପାଇଁ ପ୍ଲାଜ୍‌ମା ବାୟୁ ବିଶୋଧକ ଆଦିର ବ୍ୟବହାର ହୋଇଛି। କପୁରତାଲାସ୍ଥିତ ଭାରତୀୟ ରେଳଡବା କାରଖାନା ପକ୍ଷରୁ ଏହି ପୋଷ୍ଟ କୋଭିଡ୍ କୋଚ୍‌ର ଏକ ମଡେଲ ପ୍ରସ୍ତୁତ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ୍ ଭୂତାଣୁ ଦୀର୍ଘସ୍ଥାୟୀ ହେବାନେଇ ପୂର୍ବାନୁମାନ କରିଛି। ଏଭଳିସ୍ଥଳେ ଭବିଷ୍ୟତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ସୁରକ୍ଷିତ ଯାତ୍ରାକୁ ନିଶ୍ଚିନ୍ତ କରିବାକୁ ଏପରି ପଦକ୍ଷେପ ଆରମ୍ଭ କରିଛି। ଆଗାମୀଦିନରେ ଏହି ସ୍ୱତନ୍ତ୍ର ନିରାପଦ କୋଚ୍ ରେଳଯାତ୍ରାକୁ ସୁରକ୍ଷିତ କରିବା ସହ କୋଭିଡ୍ ସଂକ୍ରମଣକୁ ଅନେକାଂଶରେ ରୋକିବାରେ ସହାୟକ ହେବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ, ଏହି ନୂଆ କୋଚ୍‌ରେ ହ୍ୟାଣ୍ଡ୍ ଫ୍ରି ଆମିନିଟିଜ୍ ବା ରେଳଡବା ଭିତରେ ଯେଉଁସବୁ ସୁବିଧା ସୁଯୋଗ ରହିଛି ନ ଛୁଇଁ ସେସବୁର ବ୍ୟବହାର କରାଯାଇପାରିବ। ଗୋଡ଼ରେ ଚାପିଦେଲେ ପାଣି ଟ୍ୟାପ୍ ଖୋଲିବ ଏବଂ ସାବୁନ ବ୍ୟବହାର କରିହେବ। ଶୌଚାଳୟର ଦ୍ୱାରଗୁଡ଼ିକୁ ଯାତ୍ରୀମାନେ ସହଜରେ ଗୋଡଦ୍ୱାରା ଖୋଲିପାରିବେ। ପାଇଖାନାର ଫ୍ଲସ୍ ଭାଲ୍‌ଭ ଗୋଡଦ୍ୱାରା ଚାଳିତ ହେବ। ପ୍ରତ୍ୟେକ କମ୍ପାର୍ଟମେଣ୍ଟର ଦ୍ୱାରକୁ କହୁଣି ସାହାଯ୍ୟରେ ଖୋଲାଯାଇପାରିବ। ସେହିଭଳି ପୋଷ୍ଟ କୋଭିଡ କୋଚର ହ୍ୟାଣ୍ଡରେଲ୍ ଓ ଲ୍ୟାଚ୍‌ଗୁଡିକ ଉପରେ ତମ୍ବାର ଆବରଣ ଦିଆଯାଇଛି। ତମ୍ବାର ଜୀବାଣୁନାଶକ ଗୁଣ ଥିବାରୁ ଏହା ସଂସ୍ପର୍ଶରେ ଆସିଲେ କରୋନା ଭୂତାଣୁ ଶୀଘ୍ର ମରିଯିବେ। ତମ୍ବାର ଆୟନ ପ୍ରଭାବରେ ଭୂତାଣୁର ପାଥୋଜେନ୍ ବିସ୍ଫୋରିତ ହୋଇ ଏହାର ଡିଏନ୍‌ଏ ଓ ଆରଏନ୍‌ଏକୁ ନଷ୍ଟ କରିଥାଏ। ତେଣୁ ରେଳଡବାରୁ ଭୂତାଣୁ ନଷ୍ଟ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାବ୍ୟତୀତ ନୂଆ କୋଚ୍‌ରେ ବ୍ୟବହୃତ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରେ ପ୍ଲାଜ୍‌ମା ବିଶୋଧକ ବ୍ୟବସ୍ଥା କରାଯାଇଥିବାରୁ ଶୀତତାପ ଯନ୍ତ୍ରରୁ ବାହାରୁଥିବା ପବନ ଭୂତାଣୁ ଓ ଜୀବାଣୁମୁକ୍ତ ହେବା ସହିତ ଡବା ଭିତରର ପରିବେଶକୁ ନିରାପଦ ରଖିବ। ଏହି ଶୀତତାପ ନିୟନ୍ତ୍ରକ ଭିତରେ ଆୟନଯୁକ୍ତ ପବନ ବ୍ୟବହାର କରାଯାଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏହାଦ୍ୱାରା ଡବା ଭିତରେ ଆୟନର ଉପସ୍ଥିତି ୧୦୦ ଗୁଣରୁ ୬ ହଜାର ଗୁଣ ବଢିପାରିବ ଏବଂ ସଂକ୍ରମଣର ଆଶଙ୍କା ରହିବ ନାହିଁ। ଏଥିସହ ଏସବୁ କୋଚ୍‌ରେ ଟିଟାନିୟମ ଡାଇଅକ୍ସାଇଡ ପ୍ରଲେପର ବ୍ୟବହାର କରାଯାଇଛି। ଏହି ପ୍ରଲେପରେ ଥିବା କ୍ଷୁଦ୍ରରୁ କ୍ଷୁଦ୍ର ଟିଟାନିୟମ ଡାଇଅକ୍ସାଇଡ ବିଶୋଧକଭାବେ କାର୍ଯ୍ୟକରିବ। ଏହା ପରିବେଶ ଅନୁକୂଳ ହୋଇଥିବାବେଳେ ଜୀବାଣୁ, ଭୂତାଣୁ, ଫଙ୍ଗସ୍ ଏବଂ ଅନ୍ୟାନ୍ୟ କ୍ଷତିକାରକ କୀଟାଣୁ ନିପାତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ୱାସ୍‌ବେସିନ, ଶୌଚାଳୟ, ସିଟ୍ ଓ ବର୍ଥ, ସ୍ନାକ ଟେବୁଲ, ଗ୍ଲାସ ୱିଣ୍ଡୋ, ଚଟାଣ ତଥା ଡବା ମଧ୍ୟରେ ଯାତ୍ରୀ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ସ୍ଥାନରେ ଏହି ପ୍ରଲେପ ଦିଆଯିବ। ଏହା ଏକବର୍ଷ ପର୍ଯ୍ୟନ୍ତ କାମ କରିବ। ଏହାଦ୍ୱାରା ରେଳଯାତ୍ରା ସମ୍ପୂର୍ଣ୍ଣ ରୋଗ ନିରୋଧକ ଓ ନିରାପଦ ହୋଇପାରିବ ବୋଲି ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଜନସାଧାରଣଙ୍କୁ ହାଇକୋର୍ଟ ମନା

#### ଆଇନଜୀବୀ, ମୋହରିରଙ୍କ ପାଇଁ ପରିଚୟପତ୍ର ଜରୁରୀ

**କଟକ ଅଫିସ,୧୪।୭:** କଟକ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ କଟକସ୍ଥିତ ବିଭିନ୍ନ କୋର୍ଟର କେତେକ ଆଇନଜୀବୀ ଓ ହାଇକୋର୍ଟର ଦୁଇଜଣ କର୍ମଚାରୀ ମଧ କରୋନା ଆକ୍ରାନ୍ତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। କେବଳ ଆଇନଜୀବୀ ଓ ତାଙ୍କ ମୋହରିରଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି। ପ୍ରବେଶ କରିବା ବେଳେ ସେମାନେ ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ। ମଙ୍ଗଳବାର ଏନେଇ ହାଇକୋର୍ଟର ରେଜିଷ୍ଟ୍ରାର୍ (ଜୁଡ଼ିସିଆଲ୍) ଲଳିତ ଦାସଙ୍କ ହାଇକୋର୍ଟ ଓକିଲ ସଂଘର ଅନ୍ତରୀଣ କମିଟି ସମ୍ପାଦକଙ୍କୁ ଚିଠି ଲେଖିଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ, କିଏ ବାହାର ଲୋକ ଓ କିଏ ଆଇନଜୀବୀ, ତାହା ସୁରକ୍ଷାକର୍ମୀ ଚିହ୍ନଟ କରିପାରୁ ନାହାନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଇନଜୀବୀ କଳା ଗାଉନ ପିନ୍ଧିବାକୁ ବାରଣ କରାଯାଇଥିବାରୁ ଏଭଳି ସମସ୍ୟା ଉପୁଜିଛି। ତେଣୁ ଆଇନଜୀବୀ ଓ ତାଙ୍କ ମୋହରିରମାନେ କୋର୍ଟରେ ପ୍ରବେଶ କରିବା ବେଳେ ପରିଚୟ ପତ୍ର ରଖନ୍ତୁ।

### ଖୋର୍ଦ୍ଧାରେ ୨୬ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୪।୭:** ଖୋର୍ଦ୍ଧା ଜିଲା(ଭୁବନେଶ୍ୱରକୁ ବାଦ୍ ଦେଇ) ରେ ମଙ୍ଗଳବାର ୨୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଲିପାଟଣାର ୩, ଟାଙ୍ଗୀର ୭, ବାଲୁଗାଁର ୪, ବାଣପୁରର ୩, ବୋଲଗଡ଼ର ୫, ବେଗୁନିଆ ୧, ଖୋର୍ଦ୍ଧା ପୌରାଞ୍ଚଳର ୨ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ କର୍ମଚାରୀ ରହିଛନ୍ତି। ଅନ୍ୟପଟେ ବାଣପୁରରୁ ଚିହ୍ନଟଙ୍କ ମଧ୍ୟରେ ଜଣେ ୩୪ବର୍ଷୀୟ ପୁରୁଷ ବାଣପୁର ସବ ଜେଲରେ ରହିଥିଲେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଆଜିଠୁ ପୁଣି ରେଡିଏସନ ଥେରାପି

କଟକ ଅଫିସ,୧୪।୭

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ବୁଧବାରଠାରୁ ପୁଣି ଆରମ୍ଭ ହେବ ରେଡିଏସନ ଥେରାପି। ଏଥିପାଇଁ ୧୬ ଜଣ ରୋଗୀଙ୍କ କୋଭିଡ୍ ଟେଷ୍ଟ କରାଯିବା ସହ ସମସ୍ତ ପ୍ରସ୍ତୁତି ସରିଥିବା ଡା. ସୁରେନ୍ଦ୍ରନାଥ ସେନାପତି କହିଛନ୍ତି। କିନ୍ତୁ ଏହି ରୋଗୀଙ୍କ ଇନ୍‌ଡୋର ଆଡମିଶନ ହେବନାହିଁ। ସମସ୍ତେ ଆସି ଲାଇଟ୍ ପକାଇ ପୁଣି ଫେରିଯିବାକୁ କୁହାଯାଇଛି। ଏହାପରେ ପର୍ଯ୍ୟାୟକ୍ରମେ କେମୋଥେରାପି ଓ ଅନ୍ୟ ପ୍ରକ୍ରିୟା କରାଯିବ। ଉଲ୍ଲେଖଯୋଗ୍ୟ, ଗତ ମାସ ୨୬ ତାରିଖ ଆଚାର୍ଯ୍ୟ ହରିହର ପ୍ରତିଷ୍ଠାନରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରଠାରୁ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇ ୧୨୦ରେ ପହଞ୍ଚିଥିଲା। ଫଳରେ ଜୁଲାଇ ୪ରୁ ଏଠାରେ ରୋଗୀସେବା ବ୍ୟାହତ ହୋଇଥିଲା। ସେବେଠାରୁ ହସ୍ପିଟାଲରେ ନୂଆ ରୋଗୀଙ୍କୁ ଆଡ୍‌ମିଶନ ନ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗତ ୧୦ ତାରିଖରୁ ଏଠାରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ ଆରମ୍ଭ ହୋଇଥିଲା। ମଙ୍ଗଳବାର ଓପିଡିକୁ ପ୍ରାୟ ୬୦ ଜଣ ରୋଗୀ ଆସିଥିବା ଜଣାପଡ଼ିଛି।



ମଙ୍ଗଳବାର ପୁରୀ ବଡ଼ଦାଣ୍ଡରେ ଜମିଥିବା ବର୍ଷାପାଣିରେ ଶ୍ରୀମନ୍ଦିର ଓ ତିନିରଥର ପ୍ରତିଛବି।

## ଫୌଜଦାରି ହୋଇପାରିବନି ଦେୱାନୀ ବିବାଦ

କଟକ ଅଫିସ,୧୪।୭

### ହାଇକୋର୍ଟଙ୍କ ରାୟ

ଅନେକ ସମୟରେ ଦେୱାନୀ ବିବାଦଗୁଡ଼ିକୁ ଫୌଜଦାରି ମାମଲାର ରୂପ ଦିଆଯାଉଛି। ଥାନାରେ ଏହା ଫୌଜଦାରି ମାମଲା ଭାବେ ରୁଜୁ ହେଉଛି। ଏଣୁ କୌଣସି ଦେୱାନୀ ବିବାଦକୁ ଫୌଜଦାରି ମାମଲା ଭାବେ ଗ୍ରହଣ କରିବା ବେଳେ ପ୍ରଥମେ ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ ବୋଲି ଏକ ଜାମିନ ଆବେଦନର ଶୁଣାଣି ବେଳେ ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆର୍ଥିକ କାରବାର ଜନିତ ମାମଲାରେ ଗିରଫ ହୋଇଥିବା ଏସ୍. ରଞ୍ଜନ ରାଜୁଙ୍କ ଜାମିନ ଆବେଦନର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ। ତଳ ଅଦାଲତ ଜାମିନ ସର୍ତ୍ତ ସ୍ଥିର କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ମାମଲା ଅନୁଯାୟୀ, କେ.ଜି. ବାବୁ ଓ ଅଭିଯୁକ୍ତ ରଞ୍ଜନଙ୍କ ମଧ୍ୟରେ ବହୁ ବର୍ଷ ହେଲା ବ୍ୟାବସାୟିକ ସମ୍ପର୍କ ଥିଲା। ଭୁବନେଶ୍ୱରରେ ଏକ ଫ୍ଲାଟ୍ କିଣିବା ପାଇଁ ରଞ୍ଜନଙ୍କୁ ବାବୁ ପ୍ରାୟ ୬୪ ଲକ୍ଷ ଟଙ୍କା ଦେଇଥିଲେ। ରଞ୍ଜନ ଫ୍ଲାଟ୍ କିଣିଲେନି କିମ୍ବା ଟଙ୍କା ଫେରସ୍ତ କଲେନାହିଁ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଚଣ୍ଡିଖୋଲ ନିକଟସ୍ଥ ଏକ ପେଟ୍ରୋଲ୍ ପମ୍ପ ପାଖରେ ରଞ୍ଜନ ଲୁହା ରଡ୍‌ରେ ବାବୁଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଏନେଇ ବାବୁ ବଡ଼ଚଣା ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁକରି ରଞ୍ଜନଙ୍କୁ ଗିରଫ କରିଥିଲା।

# ପୁରୀ: ଦୁର୍ଦ୍ଦିନରେ ପାନ, ନଡ଼ିଆ ଚାଷୀ

ପୁରୀ ଅଫିସ,୧୪।୭

### ଉଦ୍ୟାନ କୃଷି ବିଭାଗ ସହାୟତା ଦେଉ: କଂଗ୍ରେସ

ପୁରୀ ଜିଲାର ପାନ ଓ ନଡ଼ିଆ ଚାଷୀ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବାତ୍ୟା ଫନୀରେ ଚାଷୀଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏ ଯାଏ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳି ନାହିଁ। ଅନେକ ଚାଷୀଙ୍କ ଜୀବିକା ଉଜୁଡ଼ି ଯାଇଥିବାରୁ ସେମାନେ ସମସ୍ୟାରେ ରହିଛନ୍ତି। ଉଦ୍ୟାନ କୃଷି ବିଭାଗ ତୁରନ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

ଉପକୂଳବର୍ତ୍ତୀ ପୁରୀ ଜିଲାର ପ୍ରାୟ ୭୫ ପ୍ରତିଶତ ଲୋକ ପ୍ରତ୍ୟକ୍ଷ ଭାବେ କୃଷି ଉପରେ ନିର୍ଭରଶୀଳ। ଧାନ, ପାନ, ନଡ଼ିଆ, କାଜୁ ଓ ପନିପରିବା ପ୍ରମୁଖ ଫସଲ। ତେବେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଜିଲାରେ ଉଦ୍ୟାନ କୃଷି ବିଭାଗ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନାହିଁ। ବାତ୍ୟା ଫନୀରେ ଜିଲାରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଫଳନ୍ତି ନଡ଼ିଆ ଗଛ ଭାଙ୍ଗିପଡ଼ିଥିଲା। କ୍ଷତିପୂରଣ ପାଇଁ ଚାଷୀ ଆଶା ବାନ୍ଧିଥିଲେ। କିନ୍ତୁ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ସହାୟତା ମିଳିନାହିଁ। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେବଳ ୪ଟି ବ୍ଲକରେ ୧୨ହଜାର ଚାଷୀଙ୍କୁ ୪ଲକ୍ଷ ନଡ଼ିଆ ଚାରା ବଣ୍ଟନ କାର୍ଯ୍ୟକ୍ରମ ଠିକ୍ ଭାବେ ହୋଇପାରୁନାହିଁ। ଜିଲା ଉଦ୍ୟାନ ବିଭାଗରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ସହକାରୀ ଉଦ୍ୟାନ ଅଧିକାରୀ ପଦ ଖାଲିପଡ଼ିଛି। ଫଳରେ ଚାଷୀମାନେ ଉଦ୍ୟାନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଜିଲା କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ସେହିପରି ଫନୀରେ ହଜାର ହଜାର ପାନ ବରଜ ଭାଙ୍ଗିଥିଲା। ଏ ପର୍ଯ୍ୟନ୍ତ ସମସ୍ତଙ୍କୁ ସହାୟତା ମିଳିନାହିଁ। ଫଳରେ ୨୦ ହଜାର ପାନଚାଷୀ ସମସ୍ୟାରେ ରହିଛନ୍ତି। ଗତ ୪ମାସ ହେବ କରୋନା କଟକଣା ଦୃଷ୍ଟିରୁ ଅଭାବୀ ପାନ ବିକ୍ରି ଯୋଗୁ ଚାଷୀ ପ୍ରଭୂତ କ୍ଷତି ସହିଛନ୍ତି। ଅର୍ଥାଭାବ ଯୋଗୁ ବରଜ ସଜାଡ଼ି ପାରୁନାହାନ୍ତି। ବରଜ ସଜାଡ଼ିବା ସହ ନୂତନ ବରଜ ତିଆରି ପାଇଁ ୧୩,୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଲାଗି ପ୍ରତି ଚାଷୀ ୟୁନିଟ୍ ପିଛା ୧୫ହଜାର ଟଙ୍କା ଦେବା ନିମନ୍ତେ ବ୍ୟୟ ଅଟକଳ ହୋଇଛି। ଜିଲାର ମାତ୍ର ୨,୬୦୦ ଚାଷୀଙ୍କୁ ଏହି ସହାୟତା ଦେବାକୁ ନିଷ୍ପତ୍ତି ନିଆଯାଇ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପାନଚାଷୀଙ୍କୁ ସରକାର ବୀମାଭୁକ୍ତ କରିବା ଜରୁରୀ ହୋଇପଡ଼ିଛି। ନାରିକେଳ ଉନ୍ନୟନ ବୋର୍ଡ ନଡ଼ିଆ ଗଛ ବୀମା ପାଇଁ ସହାୟତା ଯୋଗାଇ ଦେଉଥିବା ବେଳେ ପୁରୀ ଜିଲାବ୍ୟାପୀ ଏହାକୁ କାହିଁକି କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏସବୁ ନେଇ ଜିଲା କଂଗ୍ରେସ କମିଟି ତରଫରୁ ରାଜ୍ୟ କୃଷି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖିବା ସହିତ ସମସ୍ତ କ୍ଷତିଗ୍ରସ୍ତ ପାନ ଓ ନଡ଼ିଆ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ପଟ୍ଟନାୟକ ଦାବି କରିଛନ୍ତି।

## ଛୁରି ଭୁସି ବାର୍ କର୍ମଚାରୀଙ୍କୁ ହତ୍ୟା

ଖୋର୍ଦ୍ଧା ଅଫିସ,୧୪।୭

- କାର୍ ପାର୍କିଂକୁ ନେଇ ବଚସା
- ୨ଟି ଟିମ୍ ଗଠନ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଜାରି

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଗଡଖୋର୍ଦ୍ଧାସ୍ଥିତ ସରକାରୀ ବିଦେଶୀ ମଦ ବାର୍ ଆଗରେ ମଙ୍ଗଳବାର ୩ଜଣ ଦୁର୍ବୃତ୍ତ ଜଣେ ବାର୍ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତ ବାର୍ କର୍ମଚାରୀ ହେଲେ ଖୋର୍ଦ୍ଧା ଉପର ସାହିର ଅମିୟ ବାରିକ ଓରଫ ଅଜୁ (୩୬)। ଖବରପାଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ସାଇଣ୍ଟିଫିକ ଟିମଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୨୪୩/୨୦) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ୧୬ନଂ. ଜାତୀୟ ରାଜପଥରେ ଏକ ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ବାର୍ ଦୋକାନ ରହିଛି। ଅପରାହ୍ନ ପ୍ରାୟ ୪ଟା ୩୦ରେ ୩ଜଣ ଦୁର୍ବୃତ୍ତ ଏକ କାରରେ ଏହି ବାର୍‌କୁ ଆସିଥିଲେ। ବାର୍ ଆଗରେ କାର ପାର୍କିଂକୁ ନେଇ ସିକ୍ୟୁରିଟି ଗାର୍ଡଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ସେମାନେ ସେଠାରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ପୁଣି ସେମାନେ ସେଠାକୁ ଆସିଥିଲେ। ବାର ଆଗରେ ଦୁଇ କର୍ମଚାରୀ ଛିଡା ହୋଇଥିବା ବେଳେ ଦୁର୍ବୃତ୍ତମାନେ କାରରୁ ବାହାରି ଛୁରିରେ ଆକ୍ରମଣ ଲାଗି ସେମାନଙ୍କୁ ଗୋଡାଇଥିଲେ। ଜଣେ କର୍ମଚାରୀ ଦୌଡି ପଳାଇଥିବା ବେଳେ ଅମିୟ ତଳେ ପଡ଼ି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ପିଠିକୁ ୮ଥର ଛୁରି ଭୁସି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅମିୟଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

## ଯେକୌଣସି ଆରଟିଓରୁ ସରକାରୀ ଗାଡ଼ିକୁ ମିଳିବ ଫିଟ୍‌ନେସ୍ ସାର୍ଟିଫିକେଟ

କଟକ ଅଫିସ,୧୪।୭

### ନିର୍ଦ୍ଦେଶନାମା ଜାରିକଲା ଏସ୍‌ଟିଏ

ରାଜ୍ୟର ଯେକୌଣସି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରୁ ସରକାରୀ ଗାଡ଼ିକୁ ଫିଟନେସ୍ ସାର୍ଟିଫିକେଟ୍ ଦିଆଯାଇପାରିବ। ମଙ୍ଗଳବାର ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଏନେଇ ନିର୍ଦ୍ଦେଶନାମା ଜାରି କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର, ରାଜ୍ୟ ସରକାରଙ୍କ ଅଧିକୃତ ସଂସ୍ଥା ଓ ପୌରାଞ୍ଚଳ ପକ୍ଷରୁ ବିଭିନ୍ନ ମଡେଲ୍‌ର ଗାଡ଼ି କିଣାଯାଇଥାଏ। ପ୍ରଶାସନିକ ଆବଶ୍ୟକତାକୁ ଦେଖି ଏହି ଗାଡ଼ିଗୁଡ଼ିକ ପରେ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଇଥାଏ। ପୂର୍ବ ନିୟମ ଅନୁଯାୟୀ, ଫିଟନେସ୍ ସାର୍ଟିଫିକେଟ୍ ପାଇବାକୁ ହେଲେ, ଯେଉଁ ଆର୍‌ଟିଓରେ ଗାଡ଼ି ପଞ୍ଜୀକୃତ ହୋଇଛି, ସେଠାରେ ଆବେଦନ କରିବାକୁ ପଡୁଥିଲା। ଏହାଦ୍ୱାରା ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍ ପାଇବାରେ ଅସୁବିଧା ହେଉଥିବାରୁ ନିୟମ ପରିବର୍ତ୍ତନ ପାଇଁ ଦାବି ହୋଇଆସୁଥିଲା। ଏହାକୁ ଗ୍ରହଣକରି ବିଭାଗ ନୂଆ ନିୟମ ଲାଗୁ କରିଛି। ଏହାଦ୍ୱାରା ଅନ୍ୟ ସବୁ ବିଭାଗ ସହ ପୋଲିସ ବିଭାଗ ଅଧିକ ଉପକୃତ ହେବ। କାରଣ ରାଜ୍ୟ ପୋଲିସ ମୁଖ୍ୟାଳୟ କଟକ ସହରରେ ରହିଛି। ବିଭାଗ ପାଇଁ କିଣାଯାଉଥିବା ଗାଡ଼ିଗୁଡ଼ିକ କଟକ ଆର୍‌ଟିଓରେ ପଞ୍ଜୀକୃତ ହୋଇଥାଏ। ପରେ ସେଗୁଡ଼ିକୁ ରାଜ୍ୟର ବିଭିନ୍ନ ପୋଲିସ ଜିଲାକୁ ପଠାଯାଏ। କିନ୍ତୁ ଫିଟନେସ୍ ସାର୍ଟିଫିକେଟ୍ ପାଇଁ କଟକ ଆର୍‌ଟିଓରେ ଆବେଦନ କରିବାକୁ ହୁଏ।

# ବାଲୁଖଣ୍ଡରେ ଜମୁଛି ପାଣି, ମରୁଛି ଗଛ

ପୁରୀ ଅଫିସ,୧୪।୭



ମାଟି, ବାଲି ଗଦାହୋଇ ଜଳ ନିଷ୍କାସନ ପଥ ଅବରୋଧ ହୋଇପଡ଼ିଛି।

### ଖୋଲା ହେଲା ଜଳ ନିଷ୍କାସନ ପଥ

ଏକଦା ବିଭିନ୍ନ ପ୍ରକାର ବୃକ୍ଷରାଜିକୁ ନେଇ ଆକର୍ଷଣୀୟ ସାଜିଥିବା ବାଲୁଖଣ୍ଡ ଅଭୟାରଣ୍ୟ ଗତବର୍ଷ ଫନୀରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଲକ୍ଷ ଲକ୍ଷ ଗଛ ଭାଙ୍ଗି ଓ ଉପୁଡ଼ି ପଡ଼ିଯାଇଥିଲା। ତେବେ ବାତ୍ୟା ମୁହଁରୁ ବର୍ତ୍ତି ଯାଇଥିବା କେତେକ ଗଛ ଏବେ ଜଙ୍ଗଲରେ ଜମୁଥିବା ପାଣି ଯୋଗୁ ମରିଯାଉଛନ୍ତି। ସେହିପରି ଅଭୟାରଣ୍ୟର ପୁନରୁଦ୍ଧାର ପାଇଁ ଲାଗିଥିବା ଚାରା ବି ନଷ୍ଟ ହେଉଛି। ପୂର୍ବରୁ ଅଭୟାରଣ୍ୟରୁ ପାଣି ନିଷ୍କାସିତ ହୋଇ ଯାଉଥିଲା। ମାତ୍ର ପୁରୀ-କୋଣାର୍କ ରାସ୍ତା ଉଚ୍ଚା ହେବା ଏବଂ ଏକ ନୂତନ ପାର୍କ ନିର୍ମାଣ ଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବାରୁ ଜଙ୍ଗଲରେ ପାଣି ଜମିରହୁଛି। ୨୦୧୯ ମେ ୩ ତାରିଖରେ ପୁରୀ ଜିଲାରେ ତାଣ୍ଡବ ରଚିଥିଲା ବାତ୍ୟା ଫନୀ। ଏଥିରେ ବାଲୁଖଣ୍ଡ ଅଭୟାରଣ୍ୟର ସବୁଜିମା ଉଜୁଡ଼ି ଯାଇଥିଲା। ୮୭ ବର୍ଗ କିମି ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପ୍ରାୟ ୫ହଜାର ହେକ୍ଟର ଅଞ୍ଚଳରେ ୫୦ରୁ ୬୦ ଲକ୍ଷ ଗଛ ଧରାଶାୟୀ ହୋଇଥିଲା। ତେବେ ବାତ୍ୟା ମୁହଁରୁ ବର୍ତ୍ତି ଯାଇଥିବା ଗଛଗୁଡ଼ିକ ଧୀରେ ଧୀରେ ସମ୍ପୂର୍ଣ୍ଣ ଦମ୍ଭ ଧରିଥିବା ବେଳେ ଏବେ ଦାଉ ସାଧୁଛି ପାଣି। ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ଅଭୟାରଣ୍ୟରୁ ପାଣି ଛାଡୁନି। ଫନୀ ପରେ ପ୍ରାୟ ୪/୫ ମାସ ଧରି ଅଭୟାରଣ୍ୟ ଭିତରେ ପାଣି ଜମି ରହିଥିଲା। ଏହାପରେ ଯେବେ ବି ବର୍ଷା ହେଉଛି ପାଣି ଆଦୌ ନିଷ୍କାସନ ହେଉନାହିଁ। ପୂର୍ବରୁ ଅଭୟାରଣ୍ୟର ପାଣି ଅପର ପାର୍ଶ୍ୱକୁ ବୋହି ଯାଉଥିଲା। ସେତେବେଳେ ପୁରୀ-କୋଣାର୍କ ରାସ୍ତା ଏତେ ଉଚ୍ଚ ନ ଥିଲା। ରାସ୍ତା ଏବେ ଉଚ୍ଚ ହୋଇଯାଇଛି। ସେହିପରି ଏହି ରାସ୍ତା ପାର୍ଶ୍ୱରେ ଏକ ପାର୍କ ନିର୍ମାଣ ହୋଇଥିବାରୁ ଜଳ ନିଷ୍କାସନ ପଥ ଅବରୋଧ ହୋଇଯାଇଛି। ତେଣୁ ମାସ ମାସ ଧରି ଅଭୟାରଣ୍ୟରେ ପାଣି ଜମି ରହୁଛି। ଏହାଦ୍ୱାରା ଗଛ ମରୁଥିବା ବେଳେ ଫନୀ ପରେ ଲାଗିଥିବା ଚାରା ନଷ୍ଟ ହେବାରେ ଲାଗିଛି। ଗୋଟିଏ ପଟେ ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବା ଲାଗି ବନ ବିଭାଗ ଉଦ୍ୟମ ଚଳାଇଛି। ଅନ୍ୟପଟେ ଜମୁଥିବା ପାଣି ଗଛଗୁଡ଼ିକ ପାଇଁ ଘାତକ ସାଜୁଛି। ତେଣୁ ଅଭୟାରଣ୍ୟରୁ ଜଳ ନିଷ୍କାସନ ପାଇଁ ବନ ବିଭାଗ ପକ୍ଷରୁ ପଥ ଖନନ କରାଯାଉଛି।

ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି, ଫନୀରେ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ତେଣୁ ପୁଣି କିପରି ସବୁଜିମା ଫେରିପାଇବ ସେ ନେଇ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଅଭୟାରଣ୍ୟ ପରିସରରେ ଚାରା ରୋପଣ କରାଯାଇଛି। ଆଗକୁ ବି ଚାରା ରୋପଣ କରାଯିବ। ତେବେ ଅଭୟାରଣ୍ୟ ପରିସରରୁ ବର୍ତ୍ତମାନ ଜଳ ନିଷ୍କାସନ ହେଉ ନାହିଁ। ଫଳରେ ବଡ଼ ବଡ଼ ଗଛ ମରିଯାଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଏବେ ଜଳ ନିଷ୍କାସନ ପଥ ଖୋଲାଯାଉଛି।

## ସଂକ୍ଷେପରେ

### ଭିତରକନିକାରେ ୧୦୩ କୁମ୍ଭୀର ବସା ଚିହ୍ନଟ

ରାଜନଗର, ୧୪।୭(ଡି.ଏନ.ଏ.): ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳରେ ବାସ କରୁଥିବା ବିରଳ ବଉଳା କୁମ୍ଭୀର ୧୦୩ଟି ବସାରେ ଅଣ୍ଡା ଦେଇଥିବା ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। କନିକା ରେଞ୍ଜରେ ୯୦, ରାଜନଗର ରେଞ୍ଜରେ ୯, ଗହୀରମଥା ରେଞ୍ଜରେ ୨ ଓ ମହାକାଳପଡା ରେଞ୍ଜରେ ୪ କୁମ୍ଭୀର ବସା ଚିହ୍ନଟ ହୋଇଛି। ଗତବର୍ଷ କନିକା ରେଞ୍ଜରେ ୯୧ କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ଏବର୍ଷ ୯୦ ଓ ଗହୀରମଥା ରେଞ୍ଜରେ ଗୋଟିଏ ବଦଳରେ ଏଥର ଦୁଇଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ସେହିପରି ୨୦୧୮ରେ ୧୦୧, ୨୦୧୭ରେ ୮୦ ଓ ୨୦୧୬ରେ ୭୫ କୁମ୍ଭୀର ବସା ଚିହ୍ନଟ ହୋଇଥିଲା ବୋଲି ଡିଏଫ୍‌ଓ ଦାଶ ସୂଚନା ଦେଇଛନ୍ତି। ପ୍ରତିବର୍ଷ ନଷ୍ଟ ହୋଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ ପ୍ରଜନନ କେନ୍ଦ୍ରରେ ରଖାଯାଇ କୃତ୍ରିମ ଉପାୟରେ ଛୁଆ ଫୁଟାଯାଇଥାଏ। ଚଳିତବର୍ଷ ଅଣ୍ଡା ସଂଗ୍ରହ ହୋଇ ନ ଥିବା ଜଣାପଡିଛି।

### ଅଙ୍ଗାଲୋ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଯାଜପୁର ଟାଉନ୍, ୧୪।୭ (ଡି.ଏନ୍.ଏ.): ଅଙ୍ଗାଲୋ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ନାଏବ ସରପଞ୍ଚଙ୍କ ସମେତ ସଭ୍ୟ/ସଭ୍ୟାମାନେ ଯାଜପୁର ଉପ ଜିଲାପାଳଙ୍କ ନିକଟରେ ଆବେଦନ କରିଛନ୍ତି। ଅଙ୍ଗାଲୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲଙ୍କ ମନମୁଖି କାର୍ଯ୍ୟ ଏବଂ ଦଳୀୟ ଭିତ୍ତିରେ କାର୍ଯ୍ୟ ସମ୍ପାଦନା କରିବା ଆଦି ଅଭିଯୋଗ କରାଯାଇଛି। ଏଥିଯୋଗୁ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ନାଏବ ସରପଞ୍ଚ କବିତା ସାମଲ, ସଭ୍ୟା ରଙ୍ଗଲତା ରାଉତ, ବାସନ୍ତି ସାମଲ, ନିଶିକାନ୍ତ ସାମଲ, ଗୀତାଞ୍ଜଳି ଜେନା, ନିରଞ୍ଜନ ମଲ୍ଲିକ, ଶଶିକାନ୍ତ ସାମଲ, ହରି ସେଠୀ ପ୍ରମୁଖ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବରୀ ବିଧାୟିକା ସୁନନ୍ଦା ଦାସ ଉପସ୍ଥିତ ମଧ ଥିଲେ।

### ରାତ୍ରକାଳୀନ କର୍ଫ୍ୟୁ ସମୟ ବଢ଼ିଲା

କେନ୍ଦ୍ରାପଡ଼ା ଅଫିସ/ରାଜନଗର (ଡି.ଏନ.ଏ.),୧୪।୭: କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲା ପ୍ରଶାସନ ୧୨ ଘଣ୍ଟା ପର୍ଯ୍ୟନ୍ତ ରାତ୍ରକାଳୀନ କର୍ଫ୍ୟୁ ସମୟକୁ ମଙ୍ଗଳବାର ବଢ଼ାଇଛି। ବୁଧବାରଠାରୁ ସନ୍ଧ୍ୟା ୬ଟାଠାରୁ ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ରହିବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେହିପରି ରାଜନଗର ବ୍ଲକର ସମସ୍ତ ସରପଞ୍ଚଙ୍କ ସହ ଜିଲାପାଳ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରିଥିଲେ। ଏଥିରେ ୨୯ ପଞ୍ଚାୟତର ସରପଞ୍ଚଙ୍କ ସମେତ ବିଡିଓ ମନ୍ଦରଧର ମହାଲିକ, ତହସିଲଦାର ଭୋଳାନାଥ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଟକ, ଭୁବନେଶ୍ୱର, ଗଞ୍ଜାମ, ଯାଜପୁର, ବାଲେଶ୍ୱର, ସୁନ୍ଦରଗଡ କରୋନା ହଟ୍‌ସ୍ପଟ୍ ଜିଲା ପାଲଟିଛି। ଏହିସବୁ ଜିଲାରୁ କେହି କେନ୍ଦ୍ରାପଡା ଆସିଲେ ସେମାନଙ୍କୁ ବାଧ୍ୟତାମୂଳକ ସରକାରୀ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ଜିଲାପାଳ କହିଥିଲେ। ତାଙ୍କ ନିର୍ଦ୍ଦେଶନାମା ମୁତାବକ ଦୋକାନବଜାର ଖୋଲିବା ସମୟ ସକାଳ ୫ରୁ ରାତି ୯ ପରିବର୍ତ୍ତେ ସକାଳ ୬ରୁ ସନ୍ଧ୍ୟା ୬ କରାଯାଇଛି।

## ରାସ୍ତା ନିର୍ମାଣରେ ଦୁର୍ନୀତି

# ଏସ୍‌ଇଙ୍କ ତଦନ୍ତ ସମୟରେ ଯନ୍ତ୍ରୀ ଅନୁପସ୍ଥିତ

ଯାଜପୁର ଅଫିସ/ବାଲିଚନ୍ଦ୍ରପୁର (ଡି.ଏନ.ଏ.),୧୪।୭

ଯାଜପୁର ଜିଲା ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅନ୍ତର୍ଗତ ଏକ ରାସ୍ତା ନିର୍ମାଣ କାର୍ଯ୍ୟରେ ପୁଣି ଏକ ମହାଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ପ୍ରାୟ ୨ କୋଟି ଟଙ୍କା ବିନିଯୋଗରେ ବଡଚଣା ବ୍ଲକ ଉଦୟଗିରି-ମଝିପଡ଼ାଠାରୁ ପୂର୍ତ୍ତ ବିଭାଗ ରାସ୍ତା ଭାୟା ତଳଚଣ୍ଡିଆ ବର୍ଷକ ମଧ୍ୟରେ ଫାଟି ଦବି ଯିବା ଅଭିଯୋଗ ହୋଇଥିଲା। ଏହିକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ(ଆରଡି) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ନିର୍ମାଣ ବିଭାଗ କେନ୍ଦ୍ରାପଡା-ଯାଜପୁର ସର୍କଲର ଅଧୀକ୍ଷଣ ଯନ୍ତ୍ରୀ(ଏସ୍‌ଇ) ଗତ ୭ ତାରିଖରେ ତଦନ୍ତରେ ଯାଇଥିଲେ। କିନ୍ତୁ ଏହି ସମୟରେ ମେଡିକାଲ କାର୍ଯ୍ୟରେ ନିର୍ବାହୀ



ଯନ୍ତ୍ରୀ ଅନୁପସ୍ଥିତ ଥିଲାବେଳେ ଗ୍ରାମ୍ୟ ନିର୍ମାଣ ବିଭାଗ ଚଣ୍ଡିଖୋଲ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର କାରଣ ନ ଦର୍ଶାଇ ଅନୁପସ୍ଥିତ ରହିଥିଲେ। ଏନେଇ ଏସ୍‌ଇ ଉଦ୍‌ବେଗ ପ୍ରକାଶ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଫନି, ତିତ୍‌ଲି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ରାସ୍ତାର ମରାମତି ନାଁରେ ପୂର୍ବରୁ ବିପୁଳ ପରିମାଣର ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା

**ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ**

**ସହକାରୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ**

ଅଭିଯୋଗ ହୋଇଥିଲା। ଏବେ ଦୁର୍ନୀତିରୁ ଖସିଯିବା ପାଇଁ ତଦନ୍ତ ସମୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବମାନନା କରାଯାଇଥିବା ଚର୍ଚ୍ଚା ହେଉଛି।

ପ୍ରାୟ ୧୦ ଗ୍ରାମର ଲୋକଙ୍କ ଯାତାୟାତ ସୁବିଧା ପାଇଁ ୧୩।୧୨।୨୦୧୪ରେ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ ଉପରୋକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୩/୪ ବର୍ଷ ପରେ କାର୍ଯ୍ୟ ଆରମ୍ଭ ହୋଇ ଗତ ୧ ବର୍ଷ ହେବ ସମ୍ପନ୍ନ ହୋଇଛି। ଏବେ ଏହି ରାସ୍ତାରେ ଶତାଧିକ ଖାଲ ସୃଷ୍ଟି ହେବା ସହ ମଝିରେ ମଝିରେ ଫାଟି ଆଁ କରିଛି। ଏଥିରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ବ୍ୟାପକ ସଲାସୁତୁରା ହୋଇଥିବା ଏବଂ ସେମାନଙ୍କୁ ପ୍ରଭାବଶାଳୀଙ୍କ ସୁରକ୍ଷା ମିଳୁଥିବା ଗ୍ରାମବାସୀ ଅଭିଯୋଗ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଉଦୟଗିରି-ମଝିପଡ଼ା ରାସ୍ତାରେ ଅନୁଦାନ ହଡ଼ପ ଅଭିଯୋଗ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ପ୍ରମୋଦ ସାମଲଙ୍କୁ ମରାମତି କରିବାକୁ ନିର୍ଦ୍ଦେଶ ହୋଇଛି। ଭାରିଯାନ ଚଳାଚଳ ଯୋଗୁ ରାସ୍ତା ନଷ୍ଟ ହୋଇଥିବା ମନେ ହୋଇଛି। ଏହାସହ ଏଇଙ୍କ ନିର୍ଦ୍ଦେଶ ଅନୁସାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ମଧ କାରଣ ଦର୍ଶାଇବାକୁ ସୂଚିତ କରାଯାଇଛି।

## ଜଖପୁରା ଥାନାକୁ ବିଦ୍ୟୁତ୍ ସଂଯୋଗ ପାଇଁ ପଦକ୍ଷେପ

କଳିଙ୍ଗନଗର,୧୪।୭(ଡି.ଏନ.ଏ.)

ଜଖପୁରା ଥାନାକୁ ବିଦ୍ୟୁତ୍ ସଂଯୋଗ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଜଖପୁରା ଥାନାରେ ଦୁଇ ବର୍ଷ ଧରି ବିଦ୍ୟୁତ୍ ସଂଯୋଗ ନ ଥିବା ଜିଲାପାଳ ଦାସ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବା ବେଳେ ଜାଣିବାକୁ ପାଇଥିଲେ। ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ଏଷ୍ଟିମେଟ ତୁରନ୍ତ ପ୍ରଦାନ ପାଇଁ ଜିଲାପାଳ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମିନାଙ୍କୁ ସୂଚନା ଦେଇଥିଲେ। ମଙ୍ଗଳବାର ଡିଏମ୍‌ଏଫ୍ ପାଣ୍ଠିରୁ ଏ ସମ୍ପର୍କରେ ପଦକ୍ଷେପ ନିଆଯାଇଥିବା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କହିଛନ୍ତି।

## ଯାଜପୁରରୁ କୋଲକାତା, ରାଉରକେଲାକୁ ବସ୍ ଚଳାଚଳ ବନ୍ଦ

ଯାଜପୁର ଅଫିସ୍/ଯାଜପୁର ଟାଉନ୍ (ଡି.ଏନ୍.ଏ.), ୧୪।୭

ଯାଜପୁର ଜିଲାରୁ କୋଲକୋତା ଓ ରାଉରକେଲାକୁ ବସ୍ ଚଳାଚଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ବୁଧବାରଠାରୁ ଏହା କାର୍ଯ୍ୟକାରୀ କରାଯିବ। ଏ ନେଇ ମଙ୍ଗଳବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ସମ୍ପ୍ରତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯ ଶହ ଟପିଛି। ତେବେ ପ୍ରାଥମିକ ଭାବେ କୋଲକତାରୁ ଆସିଥିବା ବ୍ୟକ୍ତିବିଶେଷଙ୍କଠାରୁ ଏହା ବ୍ୟାପକ ହୋଇଥିଲା। ବର୍ତ୍ତମାନ ସଂକ୍ରମଣ ଅଧିକ ବଢ଼ିବା ଆଶଙ୍କା ଥିବାରୁ ଏହି ସମୟରେ କୌଣସି ବସ୍ କୋଲକତା ଓ ରାଉରକେଲା ଯିବା ଆସିବା କରିପାରିବ ନାହିଁ ବୋଲି ଜିଲାପାଳ ଦାସ ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଏହି ମର୍ମରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ କର୍ଣ୍ଣାଟକେଶରୀ ଦାସ ଯୋଗ ଦେଇଥିଲେ। ଜିଲା ପୋଲିସ ପ୍ରଶାସନ କୋଲକୋତା ଓ ରାଉରକେଲାକୁ ବସ୍ ଚଳାଚଳ କଟକଣା ଉପରେ ତଦାରଖ କରିବା ସହ ଜିଲାରେ ଧରପଗଡକୁ ଜୋରଦାର କରିବାକୁ ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଉପ ଜିଲାପାଳ ନାରାୟଣଚନ୍ଦ୍ର ଧଳ, ଆରଟିଓ ସଚ୍ଚିଦାନନ୍ଦ ପଣ୍ଡା, ଜିଲା ଜରୁରୀ ବିଭାଗ ଡିପିଏମ୍ ଦେବାଶିଷ ପ୍ରଧାନ, ଏମ୍‌ଭିଆଇ ଦୀପକ କୁମାର ସେଠୀ, ବରିଷ୍ଠ ରାଜସ୍ୱ ସହାୟକ ସୁଦୀପ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ନୟାଗଡ଼ରେ ଆକ୍ରାନ୍ତ ସଂଖ୍ୟା ୨୭୫

ନୟାଗଡ଼ ଅଫିସ,୧୪।୭: ନୟାଗଡ଼ ଜିଲାରେ ମଙ୍ଗଳବାର ଜଣେ କରୋନା ରୋଗୀ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୭୫ରେ ପହଞ୍ଚିଥିବା ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ କହିଛନ୍ତି। ଏଥିରୁ ୧୮୭ଜଣ ସୁସ୍ଥ ହୋଇଥିବାବେଳେ ଅବଶିଷ୍ଟ ୮୮ଜଣ ଭୁବନେଶ୍ୱର ଓ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜିଲାରେ ଜଣେ କରୋନାରେ ପ୍ରାଣ ହରାଇଛନ୍ତି।

## ନାବାଳିକାଙ୍କୁ ଦୁର୍ବ୍ୟବହାର କରି ଜଣେ ଅଟକ

ନୟାଗଡ଼ ଅଫିସ,୧୪।୭: ଦଳିତ ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ମଙ୍ଗଳବାର ଲେଖନପୁରର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ନାବାଳିକା ଜଣେ ସମ୍ପର୍କୀୟଙ୍କ ସହ କଥା ହେଉଥିବାବେଳେ ଯୁବକ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାରପିଟ କରିଥିଲେ। ଅଭିଯୋଗ ପରେ ପୋଲିସ ୧୦୯/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



ଜାରକା ଛକଠାରେ ଗାଡ଼ି ଅଟକି ରହିଛି।

## ଜାତୀୟ ରାଜପଥ ଜାମ୍, ଯାତ୍ରୀ ହନ୍ତସନ୍ତ

ଧର୍ମଶାଳା, ୧୪।୭ (ଡି.ଏନ୍.ଏ.)

୧୬ ନଂ. ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁଥିବା ବେଳେ ଗାଡ଼ି ଯା'ଆସ କରିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଗାଡ଼ିମୋଟର ଚାଳକମାନେ ବହୁ ଅସୁବିଧା ଭୋଗୁଛନ୍ତି। ବିଶେଷ କରି ଧର୍ମଶାଳା ବ୍ଲକ ଜାରକା ଛକଠାରେ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ ପାଇଁ ମୁଖ୍ୟ ରାସ୍ତାକୁ କାଟି ଦିଆଯାଇଥିବାରୁ ବାଇପାସ୍ ରାସ୍ତା ଦେଇ ଗାଡ଼ି ଚଳାଚଳ କରୁଛି। ଏହି ରାସ୍ତାଗୁଡିକ ଅଣ ଓସାରିଆ ହୋଇଥିବାରୁ ଅନେକ ସମୟରେ ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହୁଥିବା ଦେଖାଯାଉଛି। ତେବେ ରାସ୍ତାରୁ ଗାଡ଼ିକୁ ପାସ୍ ଦେବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି। ମଙ୍ଗଳବାର ପୂର୍ବାହ୍ନରେ ରାସ୍ତାରେ ଯାଉଥିବା ଏକ ଟ୍ରକ ଜାରକା ବ୍ୟାଙ୍କ ଛକଠାରେ ବ୍ରେକ୍ ଫେଲ ହେବା ଫଳରେ ଦୀର୍ଘ ସମୟ ଧରି ରାସ୍ତା ଉପରେ ବହୁ ଗାଡ଼ି ଅଟକି ରହିଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଗାଡ଼ିଗୁଡ଼ିକୁ ହଟାଇବା ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ରାସ୍ତା କାମ ପାଇଁ ଠିକାଦାର ବିଭିନ୍ନ ସ୍ଥାନରେ ଡାଇଭରଶନ କରିଥିଲେ ହେଁ ସେଠାରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରି ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କିନ୍ତୁ ଠିକାଦାର ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଓ ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୨ଜଣଙ୍କୁ ପୋଲିସ ଜିମା

ନୟାଗଡ଼ ଅଫିସ,୧୪।୭

- ଚିନିକଳ ପରିସରରୁ ଚୋରି
- ୩ ଗାଡ଼ି ଜବତ

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳ ଷ୍ଟୋରରୁମ୍‌ରୁ ମଙ୍ଗଳବାର ଚୋରି ହୋଇଥିବା ବିଭିନ୍ନ ଯନ୍ତ୍ରାଂଶ ଓ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଚିନିକଳ କର୍ମଚାରୀ ସଂଘ ଓ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଧରି ସଦର ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ୨ ବାଇକ୍, ଏକ ଟାଟା ଏସିଇ ସହ ଚୋରି ଯନ୍ତ୍ରାଂଶ ଜବତ କରିଛି। ସେହିପରି ଶରଧାପୁର ଜଣେ ଓ ହରିପୁରର ଟାଟା ଏସିଇ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଚିନିକଳ କର୍ମଚାରୀ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସୂଚନା ଅନୁସାରେ ସେ ଓ କ୍ରିୟାନୁଷ୍ଠାନ କମିଟି ସଭ୍ୟ ମନୋଜ ସାହୁ, ଶିବରାମ ମହାପାତ୍ର ଚୋରି ସମ୍ପର୍କରେ ଶୁଣିବା ପରେ ସେଠାରେ ପହଞ୍ଚିଥିଲେ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ଚୋରି ଉପକରଣ ଜବତ ପରେ ସେମାନେ ପୋଲିସକୁ ଅବଗତ କରିଥିଲେ। ହେଲେ ପୋଲିସ ସହଯୋଗ କଲାନି। ୨ ଘଣ୍ଟା ପରେ ପୋଲିସ ପହଞ୍ଚିଥିଲା। ଏବେ ବି କାରଖାନାର ବହୁ ଯନ୍ତ୍ରାଂଶ ପଛପାଖ ମୁଣ୍ଡିଆରେ ଲୁଚାଇ ରଖାଯାଇଛି। ଏହାକୁ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇ ନ ଥିବା ସେମାନେ ପ୍ରକାଶ କରିଛନ୍ତି।

## ପଜିଟିଭ୍ ଚିହ୍ନଟ ପରେ ୨ ପଞ୍ଚାୟତ ଲକ୍‌ଡାଉନ୍

କୁଜଙ୍ଗ, ୧୪।୭(ଡି.ଏନ୍.ଏ.) କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଓ ତାଳପଡ଼ା ପଞ୍ଚାୟତରୁ ପଜିଟିଭ ଚିହ୍ନଟ ହେବାପରେ ଉଭୟ ପଞ୍ଚାୟତକୁ ୭୨ ଘଣ୍ଟା ଲକ୍‌ଡାଉନ ଘୋଷଣା କରାଯାଇଛି। ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ ବୋଲି ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର ଓ ତାଳପଡ଼ା ସରପଞ୍ଚ ମମତା ସାହୁ କହିଛନ୍ତି। ଏନେଇ ସେମାନେ କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି ବୋଲି ସୂଚନା ଦେଇଛନ୍ତି।

## କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ ଟପିଲା

କେନ୍ଦ୍ରାପଡ଼ା ଅଫିସ, ୧୪।୭

**କେନ୍ଦ୍ରାପଡ଼ା ଜିଲା**

କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାର ୧୦ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ଜିଲାରେ ଏମାନଙ୍କ ସଂଖ୍ୟା ୩୦୯ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୯୭ ଜଣ ପ୍ରବାସୀ ଓ ଅନ୍ୟ ୧୨ ଜଣ ସଙ୍ଗରୋଧ କେନ୍ଦ୍ରର ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସଫେଇ କର୍ମଚାରୀ ଅଛନ୍ତି। ଇତିମଧ୍ୟରେ ଆଳି ଓ ମହାକାଳପଡା ବ୍ଲକର ୨ ଜଣଙ୍କ ମୃତ୍ୟୁ ହୋଇଛି। ଅପରପକ୍ଷରେ ବାହାରିନ ଓ ସାଉଦିଆରବରେ ୪ଜଣଙ୍କ ସମେତ ଦେଶର ବିଭିନ୍ନ ସ୍ଥାନରେ ଥିବା ୯ ଜଣ ପ୍ରବାସୀ କର୍ମସ୍ଥଳୀରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମେ ୪ ତାରିଖ ସୁଦ୍ଧା ୧୮ ହଜାର ଓ ମେ ୫ ତାରିଖରୁ ଅଦ୍ୟାବଧି ୪୪ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଆସିଥିବା ସରକାରୀ ତଥ୍ୟ କହୁଛି। ତେବେ ଏହି ସଂଖ୍ୟା ଲକ୍ଷାଧିକ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୧୩୮ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ କରାଯାଇ ପ୍ରବାସୀଙ୍କୁ ରଖାଯାଉଛି। ଅଦ୍ୟାବଧି ୮ ହଜାରରୁ କମ୍ ନମୁନା ସଂଗ୍ରହ ହୋଇଛି। ତେବେ ସୋମବାରଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ ଆରମ୍ଭ ହୋଇଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ଥିବାରୁ ତୁରନ୍ତ ସମସ୍ତ ପ୍ରବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ନମୁନା ସଂଗ୍ରହ ପାଇଁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହନ୍ତି, ଜିଲାରେ ଅଦ୍ୟାବଧି ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀଙ୍କଠାରେ ଏହି ଲକ୍ଷଣ ଦେଖାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ଆକ୍ରାନ୍ତଙ୍କୁ ତୁରନ୍ତ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଉଛି। ଚିହ୍ନଟ ୩୦୯ ଜଣଙ୍କ ମଧ୍ୟରୁ ଇତିମଧ୍ୟରେ ୨୭୭ ଜଣ ସୁସ୍ଥ ହୋଇଛନ୍ତି।

## ସାଧାରଣ ଲୋକଙ୍କୁ ସରକାରୀ କାର୍ଯ୍ୟାଳୟରେ ପ୍ରବେଶ ମନା

ଜଗତ୍‌ସିଂହପୁର ଅଫିସ, ୧୪।୭

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଜିଲାରେ ଥିବା ସରକାରୀ କାର୍ଯ୍ୟାଳୟଗୁଡିକରେ ଜନସାଧାରଣଙ୍କ ପ୍ରବେଶ ଉପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମଙ୍ଗଳବାର କଟକଣା ଲଗାଇଛନ୍ତି। ଏହି କଟକଣା ଜୁଲାଇ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସେ କହିଛନ୍ତି। ଏହି ସମୟ ମଧ୍ୟରେ ଇ-ଅଭିଯୋଗ ପୋର୍ଟାଲ, ସୋସିଆଲ ମିଡିଆରେ ଜନସାଧାରଣ ସେମାନଙ୍କ ଆପତ୍ତି ଅଭିଯୋଗ ଓ ସମସ୍ୟା ସମ୍ପୃକ୍ତ ଅଧିକାରୀଙ୍କୁ ପଠାଇବା ପାଇଁ ସେ କହିଛନ୍ତି। ଏହାଛଡ଼ା କର୍ମଚାରୀଙ୍କ ହ୍ୱାଟ୍ସଆପ୍ ନମ୍ବରରେ ଅଭିଯୋଗ ପଠାଇ ହେବ ବୋଲି ସେ ସୂଚନା ଦେଇଛନ୍ତି। ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ପ୍ରବେଶ ପଥରେ ଡ୍ରପ୍‌ବାକ୍ସ ରଖାଯିବ। ଏଥିରେ ମଧ ଆପତ୍ତି, ଅଭିଯୋଗ ପଠାଇ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏବଂ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ନିର୍ଦ୍ଦେଶ ମୁତାବକ, ରାଜ୍ୟର ବିଭିନ୍ନ ହଟ୍‌ସ୍ପଟ୍ ଅଞ୍ଚଳରୁ ଜିଲାକୁ ଅନାବଶ୍ୟକ ଯାତାୟାତ ଉପରେ ମଧ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ବିନା ଅନୁମତିରେ ପ୍ରତିଦିନ ହଟ୍‌ସ୍ପଟ ଅଞ୍ଚଳରୁ ଜିଲାକୁ ଯିବା ଆସିବା ନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୌଣସି ଅଧିକାରୀ ଅବା କର୍ମଚାରୀ ଅନ୍ୟ ଜିଲାରୁ ଜଗତ୍‌ସିଂହପୁର ଜିଲାକୁ ଆସିପାରିବେ ନାହିଁ। ଜରୁରୀ ଚିକିତ୍ସା କ୍ଷେତ୍ରରେ ଏହି କଟକଣା ଲାଗୁ ହେବ ନାହିଁ। ଅଣ ଅତ୍ୟାବଶ୍ୟକ ସମୟରେ ଯାତାୟାତ ନିମନ୍ତେ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଜାରକା ଜଳସେଚନ ଡିଭିଜନ ଉଚ୍ଛେଦ ମସୁଧା

ଧର୍ମଶାଳା,୧୪।୭(ଡି.ଏନ.ଏ.)

ରାଜ୍ୟ ସରକାର ୧୯୯୨ ଅଗଷ୍ଟରେ ଯାଜପୁର ଜିଲା ଧର୍ମଶାଳା ବ୍ଲକର ଜାରକାଠାରେ ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା କରିଥିଲେ। ମାତ୍ର ଏହି ଡିଭିଜନକୁ ଉଚ୍ଛେଦ କରି ତାହାକୁ ପୂର୍ବପରି କିଛି ଅଂଶ ମହାନଦୀ ନର୍ଥ ଡିଭିଜନ ଜଗତ୍‌ପୁରଠାରେ ଓ ଅବଶିଷ୍ଟ ଯାଜପୁର ଜଳସେଚନ ଡିଭିଜନ ସହିତ ମିଶାଇ ଦେବାକୁ ମସୁଧା ଚାଲିଛି। ଏନେଇ ଡିଭିଜନ ଅଫିସ୍‌ରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କଠାରୁ ସୂଚନା ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କଟକ ଜଗତ୍‌ପୁରଠାରୁ ବାହାରିଥିବା ହାଇଲେଭଲ୍ କେନାଲର ୪୧ କିଲୋମିଟର ଜାରକା ଜଳସେଚନ ଡିଭିଜନ ଅଧୀନରେ ରହିଛି, ଯାହାକି ଜେନାପୁର ପର୍ଯ୍ୟନ୍ତ ଯାଇଛି। ଏହି ଡିଭିଜନ ଅଧୀନରେ ଏବେ ଚଣ୍ଡିଖୋଲ, ବରୀ ଓ ଜାରକା ଜଳସେଚନ ସବ୍‌ଡିଭିଜନ କାର୍ଯ୍ୟ କରୁଛି। ହାଇଲେଭଲ୍ କେନାଲର



ସବ୍‌କେନାଲ ମାଧ୍ୟମରେ ୯୦୭୩ ହେକ୍ଟର ଜମିକୁ ଜଳସେଚନ କରାଯାଉଛି। ବ୍ରାହ୍ମଣୀ, ଖରସ୍ରୋତା, କେଲୁଅ, ବିରୂପା ନଦୀର ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ୩୨୫.୯୦ କିଲୋମିଟର ନଦୀବନ୍ଧ ମରାମତି ହୋଇଆସୁଛି। ଏହି ଡିଭିଜନ ଜାରକାରେ ପ୍ରତିଷ୍ଠା କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜେନାପୁର ଆନିକଟ, ଜୋକଡିଆ ଆନିକଟର ପୁନରୁଦ୍ଧାର କରାଯିବା ସହ ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା ଏବଂ ହାଇଲେଭଲ୍ କେନାଲ ମାଧ୍ୟମରେ ଅଧିକ ଜମିକୁ ଜଳସେଚିତ କରିବା। ମାତ୍ର ଏହି ଡିଭିଜନର ନିର୍ବାହୀଯନ୍ତ୍ରୀ ବାମାପ୍ରସାଦ ବିଶ୍ୱାଳ ଫେବୃୟାରୀ ୨୪ରୁ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହେବା ପରେ ଏଯାବତ୍

- ସାଧାରଣରେ ବଢୁଛି ଅସନ୍ତୋଷ
- ଜଳସେଚନ ବାଧାପ୍ରାପ୍ତ ହେବ

ଉକ୍ତ ପଦବୀ ଖାଲି ପଡ଼ିଛି। ଏହାସହିତ ୩ ଜଳସେଚନ ସେକ୍ସନରେ ସହକାରୀ ଯନ୍ତ୍ରୀ, ହିସାବ ରକ୍ଷକ, ମୁଖ୍ୟ କିରାଣି, ୨ ବରିଷ୍ଠ କିରାଣି ଓ ୪ ପିଅନ ପଦବୀ ମଧ ଖାଲି ପଡ଼ିଛି। ପ୍ରଥମେ ଏଠାରେ ଏକ ଅସ୍ଥାୟୀ ଘରେ କାର୍ଯ୍ୟାଳୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଣ୍ଡୁଆ ମୌଜାରେ ୨ ଏକର ଜମି ଅଧିଗ୍ରହଣ କରାଯାଇ ୨୫ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରାଯାଇ ସେଠାକୁ ସ୍ଥାନାନ୍ତର କରାଯାଇଥିଲା। ଯଦି ଜାରକା ଜଳସେଚନ ଡିଭିଜନ ଉଚ୍ଛେଦ କରାଯାଏ, ତେବେ ଧର୍ମଶାଳା, ବଡ଼ଚଣା, ବରୀ, ରସୁଲପୁର ବ୍ଲକର ଚାଷୀଙ୍କ ଜମିକୁ ଜଳସେଚନ କାର୍ଯ୍ୟ ବାଧାପ୍ରାପ୍ତ ହେବ। ସେହିପରି ନଦୀବନ୍ଧ ସୁରକ୍ଷା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଅବହେଳା ହେବ। ଫଳରେ ବନ୍ୟା ସମୟରେ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ବିପଦ ଦେଖାଦେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଏହି ଡିଭିଜନକୁ ଉଚ୍ଛେଦ କରାଗଲେ ଜନ ଆନ୍ଦୋଳନ ଗଢ଼ିଉଠିବ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ଓ କୃଷକ ନେତା ବସନ୍ତ ପରିଡ଼ା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜାରକା ଜଳସେଚନ ଡିଭିଜନ ଦାୟିତ୍ୱରେ ଥିବା ଯାଜପୁର ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ କହିଛନ୍ତି, ଜାରକା ଜଳସେଚନ ଡିଭିଜନ ଉଚ୍ଛେଦ ସମ୍ପର୍କରେ ସେ ଜାଣି ନାହାନ୍ତି। କେବଳ ଜୋକଡିଆ ଆନିକଟ ହେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ୧୯୮୭ ମାର୍ଚ୍ଚ ୧୪ରେ ଜାରକାଠାରେ ଉଠାଜଳସେଚନ ଡିଭିଜନ ଅଫିସ ଖୋଲାଯାଇଥିଲେ ହେଁ ଏହି କାର୍ଯ୍ୟାଳୟକୁ ୨୦୦୩ ନଭେମ୍ବରରେ ଯାଜପୁର ରୋଡ୍‌କୁ ଉଠାଇ ନିଆଯାଇଥିଲା। ଫଳରେ ଉଠାଜଳସେଚନ କାର୍ଯ୍ୟ ଧର୍ମଶାଳା ଅଞ୍ଚଳରେ ଏବେ ସ୍ଥାଣୁ ପାଲଟିଛି।

**ସଂକ୍ଷେପରେ**

## କରୋନା ଯୋଦ୍ଧାଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ ଅଭିଯୋଗ

ଆଳି, ୧୪।୭(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଜଣେ କରୋନା ଯୋଦ୍ଧାଙ୍କୁ ମଙ୍ଗଳବାର ବନ୍ଧୁକ ଦେଖାଇ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଳି ଅଞ୍ଚଳର ପତ୍ରପୁର ଏନଏନ୍ଏମ୍ ସେଣ୍ଟରରେ ସ୍ୱାବ୍ କଲେକ୍ସନ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏହି ସମୟରେ ପତ୍ରପୁର ଗ୍ରାମର ଜଣେ ଯୁବକ ପହଞ୍ଚି ଟିମ୍‌ର ଡାଟା ଏଣ୍ଟ୍ରି ଅପରେଟର ପ୍ରଶାନ୍ତ କୁମାର ପାତ୍ରଙ୍କୁ ଆକ୍ରମଣ କରିଥିଲେ। ପରେ ଅନ୍ୟ ସଦସ୍ୟମାନଙ୍କୁ ଗାଳିଗୁଲଜ ସହ ବନ୍ଧୁକ ଦେଖାଇ ଆକ୍ରମଣ କରିଥିବା ନେଇ ଆଳି ଥାନାରେ ଟିମ୍‌ର ମାଇକ୍ରୋ ବାଇଲୋଜିକାଲ ସୁଧାଂଶୁ ବାଳା ଲେଙ୍କା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଆଳି ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିବା ଥାନା ଆଇଆଇସି ସୂଚନା ଦେଇଛନ୍ତି।

## ହନୁମାନ ପଇସା କାରବାର, କାର ସହ ୩ ଅଟକ



ଖଣ୍ଡପଡ଼ା, ୧୪।୭ (ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ସିଂଘାପଡା ଅଞ୍ଚଳରେ ମଙ୍ଗଳବାର ହନୁମାନ ପଇସା କାରବାର ବେଳେ ପୋଲିସ ଚଢ଼ାଉ କରି ଏକ କାର ଜବତ ସହ ୩ଜଣଙ୍କୁ ଅଟକ ରଖିଛି। ପୁରୀ ଜିଲା ନିମାପଡା ଅଞ୍ଚଳରୁ ୩ ଯୁବକ ହନୁମାନ ପଇସା ନେବାକୁ କାର ଯୋଗେ ଖଣ୍ଡପଡା ଆସିଥିଲେ। ର୍‍ୟାକେଟରେ ସମ୍ପୃକ୍ତ ୭ରୁ ୮ଜଣ ବ୍ୟକ୍ତି ଖଲିସାହି-ସିଂଘାପଡା ରାସ୍ତାରେ କାର ଅଟକାଇ ସେମାନଙ୍କୁ ଏକ କଏନ ଦେଖାଇଥିଲେ। ଏହା ହନୁମାନ ପଇସା ଓ ଲକ୍ଷାଧିକ ଟଙ୍କା ହେବ ବୋଲି କହିଥିଲେ। କଥାବାର୍ତ୍ତା ଚାଲିଥିବା ସମୟରେ ୨ଜଣ ବ୍ୟକ୍ତି ଉକ୍ତ ୩ ଯୁବକଙ୍କଠାରୁ ଟଙ୍କା ଓ ମୋବାଇଲ ଛଡାଇ ନେଇ ଚମ୍ପଟ ମାରିଥିଲେ। ପରେ ଯୁବକମାନେ ଥାନାକୁ ଆସି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ଏହି ଯୁବକମାନଙ୍କୁ ଅଟକ ରଖି ଘଟଣାର ଖୋଳତାଡ କରୁଥିବା ବେଳେ ଏ ନେଇ ମାମଲା ରୁଜୁ ହେବ ବୋଲି ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଯୁବକମାନେ ଆଣିଥିବା କାରକୁ ମଧ୍ୟ ପୋଲିସ ଜବତ କରିଛି।

# ଗଡ଼ିଉଠୁଛି ବେଆଇନ ଇଟାଭାଟି

ଖଣ୍ଡପଡ଼ା,୧୪।୭(ସ୍ୱ.ପ୍ର.)

ରାଜ୍ୟ ସରକାର ମାଟି ଇଟାଭାଟିକୁ ସମ୍ପୂର୍ଣ୍ଣ ବେଆଇନ ବୋଲି ଘୋଷଣା କରଛନ୍ତି। ହେଲେ ଏହାକୁ ବେଖାତିର କରି ଖଣ୍ଡପଡା ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ଶହ ଶହ ମାଟିଇଟା ପୋଡା ଚାଲିଛି। ପ୍ରଶାସନିକ ଥାଣୁତାର ସୁଯୋଗ ନେଇ ସମ୍ପୃକ୍ତ ବ୍ୟକ୍ତିମାନେ ନଦୀପଠା, ସଂରକ୍ଷିତ ଜଙ୍ଗଲ ଜମି ଓ ପାହାଡ ପାଦ ଦେଶରେ ମାଟି ଇଟା ପ୍ରସ୍ତୁତ କରୁଛନ୍ତି। ଏହା ଦ୍ୱାରା ସେମାନେ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ବେଳେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଏହାଛଡା ଇଟାଭାଟିରୁ ନିର୍ଗତ ଉତ୍ତପ୍ତ ଧୂଆଁ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି ।

ଖଣ୍ଡପଡା ବ୍ଲକର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିର୍ମାଣ ଆବଶ୍ୟକତା ମେଣ୍ଟାଇବା ପାଇଁ ବ୍ୟବସାୟିକ ଭିତ୍ତିରେ ଲୋକେ ମାଟି ଇଟା ପୋଡୁଛନ୍ତି। ନଦୀ ତଟବର୍ତ୍ତୀ, ରାସ୍ତାପାର୍ଶ୍ୱ ଜମିରେ ଇଟା ପ୍ରସ୍ତୁତ କରାଯାଉଥିବାରୁ ଉକ୍ତ ଅଞ୍ଚଳର ଚାଷ ଜମି ପରିମାଣ ହ୍ରାସ ପାଉଛି। ଆଖପାଖ ଅଞ୍ଚଳର ବୃକ୍ଷ ସମ୍ପଦର ଦ୍ରୁତ ଅବକ୍ଷୟ ଘଟି ସବୁଜିମା ଉଭେଇ ଯାଉଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଭାଟି ନିର୍ମାଣ ପାଇଁ ଚାଷ ଜମିର ଉପରସ୍ତର ମାଟି ଉଠାଇ ଦିଆଯାଉଥିବାରୁ ମୃତ୍ତିକା କ୍ଷୟ ବୃଦ୍ଧି ପାଉଛି । ଫଳରେ ନଦୀବନ୍ଧଗୁଡିକ ଦୁର୍ବଳ ହୋଇପଡୁଛି। ଏହା ଦ୍ୱାରା କୌଣସି ସମୟରେ ନଦୀ ବଢିରେ ନଦୀ ଶଯ୍ୟା ପରିବର୍ତ୍ତନ ଘଟିବା ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରୁଛନ୍ତି । ଇଟା ଭାଟି ଯୋଗୁ ବିଗତ ବର୍ଷରେ ଶହ ଶହ ଏକର ଚାଷ ଉପଯୋଗୀ ଜମି ଅଣଚାଷ ଜମିରେ ପରିଣତ ହୋଇଛି। ଏବେ ଶ୍ରାବଣ ମାସରେ ମଧ୍ୟ ଇଟାଭାଟି ପୋଡୁଥିବା ନଜରକୁ ଆସୁଛି। ସଂରକ୍ଷିତ ଜଙ୍ଗଲରୁ କାଠ ଲୁଟ କରି କେତେକ ଇଟାଭାଟି ମାଲିକ ଇଟା ପୋଡୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ଖଣ୍ଡପଡା ତହସିଲଦାର ପାର୍ଥସାରଥୀ ହାଁସଦାଙ୍କୁ ପଚାରିବାରୁ ସେ କହିଥିଲେ, ତହସିଲ ପକ୍ଷରୁ ସମୟେ ସମୟେ ଚଢାଉ କରାଯାଇ ଇଟାଭାଟି ମାଲିକଙ୍କଠାରୁ ଜରିମାନା ବାବଦରେ ଅର୍ଥ ଆଦାୟ କରାଯାଉଛି।



ଇଟା ପ୍ରସ୍ତୁତ ପରେ ଭାଟିରେ ନିଆଁ ଲଗାଯାଇଛି।

■ରାଜସ୍ୱ ହରାଉଛନ୍ତି ସରକାର

■ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି ଧୂଆଁ

## ଘର ଆଗରେ ବାସନ ମାଜୁଥିବା ବେଳେ ଚଢ଼ିଗଲା କାର୍

**ମହିଳାଙ୍କ ମୃତ୍ୟୁ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ପାଟଣା,୧୪।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା କରଞ୍ଜିଆଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଧାନବେଣୀ ନିକଟରେ ମଙ୍ଗଳବାର ସକାଳୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାନବେଣୀ ଗ୍ରାମର କମଳା ମହାନ୍ତ। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଘର ସମ୍ମୁଖରେ ବସି କମଳା ବାସନ ମାଜୁଥିବା ବେଳେ କରଞ୍ଜିଆ ପାର୍ଶ୍ୱରୁ ପାଟଣା ଆଡ଼କୁ ଯାଉଥିବା ଏକ କାର ମହିଳାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ କମଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିବା ସହ ଶତାଧିକ ମହିଳା ଓ ପୁରୁଷ କ୍ଷତିପୂରଣ ସହ ଏକ ବାଇପାସ ନିର୍ମାଣ ଦାବିରେ ରାସ୍ତା ଉପରେ ଗଛ ଗଣ୍ଡି ପକାଇ ରାସ୍ତାକୁ ଦିନ ୧୦ ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାସହ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଜାମ ହୋଇ ରହିଥିଲା। ରେଡ଼କ୍ରସ ତରଫରୁ ସାହାରପଡା ତହସିଲଦାର ୧୦ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପାଟଣା ପୋଲିସ କାରକୁ ଜବତ କରି ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୦୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

## ଏସ୍ଏସ୍‌ଜି ଋଣ ଛାଡ଼ ପାଇଁ ଦାବି

**ଜିଲାପାଳଙ୍କୁ ଦାବିପତ୍ର**

ଏରସମା, ୧୪।୭ (ସ୍ୱ.ପ୍ର.)

ଏରସମା ବ୍ଲକ ବାଲିତୁଠ ଓ ବାମଦେଇପୁର ପଞ୍ଚାୟତର ୧୪ ଏସ୍ଏସ୍‌ଜି ସଦସ୍ୟଙ୍କ ଋଣ ଛାଡ଼ ପାଇଁ ମହିଳାମାନେ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି, ଆତ୍ମନିର୍ଭରଶୀଳ ହେବା ପାଇଁ ଏସ୍ଏସ୍‌ଜି ଜରିଆରେ ବିଭିନ୍ନ ଯୋଜନା ହାତକୁ ନିଆଯାଇଥିଲା। ଏନେଇ ବିଭିନ୍ନ ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ ନିଆଯାଇ କିସ୍ତି ପରିଶୋଧ କରାଯାଉଥିଲା। ମାତ୍ର ଗତ ମାର୍ଚ୍ଚରୁ କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ଘୋଷଣା କରାଯାଇଛି। ଫଳରେ ମହିଳାମାନଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେମାନେ ବୃତ୍ତି ହରାଇ ବସିଛନ୍ତି । ଏନେଇ ସେମାନଙ୍କ ଋଣ କିମ୍ବା ସୁଧ ଛାଡ଼ କରିବା ପାଇଁ ଏସ୍ଏସ୍‌ଜି ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ନମିତା ସ୍ୱାଇଁ, ନିରୁପମା ତ୍ରିପାଠୀ, ବିଦ୍ୟୁତ୍‌ଲତା ରାୟ ଓ ପ୍ରତିମା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦୁଝର ସହର ରାସ୍ତା କଡ଼ରେ ବର୍ଷାଦିନିଆ ଛତୁର ପସରା।

## ବାଇକ୍‌ରୁ ୧ଲକ୍ଷ ୩୨ହଜାର ଲୁଟ୍

ଭଣ୍ଡାରିପୋଖରୀ, ୧୪।୭( ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୃଷି କାର୍ଯ୍ୟାଳୟ ନିକଟରେ ଥିବା ଏକ ବାଇକ୍‌ରୁ ଦୁର୍ବୃତ୍ତମାନେ ୧ ଲକ୍ଷ ୩୨ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ସ୍ୱଚ୍ଛ ଭାରତ ଯୋଜନାରେ ମୋଟିଭେଟର ଭାବେ କାର୍ଯ୍ୟ କରୁଥିବା ଉମାକାନ୍ତ ଖଟୁଆ। ସେ ଏନେଇ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ .୧୨୮/୨୦) ରୁଜୁ କରିଛି। ଉମାକାନ୍ତଙ୍କ ଘର ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମରେ। ଉମାକାନ୍ତ କୋଣସି କାମରେ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟରୁ ଫେରି ବାଇକ୍‌ରେ କିଛି ମଇଳା ପଡିଥିବା ଦେଖି ପାଣି ଆଣି ଧୋଇଥିଲେ। ଟଙ୍କା ବ୍ୟାଗ ବାଇକ ହ୍ୟାଣ୍ଡେଲରେ ଟାଙ୍ଗି ବୋତଲ ଦେବା ପାଇଁ ଯିବା ବେଳେ ଏହାର ସୁଯୋଗ ନେଇ ଲୁଟେରାମାନେ ଲୁଟ୍ କରିଥିଲେ। ଉମାକାନ୍ତ ଫେରିବା ବେଳକୁ ଟଙ୍କା ବ୍ୟାଗ ନ ଥିବା ଦେଖିଥିଲେ।

## ଡ୍ରେନ୍ ନାହିଁ, ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି



ଗ୍ରାମ ରାସ୍ତାରେ ନର୍ଦ୍ଦମା ପାଣି।

ଜେନାପୁର, ୧୪।୭ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧୀନ ରାଇଛନ୍ଦା ପଞ୍ଚାୟତର ୯ ଓ ୧୦ ନମ୍ବର ୱାର୍ଡରେ ଡ୍ରେନ୍ ନାହିଁ। ଫଳରେ ଅସରାଏ ବର୍ଷା ପରେ ପାଣି ନିଷ୍କାସନ ହୋଇ ନ ପାରୁନି। ଏହାଛଡ଼ା ଅନ୍ୟଦିନେ ରାସ୍ତା ଉପରେ ନର୍ଦ୍ଦମା ପାଣି ଜମି ରହୁଛି। ଏଥିଯୋଗୁ ଲୋକଙ୍କ ଯିବାଆସିବରେ ଅସୁବିଧା ସୃଷ୍ଟି ହେଉଛି। ଦୀର୍ଘଦିନ ଧରି ପାଣି ଜମି ରହିବା ଯୋଗୁ ପରିବେଶ ଦୂଷିତ ହେବା ସାଙ୍ଗକୁ ବିବିଧ ସଂକ୍ରମଣ ରୋଗ ବ୍ୟାପୁଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଅଭିଯୋଗ ପରେ ଗତବର୍ଷ ବ୍ଲକ ପ୍ରଶାସନ ପକ୍ଷରୁ ଡ୍ରେନ୍ ନିର୍ମାଣ ଲାଗି ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହୋଇପାରିନାହିଁ। ଗ୍ରାମବାସୀଙ୍କ ମଧ୍ୟରେ ମତାନ୍ତର ଯୋଗୁ ଡ୍ରେନ ନିର୍ମାଣ ହୋଇ ପାରୁନାହିଁ ବୋଲି ସରପଞ୍ଚ ଜଟାଧାରୀ ସାହୁ ପ୍ରତିକ୍ରିୟାରେ କହିଛନ୍ତି। ତେଣୁ ଉକ୍ତ ସମସ୍ୟା ପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ନଦୀରେ ବୁଡ଼ି ବୃଦ୍ଧା ମୃତ

ଯାଜପୁର ଟାଉନ୍, ୧୪।୭ (ଡି.ଏନ୍.ଏ.)

ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତ ଜାଲପୁର ଗ୍ରାମର ବେଙ୍ଗ ପାତ୍ର (୭୨)ଙ୍କର ସୋମବାର ରାତିରେ ବୁଢ଼ା ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବି ତାଙ୍କର ପତ୍ତା ମିଳି ନ ଥିଲା। ଖବରପାଇ ମଙ୍ଗଳବାର ସକାଳୁ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସରକାରୀ ନିର୍ଦ୍ଦେଶନାମାକୁ ଅବମାନନା ଅଭିଯୋଗ

**କମ୍ପାନୀ ବିରୋଧରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ**

କୁଜଙ୍ଗ, ୧୪।୭(ଡି.ଏନ୍.ଏ.)

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଏକ ଠିକା କମ୍ପାନୀ ସରକାରୀ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏନେଇ ବେକାର ଇଞ୍ଜିନିୟର୍ସ ସଂଘ ପକ୍ଷରୁ ମଙ୍ଗଳବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଠିକା କମ୍ପାନୀ ତୈଳ ବିଶୋଧନାଗାର ପ୍ରକଳ୍ପରେ ନିର୍ମାଣ ଓ ମେଣ୍ଟେନାନ୍ସ କାମ ପାଇଛି। ଏଥିପାଇଁ ସମ୍ପୃକ୍ତ କମ୍ପାନୀ କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦୀପଗଡ଼ ପଞ୍ଚାୟତର ନିମିଡ଼ି, ବଗଦିଆ ଓ ତାରିଣୀ ଗଡ଼ାରେ ଶ୍ରମିକମାନଙ୍କ ରହିବା ପାଇଁ ଅସ୍ଥାୟୀ ଶିବିର ନିର୍ମାଣ କରିଛି। ମାତ୍ର ଶିବିରରେ ରାଜ୍ୟ ବାହାରୁ ତଥା ହଟ୍‌ସ୍ପଟ୍‌ରୁ ଶ୍ରମିକମାନଙ୍କୁ ଅଣାଯାଇ ରଖାଯାଇଛି। ଫଳରେ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। ଏହାଛଡ଼ା ସ୍ଥାନୀୟ କୁଶଳୀ ଓ ଶିକ୍ଷିତ ବେକାରଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତି ନ ଦେଇ ବାହାର ରାଜ୍ୟରୁ ଶ୍ରମିକ ଆଣି କାର୍ଯ୍ୟରେ ଲଗାଉଛନ୍ତି। ଓଡ଼ିଆ ଶ୍ରମିକ ବାହାର ରାଜ୍ୟରୁ ଫେରି ଘରେ ବସିଥିବା ବେଳେ କମ୍ପାନୀର ଏଭଳି ମନମୁଖି କାର୍ଯ୍ୟକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଗୌତମ ମିଶ୍ର, ଉପସଭାପତି ସୟଦ୍ ଅଫ୍‌ଜଲ୍ ଅଲ୍ଲି ଓ କବୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଢାଲ କରି ରାଜପଥ ଜବରଦଖଲ

ରସୁଲପୁର, ୧୪।୭ (ଡି.ଏନ୍.ଏ.)

କୋଭିଡ୍ ସଂକ୍ରମଣ ରୋକିବା ସକାଶେ ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତର ଓଡ଼ଙ୍ଗସ୍ଥିତ ବିଜୁ ପରିବା ପରିବହନ କେନ୍ଦ୍ର (ଦୈନିକ ପରିବା ହାଟ)କୁ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି। ହେଲେ ଏବେ ଚାଷୀଙ୍କ ନାଁ ନେଇ ଜାତୀୟ ରାଜପଥ ଅବରୋଧ କରିବାକୁ ମସୁଧା ଚାଲିଛି। ଚାଷୀମାନେ ବସୁଥିବା ସ୍ଥାନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମାଟି ପକାଯାଉଥିବା ବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଚାଷୀଙ୍କୁ ଢ଼ାଲ କରାଯାଉଛି ବୋଲି ଚାଷୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ଅଭିଯୋଗ କରିଛନ୍ତି। ଚାଷୀଙ୍କଠାରୁ ଆଦାୟ ହେଉଥିବା ମାହାସୁଲ ଖର୍ଚ୍ଚ କରାଯାଇ ବେଆଇନ ଭାବେ ଜାତୀୟ ରାଜପଥ ଜାଗାକୁ ଜବରଦଖଲ କରାଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚାହିଁଲେ ଯେକୌଣସି ମୁହୂର୍ତ୍ତରେ ଚାଷୀଙ୍କୁ ସେହି ସ୍ଥାନରୁ ହଟାଇପାରିବେ। ଏହାପରେ ବି ଚାଷୀଙ୍କ କଷ୍ଟ ଅର୍ଜିତ ଅର୍ଥକୁ ବେଆଇନ କ'ଣ ପାଇଁ ଖର୍ଚ୍ଚ କରାଯାଉଛି ସେ ନେଇ ଚାଷୀ ଅକ୍ଷୟ କୁମାର ରାଉତ, କେଶବ ଚନ୍ଦ୍ର ବିଶ୍ୱାଳ, ତପନ କୁମାର ରାଉତ ପ୍ରମୁଖ କହିଛନ୍ତି।

ଚାଷୀଙ୍କ କହିବା ଅନୁସାରେ, ହାଟ ପରିଚାଳନା ପାଇଁ ଆଞ୍ଚଳିକ କୃଷକ ସେବା ସମିତି ନାମରେ ଏକ କମିଟି ରହିଛି। ହାଟରୁ ଆଦାୟ ମାହାସୁଲ ଅର୍ଥକୁ ଉଚିତ୍ ମାର୍ଗରେ ଖର୍ଚ୍ଚ କରିବା ଦାୟିତ୍ୱ ସେହି ସମିତିର। ହେଲେ କାହା ସ୍ୱାର୍ଥରେ ସମିତି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ରାଜପଥ ପାର୍ଶ୍ୱ ସମ୍ପ୍ରସାରଣ କରାଯାଉଛି, ତାହା ବୁଝାପଡୁନି। ଓଡ଼ଙ୍ଗଠାରେ ବିଜୁ ପରିବା ପରିବହନ କେନ୍ଦ୍ରର ନିଜସ୍ୱ ଜାଗା ରହିଥିଲେ ବି ସେଠାର ଭିତ୍ତିଭୂମି ସଜାଡ଼ିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନି। ଚାଷୀମାନଙ୍କୁ ବର୍ଷାଦିନେ ବହୁ ଅସୁବିଧାରେ ବସି ବ୍ୟବସାୟ କରିବାକୁ ପଡୁଛି। ହେଲେ ଅସ୍ଥାୟୀ ଭାବେ ଚାଷୀମାନେ ବସୁଥିବା ସ୍ଥାନକୁ ସମ୍ପ୍ରସାରଣ କରିବା ପାଇଁ ଅଯଥାରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି ବୋଲି ଅଭିଯୋଗ ହୋଇଛି। ସମିତି ପକ୍ଷରୁ ଅନେକ ସମୟରେ ନିଆଯାଉଥିବା ନିଷ୍ପତ୍ତି ଚାଷୀଙ୍କ ସ୍ୱାର୍ଥରେ ନୁହେଁ ବୋଲି ବାରବାଟୀ ସମିତିସଭ୍ୟ ଚୈତନ୍ୟ ନାୟକ କହିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ରାଜ୍ୟ ମୁଖ୍ୟ ସାଧାରଣ ପରିଚାଳକ ରାମ ପ୍ରସାଦ ପଣ୍ଡାଙ୍କୁ ପଚାରିବାରେ ରାଜପଥ ଜାଗା ସମ୍ପ୍ରସାରଣ ନେଇ କାହାରିକୁ ଅନୁମତି ଦିଆଯାଇନାହିଁ। ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଦିଲ୍ଲୀପ ବିଲ୍ଡ କନ୍ ପକ୍ଷରୁ ଏ ନେଇ ଅଭିଯୋଗ କରାଗଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏ ନେଇ ଜାତୀୟ ରାଜପଥ ବାଲେଶ୍ୱର ଡିଭିଜନ ଦାୟିତ୍ୱରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକ ଭେଙ୍କେଟ୍ ଆର୍.ଙ୍କୁ ପଚାରିବାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଆଞ୍ଚଳିକ କୃଷକ ସେବା ସମିତି ସଭାପତି ଅନନ୍ତ କିଶୋର ସ୍ୱାଇଁ କୁହନ୍ତି, ଏ ନେଇ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରୁ ଅନୁମତି ନିଆଯାଇନାହିଁ। ମାତ୍ର ଆଗାମୀ ୨୦ବର୍ଷ ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ସ୍ଥାନ ବ୍ୟବହାର ହେବାରେ ନାହିଁ। ତେଣୁ ତା'ର ମରାମତି କରାଯାଇ ହାଟକୁ ବିସ୍ତାରିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ କେତେ ଖର୍ଚ୍ଚ ହେବ ତାର ପୂର୍ବ ଆକଳନ ହୋଇନାହିଁ। ଯେତେ ଲାଗିବ ଖର୍ଚ୍ଚ କରାଯିବ ବୋଲି କହିବା ସହ ରାଜପଥ କର୍ତ୍ତୃପକ୍ଷ ଯେତେବେଳେ ଚାହିଁବେ କମିଟି ସେହି ସ୍ଥାନକୁ ଖାଲି କରିଦେବ ବୋଲି ମତ ରଖିଛନ୍ତି।

**ରସୁଲପୁର ବ୍ଲକ**

■ମାହାସୁଲ ଅର୍ଥ ବେଆଇନା ଭାବେ ଖର୍ଚ୍ଚ କରାଯାଉଥିବା ଅଭିଯୋଗ

"ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପକ୍ଷରୁ ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ।
-ଜାତୀୟ ରାଜପଥ କର୍ତ୍ତୃପକ୍ଷ



ହାଟ ବସୁଥିବା ସ୍ଥାନରେ ମାଟି ପକାଯାଉଛି।

# ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ବରୀ,୧୪।୭(ଡି.ଏନ.ଏ.)

ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତକୁ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଆସିଥିବା ଅନୁଦାନରେ ନିମ୍ନମାନର କାର୍ଯ୍ୟ କରାଯାଇ ଅର୍ଥ ହଡ଼ପ କରାଯାଉଛି। ଏନେଇ ଗତ ଶୁକ୍ରବାର ଯାଜପୁର ଜିଲାପାଳ ଓ ବରୀ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି।

ପଞ୍ଚାୟତବାସୀ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ୨୦୧୮-୧୯ ଆର୍ଥିକ ବର୍ଷରେ ନୀଳାପଦା ଗ୍ରାମର ଆରଡ଼ି ରାସ୍ତାଠାରୁ ମହାକାଳୀ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ୨ଲକ୍ଷ ଟଙ୍କା ବିନିମୟରେ ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ଏକ ବର୍ଷ ପରେ ଉକ୍ତ ରାସ୍ତା ଭାଙ୍ଗିରୁଜି ଯାଇଥିବା ଦର୍ଶାଯାଇ ପୁନଃ ୧ ଲକ୍ଷ ୫୦ ହଜାର ଟଙ୍କା ମରାମତି ଆଳରେ ହଡ଼ପ କରାଯାଇଛି। ଏତଦ୍‌ବ୍ୟତୀତ ନୀଳାପଦା ପ୍ରକଳ୍ପ ବିଦ୍ୟାଳୟକୁ କରୋନା ପାଇଁ ଅସ୍ଥାୟୀ ଚିକିତ୍ସାକେନ୍ଦ୍ର କରିବା ନିମନ୍ତେ ସ୍ୱତନ୍ତ୍ର ଅର୍ଥ ରାଶିରେ ମରାମତି କରାଯାଇଥିଲା। ଏବେ ପଞ୍ଚାୟତ ଅର୍ଥରେ ବିଦ୍ୟାଳୟ ମରାମତି ପାଇଁ ୨ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା କୁହାଯାଉଛି।

ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପଞ୍ଚାୟତରେ ୨୦୧୮-୧୯/୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇ ଅର୍ଥ ଉଠାଣ କରାଯାଇଥିଲେ ବି କୌଣସି ପ୍ରକଳ୍ପ ନିକଟରେ ସୂଚନାଫଳକ ନ ଥିବା ଦେଖିବାକୁ ମିଳିଛି। ବିଶେଷକରି ଗୋଉରାଦଣ୍ଡାଠାରୁ କେଲୁଆପାଳ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତା ତା: ୦୧।୦୬।୨୦ରୁ ଆରମ୍ଭ ହୋଇଥିଲା। ଏଥିରେ ୪୮ଜଣ ଶ୍ରମିକଙ୍କ ୨୨୮ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇ ୫୯,୬୧୬ ଟଙ୍କା ଖର୍ଚ୍ଚ କରାଯାଇଛି। ମିତ୍ରସେନପୁର ବଡ଼ ଚାକୁଣ୍ଡା ଗଛଠାରୁ ରାଉତସାହି ୧୪୨ଜଣ ଶ୍ରମିକ ୭୪୪ ଦିନ କାର୍ଯ୍ୟ କରି ୧ ଲକ୍ଷ ୫୪ ହଜାର ୮ ଟଙ୍କା, ସିଂହସାହିଠାରୁ ଖରିମୁଣ୍ଡା ପର୍ଯ୍ୟନ୍ତ ୬୦ ଜଣ ଶ୍ରମିକ ୨୭୦ ଦିନ କାର୍ଯ୍ୟ କରି ୫୫,୮୯୦ ଟଙ୍କା ବ୍ୟାଙ୍କ ଜମାଖାତା ମାଧ୍ୟମରେ ପାଇଛନ୍ତି।

ନିୟମ ଅନୁଯାୟୀ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରକଳ୍ପ ନିକଟରେ ବ୍ୟୟ ଅଟକଳ ଓ ନିୟୋଜିତ ଶ୍ରମିକଙ୍କ କାର୍ଯ୍ୟର ସୂଚନା ଫଳକ ଉଲ୍ଲେଖ କରିବା କଥା। ମାତ୍ର କୌଣସି ସୂଚନା ଫଳକ ନ ଥିବାବେଳେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ସଲାସୁତୁରାରେ ଅର୍ଥହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହାକାଳପଡ଼ା ସରପଞ୍ଚ ପତିତପାବନ ଆର୍ଯ୍ୟଙ୍କୁ ପଚାରିବାରେ ସେ କହିଛନ୍ତି, ସମୟ ଅଭାବ ଯୋଗୁ ସୂଚନାଫଳକରେ କାର୍ଯ୍ୟର ବିବରଣୀ ଲେଖା ଯାଇ ପାରିନାହିଁ। ବିଲ ପଇଠ ହୋଇଛି। ଶୀଘ୍ର ସୂଚନାଫଳକରେ ପ୍ରକଳ୍ପର କାର୍ଯ୍ୟ ବିବରଣୀ ଉଲ୍ଲେଖ କରାଯିବ। ଏ ସମ୍ପର୍କରେ ବରୀ ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନା କହିଛନ୍ତି, ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ମହାକାଳପଡ଼ା ପଞ୍ଚାୟତ**

■ବିନା ସୂଚନା ଫଳକରେ ଚାଲିଛି କାର୍ଯ୍ୟ

■ଅଭିଯୋଗ ପରେ ବି ହେଉନି ତଦନ୍ତ

## ୬୬୧ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ:** ମଙ୍ଗଳବାର ଦେଶର ପୁଞ୍ଜିବଜାର କାରବାର ପ୍ରଭାବିତ ସ୍ଥିତିରେ ରହିଛି। ଏହି ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ୬୬୧ ପଏଣ୍ଟ ଖସିଥିବା ଜଣାପଡ଼ିଛି। ବିଶ୍ୱ ପ୍ରଭାବରେ ଶେୟାର କାରବାର ପ୍ରଭାବିତ ରହିବା ଯୋଗୁ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ ଷ୍ଟକ୍ କାରବାର କ୍ଷତି ସହିଛି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସୂଚକାଙ୍କ ୬୬୧ ପଏଣ୍ଟ ବା ୧.୮୦% ଖସିବା ଯୋଗୁ ୩୬,୦୩୩ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ଏହି ସମୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବା ନିଫ୍ଟି କାରବାର ୧୯୫ ପଏଣ୍ଟ ବା ୧.୮୧% ଖସିବା ଯୋଗୁ ୧୦,୬୦୭ ପଏଣ୍ଟରେ ବନ୍ଦ ହୋଇଛି।

### ସଂକ୍ଷେପରେ

## କମ୍ପୋଜିଶନ ଡିଲରଙ୍କ ରିଟର୍ନ ପଇଠ ସୀମା ବଢ଼ିଲା

**ନୂଆଦିଲ୍ଲୀ,୧୪।୭:** ୨୦୧୯-୨୦ ଆର୍ଥିକ ବର୍ଷ ଲାଗି କମ୍ପୋଜିଶନ ଡିଲରଙ୍କ ରିଟର୍ନ ଦାଖଲ ସୀମାକୁ ସରକାର ବଢ଼ାଇଛନ୍ତି। ଏହାଦ୍ୱାରା ଅଗଷ୍ଟ ୩୧ ପର୍ଯ୍ୟନ୍ତ କମ୍ପୋଜିଶନ ଡିଲର ରିଟର୍ନ ପଇଠ କରିବାକୁ ସକ୍ଷମ ହୋଇପାରିବେ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ଜିଏସ୍‌ଟି-ଆର୍ ୪ ଆର୍ ରିଟର୍ନ ପଇଠର ସୀମା ଜୁଲାଇ ୧୫ ଧାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ବଜାର ସ୍ଥିତି ପ୍ରଭାବିତ ଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ୧.୫ କୋଟି ଟଙ୍କାରୁ କମ୍ କାରବାର ଉପରେ ଟିକସଦାତା କମ୍ପୋଜିଶନ ସ୍କିମ୍‌ର ବିକଳ୍ପ ଚୟନ କରୁଛନ୍ତି।

## ଚାଇନା ହୁଓ୍ୱାଇକୁ ବ୍ୟାନ୍ କଲା ବ୍ରିଟେନ

**ଲଣ୍ଡନ,୧୪।୭:** ଚାଇନାର ପ୍ରମୁଖ କମ୍ପାନୀ ତଥା ୫ଜି ଟେକ୍ନୋଲୋଜି କମ୍ପାନୀ ହୁଓ୍ୱାଇକୁ ବ୍ରିଟେନ ବ୍ୟାନ୍ କରିଛି। ଆମେରିକା ଚାପରେ ବ୍ରିଟେନ ଏଭଳି କରିଥିବା କୁହାଯାଉଛି। ପର୍ଯ୍ୟାୟ ଭିତ୍ତିରେ ନିଜ ଦେଶରୁ ଏହି ଟେକ୍ନୋଲୋଜି କମ୍ପାନୀର କାରବାରକୁ ଦେଶ ମଧ୍ୟରୁ ବାହାର କରିବାକୁ ମଙ୍ଗଳବାର ଏଭଳି ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଟେକ୍ନୋଲୋଜି କମ୍ପାନୀ ବିରୋଧରେ କଟକଣା ଲଗାଇଲେ ଏହାର କଡା ଜବାବ ମିଳିବ ବୋଲି ଚାଇନା କହିଥିଲା। ହେଲେ ଏହାକୁ ଭୃକ୍ଷେପ ନ କରି ବ୍ରିଟେନ ହୁଓ୍ୱାଇ ଉପରେ ବ୍ୟାନ ପ୍ରସ୍ତାବରେ ମୋହର ଲଗାଇଥିବା ଜଣାପଡିଛି। ଚାଇନା ସହ ବାଣିଜ୍ୟ ଯୁଦ୍ଧ ଉପରେ ଆମେରିକା-ଚାଇନା ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ବ୍ରିଟେନର ଏହି ନିଷ୍ପତ୍ତି ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପ୍ରଶାସନର କୂଟନୈତିକ ବିଜୟ ହୋଇଛି ବୋଲି କୁହାଯାଉଛି। ଏହାଦ୍ୱାରା ବ୍ରିଟେନର ସମ୍ପର୍କ ଏସିଆର ଏହି ଶକ୍ତିଶାଳୀ ଦେଶ ସହିତ ଖରାପ ହୋଇଛି। ସେହିଭଳି ଟେଲିକମ୍ ଯନ୍ତ୍ରାଂଶ ପାଇଁ ବ୍ରିଟେନ କମ୍ପାନୀଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡିବ ବୋଲି ଜଣାପଡ଼ିଛି।

# ଯାତ୍ରୀବାହୀ ଯାନ ବିକ୍ରି ୪୯.୫୯% ହ୍ରାସ

**ନୂଆଦିଲ୍ଲୀ,୧୪।୭**



କରୋନା ମହାମାରୀ ପାଇଁ ବଜାର ପ୍ରଭାବିତ ହୋଇଛି। ସଂକ୍ରମଣକୁ ରୋକିବା ପାଇଁ ସରକାର ୨ ମାସରୁ ଅଧିକ ସମୟ ଦେଶକୁ ଲକ୍‌ଡାଉନ କରିବା ଫଳରେ

### କୋଭିଡ୍ ଯୋଗୁ କ୍ଷତିଗ୍ରସ୍ତ ବଜାର

ଦେଶର ଅର୍ଥ ବ୍ୟବସ୍ଥାରେ କାରବାର ଠପ୍ ହୋଇଯାଇଛି। ବର୍ତ୍ତମାନ ସଂକ୍ରମଣର ମାତ୍ରା ଅଧିକ ରହିଛି। ଫଳରେ ବଜାର ସ୍ୱାଭାବିକ ସ୍ଥିତିକୁ ଫେରିପାରିନାହିଁ। ଦେଶର ଅଟୋମୋବାଇଲ ବଜାର ଗତ କିଛି ମାସ ଧରି ଲଗାତର କ୍ଷତି ସହି ଚାଲିଛି। ଜୁନ ମାସରେ ମଧ୍ୟ ଯାନ ବିକ୍ରି କ୍ଷତିଗ୍ରସ୍ତ ହୋଇ ରହିଛି। ଜୁନରେ ଯାତ୍ରୀବାହୀ ଯାନ ବିକ୍ରି ୪୯.୫୯% ଖସିଥିବା ଜଣାପଡିଛି। ଚଳିତ ବର୍ଷ ଜୁନରେ ୧.୦୫ ଲକ୍ଷ ଯାନ ବିକ୍ରି ହୋଇଛି। ଗତ ବର୍ଷ ସମାନ ସମୟରେ ୨.୦୯ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଥିଲା। ବର୍ତ୍ତମାନ କଟକଣା କୋହଳ ହେଉଥିବାରୁ ବଜାର ଧୀରେ ଧୀରେ ସ୍ଥିତାବସ୍ଥାକୁ ଫେରିବ ବୋଲି ଅଟୋ ଉଦ୍ୟୋଗ ସଂଘ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚର୍ସ (ସିଆମ୍)ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ଦୁଇଚକିଆ ଯାନ ବିକ୍ରି ୩୮.୫୬% କମିଛି। ଗତ ବର୍ଷ ଜୁନ୍‌ରେ ୧୬.୪୯ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଥିବା ବେଳେ ଏହା ଚଳିତ ବର୍ଷ ସମାନ ସମୟରେ ୧୦.୧୩ ଲକ୍ଷ ୟୁନିଟକୁ ହ୍ରାସ ଘଟିଛି। ଗତ ବର୍ଷ ଏହି ସମୟରେ ୧୦.୮୪ ଲକ୍ଷ ୟୁନିଟ ମୋଟର ସାଇକେଲ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ଜୁନ୍‌ରେ ଏହା ୭.୦୨ ଲକ୍ଷ ୟୁନିଟକୁ ଖସିଛି। ସେହିଭଳି ସ୍କୁଟର ବିକ୍ରି ୪୭.୩୭ ଲକ୍ଷ ୟୁନିଟ ହ୍ରାସ ଘଟି ୨.୨୬ ଲକ୍ଷ ୟୁନିଟ ରହିଛି, ଯାହା ଗତ ବର୍ଷ ୫.୧୨ ଲକ୍ଷ ୟୁନିଟ ରହିଥିବା ଜଣାପଡିଛି। ବଜାର ପ୍ରଭାବିତ ହୋଇ ରହିଥିବାରୁ ଏହା ଲୋକଙ୍କ କ୍ରୟ ବ୍ୟବହାର ଉପରେ ପଡିଛି। ଲୋକମାନେ ନଗଦ ଅର୍ଥ ସେମାନଙ୍କ ନିକଟରେ ରଖିବାକୁ ଗୁରୁତ୍ୱ ଦେଉଛନ୍ତି। ଗ୍ରାହକ ଅତି ଜରୁରୀ ସାମଗ୍ରୀ କ୍ରୟକୁ ପ୍ରାଥମିକତା ଦେଉଛନ୍ତି। ବଜାରରେ ମୋଟାମୋଟି ଭାବେ ଚାହିଦା ଫେରିନାହିଁ। ଏହାର ପ୍ରଭାବ କମ୍ପାନୀଗୁଡିକର ବିକ୍ରି ଉପରେ ପଡୁଛି। ପ୍ରାୟ ସବୁ କମ୍ପାନୀ କୋଭିଡ୍ ଯୋଗୁ କ୍ଷତି ସାମ୍ନା କରୁଥିବା ନଜରକୁ ଆସିଛି।

# ମୁକେଶ ବିଶ୍ୱର ୬ଷ୍ଠ ଧନୀ ବ୍ୟକ୍ତି

**ନୂଆଦିଲ୍ଲୀ,୧୪।୭**



ବିଶ୍ୱର ଶୀର୍ଷ ୧୦ ଧନୀ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବର୍ତ୍ତମାନ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଟେସ୍‌ଲା ଇଙ୍କ୍‌ର ପ୍ରତିଷ୍ଠାତା ଏଲନ ମସ୍କ ଏବଂ ଆଲ୍‌ଫାବେଟ୍‌ର ସହପ୍ରତିଷ୍ଠାତା ଲାରି ପେଜ୍‌ଙ୍କୁ ପଛରେ ପକାଇ ମୁକେଶ ଏହି ସ୍ଥାନ ହାସଲ କରିଛନ୍ତି। ଏହି ତାଲିକାର ପ୍ରଥମ ସ୍ଥାନରେ ଆମାଜନର ଜେଫ୍ ବେଜୋସ ରହିଥିବା ବେଳେ ଦ୍ୱିତୀୟରେ ମାଇକ୍ରୋସଫ୍ଟର ବିଲ୍ ଗେଟ୍‌ସ ଏବଂ ତୃତୀୟରେ ବର୍ନାଡ ଆରନ୍ଲ୍ଟ ଥିବା ବେଳେ ଚତୁର୍ଥରେ ଫେସବୁକର ମାର୍କ ଜୁକରବର୍ଗ ଏବଂ ପଞ୍ଚମରେ ଷ୍ଟିଭ ବାଲମର ରହିଛନ୍ତି। ମୁକେଶଙ୍କ ସମ୍ପତ୍ତି ସୋମବାର ୨.୧ ବିଲିୟନ ଡଲାର ବୃଦ୍ଧି ଘଟିଛି। ବର୍ତ୍ତମାନ ତାଙ୍କର ନେଟ୍ ସମ୍ପତ୍ତି ୭୨.୪ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ଫଳରେ ସେ ମଧ୍ୟ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ହୋଇପାରିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିର ଡିଜିଟାଲ ପ୍ଲାଟଫର୍ମ ଜିଓରେ ଗତ କିଛି ମାସ ମଧ୍ୟରେ ପ୍ରମୁଖ କମ୍ପାନୀଙ୍କ ନିବେଶ, କମ୍ପାନୀର ଅଂଶଧନ ବୃଦ୍ଧି ଫଳରେ ନିଟ୍ ସମ୍ପତ୍ତିରେ ବୃଦ୍ଧି ଘଟିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ରିଲାଏନ୍ସ ଜିଓରେ ଫେସ୍‌ବୁକ, ଇଣ୍ଟେଲ, ସିଲିଭରଲେକ୍,କ୍ୱାଲକମ ଭଳି ବୃହତ୍ତ ନିବେଶକ ନିବେଶ କରିଛନ୍ତି। କମ୍ପାନୀର ବାର୍ଷିକ ସାଧାରଣ ବୈଠକ(ଏଜିଏମ) ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ସେହିଭଳି ଜିଓରେ ପ୍ରାୟ ୪ବିଲିୟନ ଡଲାର ନିବେଶ ପାଇଁ ଗୁଗଲ୍ ଓ ଜିଓ ମଧ୍ୟରେ କଥାବର୍ତ୍ତା ଜାରି ରହିଥିବା ସୂଚନା ରହିଛି।

# ରେନୋ ପକ୍ଷରୁ ୱେଲ୍‌କମ୍ ବ୍ୟାକ୍ ସର୍ଭିସ କ୍ୟାମ୍ପ

**ନୂଆଦିଲ୍ଲୀ,୧୪।୭**

ପ୍ରମୁଖ କାର୍ ନିର୍ମାଣକାରୀ କମ୍ପାନୀ ରେନୋ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ୱେଲ୍‌କମ୍ ବ୍ୟାକ୍ ସର୍ଭିସ କ୍ୟାମ୍ପ ଶୁଭାରମ୍ଭ

### ମିଳୁଛି ଆକର୍ଷଣୀୟ ରିହାତି

ଘୋଷଣା କରାଯାଇଛି। କମ୍ପାନୀର ଏହି ବିକ୍ରି ପରବର୍ତ୍ତୀ ସର୍ଭିସ ପଦକ୍ଷେପ ଚଳିତ ମାସ ୧୩ରୁ ୨୬ ତାରିଖ ଯାଏ ଅନୁଷ୍ଠିତ ହେବ। ଗ୍ରାହକମାନେ ରେନୋର ଡିଲର ୱାର୍କଶପଗୁଡିକରେ ଏଭଳି ସେବା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କଷ୍ଟମର ସର୍ଭିସ ଅଭିଜ୍ଞତାକୁ ଧ୍ୟାନରେ ରଖି ରେନୋ ଏହାର ଟଚ୍ ପଏଣ୍ଟଗୁଡିକରେ ବିଭିନ୍ନ ସୁରକ୍ଷା ପଦକ୍ଷେପ ହାତକୁ ନେଇଛି।

RENAULT Passion for life

ଏହି ଅବସରରେ ଗ୍ରାହକ ବଛାବଛା ଆସେସୋରିଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି, ସ୍ପେୟାର ପାର୍ଟସ ଉପରେ ୧୦% ରିହାତି, ଲେବର ଚାର୍ଜରେ ୧୫% ରିହାତି, ଇଞ୍ଜିନ ଅଏଲ ଉପରେ ୫% ରିହାତି ଏବଂ ଏମ୍‌ୱାଇଆର୍ ପଞ୍ଜୀକୃତ କଷ୍ଟମରଙ୍କ ଲାଗି ଅତିରିକ୍ତ ୫% ରିହାତି ସୁବିଧା ଉପଲବ୍ଧ ହେବ। ବର୍ଦ୍ଧିତ ୱାରେଣ୍ଟି ଏବଂ ରୋଡ୍ ଆସିଷ୍ଟାନ୍ସ କ୍ଷେତ୍ରରେ ରେନୋ ସିକ୍ୟୁର ଦ୍ୱାରା ଅତିରିକ୍ତ ୧୦% ସୁବିଧା ମିଳିବ। ଭାଲ୍ୟୁ ଆଡେଡ୍ କଷ୍ଟମରଙ୍କ ଲାଗି କମ୍ପାନୀ ୫୦% ରିହାତି ବ୍ୟବସ୍ଥା ଶୁଭାରମ୍ଭ କରିଥିବା ସୂଚନା ରହିଛି।

## ଆଲ୍‌କହଲ ହ୍ୟାଣ୍ଡ ସାନିଟାଇଜର ଉପରେ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ,୧୪।୭:** ଆଲ୍‌କହଲ ହ୍ୟାଣ୍ଡ ସାନିଟାଇଜର ଉପରେ ୧୮% ଜିଏସ୍‌ଟି ଲାଗୁ ହେବ। ଏହା ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରେ ଆସୁଥିଲେ ମଧ୍ୟ ଏହା ଉପରେ ଉଚ୍ଚ ହାରର ଜିଏସ୍‌ଟି ଲାଗିବ ବୋଲି ଜଣାପଡ଼ିଛି। ଜିଏସ୍‌ଟି ବ୍ୟବସ୍ଥାରେ ଅଥରିଟି ଅଫ୍ ଆଡଭାନ୍ସ ରୁଲିଂସ(ଏଏଆର୍)ର ଗୋଆ ବେଞ୍ଚ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ କମ୍ପାନୀଗୁଡିକ ଦ୍ୱାରା ଏହା ପ୍ରସ୍ତୁତ ହେଉଥିଲେ ଏଭଳି ଟିକସ ଲାଗୁ କରିବାକୁ ଏଏଆର୍ ନିର୍ଦ୍ଦେଶରେ କହିଛନ୍ତି। ସ୍ପ୍ରିଙ୍ଗଫିଲ୍ଡ ଇଣ୍ଡିଆ ଡିଷ୍ଟିଲେରି ପକ୍ଷରୁ ଏ ପ୍ରସଙ୍ଗରେ ଏକ ଆବେଦନ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, କମ୍ପାନୀ ପକ୍ଷରୁ ପ୍ରସ୍ତୁତ ସାନିଟାଇଜର କେଉଁ ବର୍ଗରେ ଆସିବ। ଏହା ଉପରେ ଟିକସ ଛାଡ ହୋଇପାରିବ କି ନାହିଁ। ମାମଲା ଉପରେ ଏଏଆର୍ ସ୍ପଷ୍ଟ କରିବା ସହ ୧୮% ଜିଏସ୍‌ଟି ଲାଗୁ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ପାଇକାରୀ ମୁଦ୍ରାସ୍ଫୀତି ୧.୮୧% ହ୍ରାସ

**ନୂଆଦିଲ୍ଲୀ,୧୪।୭:** ଜୁନ୍ ମାସରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୧.୮୧% ହ୍ରାସ ଘଟିଛି। ଶକ୍ତି ଏବଂ ଇନ୍ଧନ ଦର ଜୁନରେ କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହି ସମୟରେ ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିଛି। ମେ ମାସରେ ଅବସ୍ଫୀତି ଦେଖାଯିବା ଯୋଗୁ ଏହା ୩.୨୧% ସ୍ତରରେ ରହିଥିଲା। ଜୁନ୍‌ରେ ପାଇକାରୀ ମୂଲ୍ୟ ସୂଚୀ (ଡବ୍ଲ୍ୟୁପିଆଇ) -୧.୮୧% ରହିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୨.୦୨% ସ୍ତରରେ ରହିଥିଲା। ଜୁନରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୨.୦୪% ସ୍ତରରେ ରହିଛି। ମେ ମାସରେ ଏହା ୧.୧୩% ସ୍ତରରେ ଥିଲା। ଇନ୍ଧନ ଏବଂ ଶକ୍ତି ବର୍ଗରେ ଅବସ୍ଫୀତି ଯଥାକ୍ରମେ ୧୩.୬୦% ରହିଛି। ଏହା ଗତ ମାସରେ ୧୯.୮୩% ରହିଥିଲା। ମାନୁଫାକଚରିଂ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ୦.୦୮% ରହିଛି। ମେ ମାସରେ ଏହା ଅବସ୍ଫୀତି ସ୍ତର ୦.୪୨%ରେ ରହିଥିଲା। ଏପ୍ରିଲରେ ଡବ୍ଲ୍ୟୁପିଆଇ ୧.୫୭% ରହିଥିବା ମନ୍ତ୍ରଣାଳୟ ଡାଟାରୁ ସାମ୍ନାକୁ ଆସିଛି।

# ୱାର୍କ ଫ୍ରମ୍ ହୋମ୍ ଲାଗି ଏସ୍‌ବିଆଇର ବଡ଼ ଯୋଜନା

**ମୁମ୍ବାଇ,୧୪।୭:** କୋଭିଡ୍ ଯୋଗୁ ବର୍ତ୍ତମାନ ଅଫିସ କଲ୍‌ଚର ବଦଳିଯାଇଛି। ଲୋକମାନେ ୱାର୍କ ଫ୍ରମ୍ ହୋମ୍ ବା

### ଯେକୌଣସି ସ୍ଥାନରୁ କାମ କରିପାରିବେ କର୍ମଚାରୀ



ଘରେ ରହି କାମ କରୁଛନ୍ତି। ସଂକ୍ରମଣ ଭୟ ରହୁଥିବାରୁ ଏଭଳି କରାଯାଉଛି। ଲୋକଙ୍କୁ ସେବା ଯୋଗାଣ ଲାଗି ବ୍ୟାଙ୍କ ଖୋଲା ରହୁଥିବା କର୍ମଚାରୀଙ୍କୁ ବ୍ୟାଙ୍କ ଆସିବାକୁ ପଡୁଛି। ଏଭଳି ସ୍ଥିତିରେ ଦେଶର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ୱାର୍କ ଫ୍ରମ୍ ହୋମ୍ ଲାଗି ବଡ଼ ଯୋଜନା କରୁଛି। କର୍ମଚାରୀମାନେ ଯେକୌଣସି ସ୍ଥାନରୁ ଏହା ଦ୍ୱାରା କାମ କରିବାକୁ ସୁବିଧା ପାଇବେ। ଏଥିଲାଗି ବ୍ୟାଙ୍କ ବର୍ତ୍ତମାନ ଭିତ୍ତିଭୂମି ସ୍ଥାପନ କରୁଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ବ୍ୟାଙ୍କ ପ୍ରାୟ ୧୦୦୦ କୋଟି ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହେବ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ମଙ୍ଗଳବାର ସୂଚନା ଦେଇଛନ୍ତି।

### ଖେଳ ଖବର

# 'ନୂତନତ୍ୱର ପ୍ରବର୍ତ୍ତନ, ଟେକ୍ନୋଲୋଜି ଦ୍ୱାରା କ୍ରୀଡ଼ା ପରିବେଶ ସୃଷ୍ଟି କରାଯାଇପାରିବ'

**ଭୁବନେଶ୍ୱର, ୧୪।୭ (ସ୍ପୋର୍ଟ୍ସ ବ୍ୟୁରୋ)**

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର କ୍ରୀଡ଼ାମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଦୁଇଦିନିଆ ବୈଠକ ମଙ୍ଗଳବାର ଆରମ୍ଭ ହୋଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ଏହି ବୈଠକରେ ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଭାଗ ନେଇଥିଲେ। ନୂତନତ୍ୱର ପ୍ରବର୍ତ୍ତନ, ସହଯୋଗ ଏବଂ ଟେକ୍ନୋଲୋଜି ଦ୍ୱାରା ପୁନର୍ବାର କ୍ରୀଡ଼ା ପରିବେଶ ସୃଷ୍ଟି କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟରେ କ୍ରୀଡ଼ାର ପୁନଃ ଆରମ୍ଭ ଦିଗରେ ଓଡ଼ିଶା ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହାର ସେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଅଭୂତପୂର୍ବ କରୋନା ଭାଇରସ୍ ସଂକଟ ଯୋଗୁ ଅନିଶ୍ଚିତ ଭବିଷ୍ୟତ ଯୋଗୁ ଦେଶର



କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସଚିବ ବିଶାଲ୍ ଦେବ।

କ୍ରୀଡ଼ା ମହଲ ଏବେ ଦ୍ୱନ୍ଦ୍ୱରେ। ତେବେ କେନ୍ଦ୍ର ସରକାର କେତେକ କ୍ଷେତ୍ରରେ କୋହଳ ଅବଲମ୍ବନ କରିବା ସହ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଦ୍ୱାରା ପ୍ରସ୍ତୁତ ଗାଇଡ୍ ଲାଇନ୍ ଯୋଗୁ କ୍ରୀଡ଼ା କ୍ଷେତ୍ରରେ କିଛି ସକାରାତ୍ମକ ପରିବେଶ ସୃଷ୍ଟି ହୋଇଛି। ରାଜ୍ୟରେ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ କିଛି କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଆମେ ଆମର କ୍ରୀଡ଼ା ସ୍ଥଳରେ ସମସ୍ତ ଏସ୍‌ଓପି ଜାରି କରିଛୁ। ଏଲିଟ୍ ଆଥଲେଟ୍‌ମାନେ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ଆରମ୍ଭ କରିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସଗୁଡ଼ିକରେ ଟ୍ରେନିଂ କାର୍ଯ୍ୟ ଆରମ୍ଭ ହେବ। ବର୍ତ୍ତମାନ କୋଚିଂ ସମୟରେ ସମସ୍ତ କୋଭିଡ୍-୧୯ ପ୍ରୋଟୋକଲ୍ ଅନୁପାଳନ ହେଉଛି। ଦୈନିକ ଥର୍ମାଲ ସ୍କ୍ରିନିଂ କରାଯିବା ସହ ଖେଳ ପଡ଼ିଆ/ପିଚ୍ ଏବଂ ଆବାସିକ କମ୍ପ୍ଲେକ୍ସ ସମୟକୁ ସମୟ ସାନିଟାଇଜ୍ କରାଯାଉଛି। ସ୍ପୋର୍ଟ୍ସ ହଷ୍ଟେଲ ଅନ୍ତେବାସୀମାନେ ମେଣ୍ଟାଲ ଓ ଫିଜିକାଲ କଣ୍ଡିଶନିଂ ସମ୍ପର୍କରେ କୋଚମାନଙ୍କଠାରୁ ବ୍ୟକ୍ତିଗତ ଦିଗ୍‌ଦର୍ଶନ ପାଉଛନ୍ତି। ୱେବିନାରରୁ ମଧ୍ୟ ସେମାନେ ଉପକୃତ ହେଉଛନ୍ତି। ଆଗକୁ କ୍ରୀଡ଼ା ଟ୍ରେନିଂର କେତେକ ଭାଗ ଅନଲାଇନ୍‌ରେ କରାଯାଇ ପାରିବ। ଟେକ୍ନୋଲୋଜିର ସହାୟତା ଦ୍ୱାରା ଅଧିକ ଜ୍ଞାନର ଆଦାନପ୍ରଦାନ ହୋଇ ପାରିବ। ଏହାଦ୍ୱାରା ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ରାଜ୍ୟରେ କ୍ରୀଡ଼ା ଇଭେଣ୍ଟମାନ କ୍ରମେ ଆରମ୍ଭ ହେବ। ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ୨୦୨୧ ଫେବୃୟାରୀ-ମାର୍ଚ୍ଚରେ ହେବ ବୋଲି ଫିଫା ଇତିମଧ୍ୟରେ ଘୋଷଣା କରିଛି। ମ୍ୟାଚ ଆୟୋଜନ ବେଳେ କିପରି ସ୍ୱାସ୍ଥ୍ୟ ସୁରକ୍ଷା ନିୟମକୁ ଠିକଣାରୂପେ କାର୍ଯ୍ୟକାରୀ କରି ହେବ ସେ ନେଇ ଆମେ ସ୍ଥାନୀୟ ଆୟୋଜକ କମିଟି ସହ ମିଳିମିଶି କାର୍ଯ୍ୟକରିବୁ ବୋଲି ତୁଷାରକାନ୍ତି କହିଥିଲେ।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଇଂଲଣ୍ଡ

**ମାଞ୍ଚେଷ୍ଟର, ୧୪।୭**

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ଟେଷ୍ଟକୁ ୪ ଉଇକେଟରେ ଜିତି ୱେଷ୍ଟଇଣ୍ଡିଜ ୧-୦ରେ ଅଗ୍ରଣୀ ହାସଲ କରିଛି। ତେବେ ସଫଳ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି ଘରୋଇ ଇଂଲଣ୍ଡ।

### ଗୁରୁବାରଠାରୁ ଦ୍ୱିତୀୟ ଟେଷ୍ଟ



ଅଭ୍ୟାସ ଅବସରରେ ଜୋସ୍ ବଟଲର।

ଦ୍ୱିତୀୟ ସନ୍ତାନର ଜନକ ହୋଇଥିବା ଅଧିନାୟକ ଜୋ ରୁଟ୍ ପ୍ରଥମ ଟେଷ୍ଟରେ ଖେଳିପାରି ନ ଥିଲେ। ସେ ଦ୍ୱିତୀୟ ଟେଷ୍ଟରେ ଖେଳିବେ। ତେଣୁ ଜୋ ଡେନ୍‌ଲି ବାଦ୍ ପଡ଼ିବା ଏକ ପ୍ରକାର ନିଶ୍ଚିତ ହୋଇଛି। ପ୍ରଥମ ଟେଷ୍ଟରେ ଡେନ୍‌ଲି ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲେ। ସେ ପ୍ରଥମ ଇନିଂସରେ ୧୮ ଓ ଦ୍ୱିତୀୟ ଇନିଂସରେ ୨୯ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ବିଫଳ ହେବାଯୋଗୁ ସମାଲୋଚିତ ହୋଇଥିବା ଉଇକେଟ କିପର ଜୋସ୍ ବଟଲର ଆଉ ଏକ ସୁଯୋଗ ପାଇପାରନ୍ତି। କାରଣ ମୁଖ୍ୟ କୋଚ୍ କ୍ରିସ୍ ସିଲଭରଉଡ୍‌ଙ୍କ ସମର୍ଥନ ତାଙ୍କ ପ୍ରତି ରହିଛି ଏବଂ ସେ ଦଳରେ ଅଧିକ ପରିବର୍ତ୍ତନ ଚାହୁଁନାହାନ୍ତି। ୨୦୧୯ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଡେନ୍‌ଲି ଇତିମଧ୍ୟରେ ୧୫ଟି ଟେଷ୍ଟ ଖେଳିଛନ୍ତି। ମାତ୍ର ଏବେ ତାଙ୍କ ଆଭରେଜ ୩୦ ତଳକୁ ଖସି ଆସିଛି। ଅନ୍ୟପକ୍ଷରେ ତାଙ୍କଠାରୁ ୧୨ ବର୍ଷ ସାନ କେଣ୍ଟ ଟିମ୍-ମେଟ୍ ଜ୍ୟାକ କ୍ରାଓଲେ ଦ୍ୱିତୀୟ ଇନିଂସରେ କ୍ୟାରିୟର ଶ୍ରେଷ୍ଠ ୭୬ ରନ ସ୍କୋର କରି ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି।

ରୁଟ୍‌ଙ୍କ ଅନୁପସ୍ଥିତିରେ ଇଂଲଣ୍ଡ ଦଳର ଉପ-ଅଧିନାୟକ ଦାୟିତ୍ୱ ତୁଲାଇଥିବା ବଟଲର ଦୁଇ ଇନିଂସରେ ଯଥାକ୍ରମେ ୩୫ ଓ ୯ ରନ କରିଥିଲେ। ଏକଦିବସୀୟରେ ସେ ଯେପରି ଖେଳୁଛନ୍ତି ତାହାକୁ ଟେଷ୍ଟରେ ରୂପାନ୍ତରିତ କରିପାରୁ ନାହାନ୍ତି। ସେ ଦିନିକିଆରେ ୧୪୨ ମ୍ୟାଚରେ ୪୦.୮୮ ଆଭରେଜ ରଖିଥିବାବେଳେ ଟେଷ୍ଟରେ ୪୨ ମ୍ୟାଚରେ ତାଙ୍କର ଆଭରେଜ ମାତ୍ର ୩୧.୪୬। ଫଳରେ ଚଳିତ ମାସ ଶେଷ ଭାଗରେ ଆୟର୍ଲାଣ୍ଡ ବିପକ୍ଷ ସୀମିତ ଓଭର କ୍ରିକେଟ ପାଇଁ ଉଇକେଟ କିପର ଭାବେ ଜନି ବେୟାରଷ୍ଟୋଙ୍କୁ ଚୟନ କରାଯାଇଛି। ମାତ୍ର ଦ୍ୱିତୀୟ ଟେଷ୍ଟରେ ବଟଲରଙ୍କୁ ଆଉ ଏକ ସୁଯୋଗ ଦିଆଯିବା ସପକ୍ଷରେ ରହିଛନ୍ତି କୋଚ୍ ସିଲଭରଉଡ୍। ପ୍ରଥମ ଟେଷ୍ଟରେ ପରାଜୟ ସତ୍ତ୍ୱେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ସିରିଜ ଜିତିବା ଦୃଷ୍ଟାନ୍ତ ରହିଛି। ତେଣୁ ସେହି ସ୍ପିରିଟ୍ ଏଠାରେ ଦେଖିବାକୁ ମିଳିବ ବୋଲି ସିଲଭରଉଡ୍ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଲଢୁଆ ପ୍ରଦର୍ଶନ ଜାରିରଖି ଦ୍ୱିତୀୟ ଟେଷ୍ଟ ସହ ସିରିଜ ବିଜୟ ଲକ୍ଷ୍ୟରେ ରହିଛି।

# ଗୁରୁତର ଅଭିଯୋଗ ଆଣିଲେ ମୁସ୍ତାକ

**ନୂଆଦିଲ୍ଲୀ, ୧୪।୭(ପି.ଟି.)**

ଜାତୀୟ କ୍ରୀଡ଼ା ଆଚରଣବିଧି ଉଲ୍ଲଂଘନକରି ନିର୍ବାଚିତ ହୋଇଥିବାରୁ ନିକଟରେ ହକି ଇଣ୍ଡିଆ ସଭାପତି ପଦରୁ ଇସ୍ତଫା ଦେଇଥିବା ମହମ୍ମଦ ମୁସ୍ତାକ ଅହମ୍ମଦ ଏବେ ମୁହଁ ଖୋଲିଛନ୍ତି। ଅନ୍ୟ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଯାଉ ନ ଥିବାବେଳେ ଏପରି ବିଳମ୍ବିତ ନିଷ୍ପତ୍ତିରୁ ମନ୍ଦ ଅଭିଳାଷର ବାସ୍ନା ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ ହୋଇଥିବା ସେ ସନ୍ଦେହ କରୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କିତ ଏକ ପତ୍ର ସେ କେନ୍ଦ୍ର କ୍ରୀଡ଼ା ସଚିବ ରବି ମିତ୍ତଲଙ୍କ ନିକଟକୁ



ମହମ୍ମଦ ମୁସ୍ତାକ ଅହମ୍ମଦ

ପ୍ରେରଣ କରିଛନ୍ତି। ଅନ୍ୟପକ୍ଷରେ କ୍ରୀଡ଼ା ମନ୍ତ୍ରଣାଳୟ ନିୟମ ଅନୁସାରେ କାର୍ଯ୍ୟ କରିଛି। ତା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

କ୍ରୀଡ଼ା ଆଚରଣବିଧି ଉଲ୍ଲଂଘନ ସତ୍ତ୍ୱେ ସୁଧାଂଶୁ ମିତ୍ତଲ, ରାଜୀବ ମେହେଟା ଓ ଆନନ୍ଦେଶ୍ୱର ପାଣ୍ଡେ ଯଥାକ୍ରମେ ଖୋ ଖୋ, ଫେନ୍‌ସିଂ ଓ ହ୍ୟାଣ୍ଡବଲ୍ ସଂଘର ସଭାପତିଭାବେ କାର୍ଯ୍ୟ କରି ଆସୁଛନ୍ତି ବୋଲି ମୁସ୍ତାକ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। "ମୁଁ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବାରୁ କ୍ରୀଡ଼ା ମନ୍ତ୍ରଣାଳୟ ଏପରି କାର୍ଯ୍ୟାନୁଷ୍ଠାନ ନେଇଥିବା ଅନୁଭବ ହେଉଛି। ମହମ୍ମଦ ମୁସ୍ତାକ ଅହମ୍ମଦ ନାମକୁ ନେଇ ସମ୍ଭବତଃ କିଛି ସମସ୍ୟା ରହିଛି" ବୋଲି ସେ ନିଜ ପତ୍ରରେ ଲେଖିଛନ୍ତି। ନିୟମ ଅନୁସାରେ କ୍ରମାଗତ ତୃତୀୟ ଥର ପାଇଁ କେହି କୌଣସି ଅଫିସ୍‌ର ଦାୟିତ୍ୱରେ ରହିପାରିବେ ନାହିଁ। ଏ କ୍ଷେତ୍ରରେ କ୍ରୀଡ଼ା ସଂହିତା କାର୍ଯ୍ୟକାଳ ଗାଇଡଲାଇନ୍ ଉଲ୍ଲଂଘନ ହୋଇଥିବାରୁ ମୁସ୍ତାକଙ୍କୁ ଦାୟିତ୍ୱ ଛାଡ଼ିବାକୁ କୁହା ଯାଇଥିଲା।

## ଦ୍ୱିତୀୟ ସ୍ଥାନକୁ ଉଠିଲେ ହୋଲ୍‌ଡର

**ଦୁବାଇ ୧୪।୭ (ପି.ଟି.)**

ଆଇସିସି ଟେଷ୍ଟ ପ୍ଲେୟର ର‍୍ୟାଙ୍କିଙ୍ଗ୍‌ରେ ୱେଷ୍ଟଇଣ୍ଡିଜ ବୋଲର ଜାସନ ହୋଲ୍‌ଡର କ୍ୟାରିୟରର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ସବୁଠାରୁ ଅଧିକ ରେଟିଂ ପଏଣ୍ଟ ଅର୍ଜନ କରିପାରିଛନ୍ତି। କର୍ଟନୀ ୱାଲ୍ସଙ୍କ ପରେ ୨୦ ବର୍ଷ ମଧ୍ୟରେ ୱେଷ୍ଟଇଣ୍ଡିଜର କୌଣସି ବୋଲର ଏହି ସଫଳତା ହାସଲ କରିପାରି ନାହାନ୍ତି। ସାଉଥାମ୍ପଟନଠାରେ ଇଂଲଣ୍ଡ ବିପକ୍ଷ ବିଜୟ ମ୍ୟାଚରେ ସେ ଦଳର ନେତୃତ୍ୱ ନେଇଥିଲେ। ବର୍ତ୍ତମାନ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର‍୍ୟାଙ୍କିଙ୍ଗ ପଏଣ୍ଟ ୮୬୨ରେ ପହଞ୍ଚିଛି। କର୍ଟନୀ ୱାଲ୍ସ ୨୦୦୦ ଅଗଷ୍ଟରେ ୮୬୬ ରେଟିଂ ପଏଣ୍ଟ ଅର୍ଜନ କରିଥିଲେ।

# ଅମିନ ବିସିସିଆଇ ଅନ୍ତରୀଣ ସିଇଓ

**ମୁମ୍ବାଇ, ୧୪।୭**

ରାହୁଲ ଜୋହରିଙ୍କୁ ବିଦା କରିବାର ଗୋଟିଏ ଦିନ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ହେମାଙ୍ଗ ଅମିନଙ୍କୁ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତ କରିଛି। ଅମିନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ଚିଫ ଅପରେଟିଂ ଅଫିସରଭାବେ ମଧ୍ୟ କାର୍ଯ୍ୟରତ। ଆସନ୍ତା ୨ ମାସ ମଧ୍ୟରେ ନୂଆ ସିଇଓ ନିଯୁକ୍ତି କରାଯିବ ବୋଲି ବିସିସିଆଇ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଅମିନ ୨୦୧୭ରୁ ଆଇପିଏଲ ଅପରେଶନ ଡିଭିଜନ ଦାୟିତ୍ୱ ବୁଝି ଆସୁଛନ୍ତି। ଗତ କିଛିବର୍ଷ ଧରି କଠିନ ପରିଶ୍ରମ କରି ଆସୁଥିବା ଅମିନଙ୍କୁ ପୁରସ୍କାର ମିଳିଛି ବୋଲି କୁହା ଯାଉଛି। ୨୦୧୬ରେ



ହେମାଙ୍ଗ ଅମିନ

କର୍ନ ଫେରି ଏଜେନ୍ସି ସହାୟତାରେ ବିସିସିଆଇ ଏହାର ସର୍ବପ୍ରଥମ ସିଇଓ ନିଯୁକ୍ତ କରିଥିଲା। ମାତ୍ର ଏଥର କୌଣସି ଏଜେନ୍ସିର ସହାୟତା ନିଆ ନ ଯାଇ ଜଣେ ପସନ୍ଦଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପଦ ମିଳିବା ସମ୍ଭାବନା ରହିଛି। ଚଳିତ ମାସ ୧୭ରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆପେକ୍ସ କାଉନସିଲ ବୈଠକ ବସିବ। ଉକ୍ତ ବୈଠକରେ ନୂଆ ସିଇଓ ଏବଂ ବିସିସିଆଇରେ ଅନ୍ୟ ନୂଆ ନିଯୁକ୍ତି ସମ୍ପର୍କରେ ବିଶଦ ଆଲୋଚନା ହେବ। ତେଣୁ ସେ ପର୍ଯ୍ୟନ୍ତ ଅମିନଙ୍କୁ ଅନ୍ତରୀଣ ସିଇଓଭାବେ ଦାୟିତ୍ୱ ବୁଝିବାକୁ କୁହାଯାଇଛି। ନୂଆ ସିଇଓ ପାଇଁ ବିଜ୍ଞାପନ ଦିଆଯିବା ପରେ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପଦ ମିଳିବା ସମ୍ଭାବନା ରହିଛି।

## ସପ୍ତାହେ ବନ୍ଦ ରହିବ ଦୋକାନ

ପାତ୍ରପୁର, (ଡି.ଏନ୍.ଏ.): ଗଞ୍ଜାମ-ଆନ୍ଧ୍ର ସୀମାନ୍ତ ପାତ୍ରପୁର ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜିଲା ପ୍ରଶାସନ ସୋମବାର ଯାଏ ଶଟ୍‌ଡାଉନ୍ ଘୋଷଣା କରିଥିଲା। ମାତ୍ର ପାତ୍ରପୁର ଶ୍ରୀରାମ ବଣିକ ସଂଘ ମଙ୍ଗଳବାରଠାରୁ ୭ଦିନ ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରଖିବାକୁ ଘୋଷଣା କରିଛି। ଆନ୍ଧ୍ର ଲୋକ କଟକଣା ନମାନି ବୁଲାବୁଲି କରୁଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବ୍ରହ୍ମପୁରରେ ୮ ଜ୍ୱର ଚିକିତ୍ସା କେନ୍ଦ୍ର

ଛତ୍ରପୁର, ୧୪।୭(ଡି.ଏନ୍.ଏ.): ବ୍ରହ୍ମପୁର ସହରରେ ୮ ସରକାରୀ ସ୍ୱତନ୍ତ୍ର ଜ୍ୱର ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ସେଠାକୁ ଯାଇ ଲୋକେ ନିଜର କରୋନା ଲକ୍ଷଣ ଉପରେ ପରାମର୍ଶ ନେଇପାରିବେ। ଏ ସମ୍ପର୍କରେ ଟ୍ୱିଟ୍ କରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ବ୍ରହ୍ମପୁର ସହରରେ ଥିବା ଆସିକା ରୋଡ଼, ଆଗା ସାହି, ବୈକୁଣ୍ଠନଗର, ଗୁଡସେଡ ରୋଡ଼, ଖେଡାସିଂ, ଆମ୍ବପୁଆ, ଉତ୍ତରାମୁଖୀ, ଏସଏନଟି ରୋଡ଼ ରେଡ଼କ୍ରସ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏସବୁ ଜ୍ୱର ଚିକିତ୍ସା କେନ୍ଦ୍ର ଖୋଲା ରହିବ।

### ଛତ୍ରପୁରରେ ଆଣ୍ଟିଜେନ ଟେଷ୍ଟ, ସ୍ୱାବ ସଂଗ୍ରହ

ଛତ୍ରପୁର, ୧୪।୭(ଡି.ଏନ.ଏ.): ଛତ୍ରପୁର ବ୍ଲକର ବିଭିନ୍ନ ଗାଁରେ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। କରୋନା ଚେନ୍‌କୁ ଭାଙ୍ଗିବା ଏବଂ ସ୍ୱାବ ସଂଗ୍ରହ ବୃଦ୍ଧି ପାଇଁ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ମଙ୍ଗଳବାର ବ୍ଲକ ଅନ୍ତର୍ଗତ ବଉଳଗାଁ ସ୍କୁଲରେ କ୍ୟାମ୍ପ କରାଯାଇ ଲକ୍ଷଣ ଥିବା ୩୭ ଜଣଙ୍କର ସ୍ୱାବ ସଂଗ୍ରହ କରାଯାଇଛି। ପିଇଓ ଡାକ୍ତର ସେଠୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ସ୍ୱାବ ସଂଗ୍ରହ ସଂଯୋଜକ ଶ୍ରୀକାନ୍ତ ଚୌଧୁରୀ, ନୀଳକଣ୍ଠ ମହାରଣା, ଦୁର୍ଯ୍ୟୋଧନ ପରିଡା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଲ୍ୟାବ ଟେକ୍ନିସିଆନ କବିତା ଭୋଳ, ଆର. ଦିଲେଶରୀ ଏହାକୁ ତ୍ୱରାନ୍ୱିତ କରୁଛନ୍ତି। ବୁଧବାର ମହାନାଦପୁରରେ କ୍ୟାମ୍ପ କରାଯିବ। ପୂର୍ବରୁ ବଡମାଧପୁର, ପୋଟଲାମପୁର, ଓ ସୁନ୍ଦରପୁରରେ ଆଣ୍ଟିଜେନ ଟେଷ୍ଟ ହୋଇଛି। ବ୍ଲକର ୭୩ ଟି ରାଜସ୍ୱ ଗ୍ରାମରୁ ୨୯ଟି ରେଡ ଜୋନ୍ ଓ ୪୪ଟି ଗ୍ରୀନ ଜୋନରେ ଅଛି। ସେପଟେ ଦିନକରେ ଛତ୍ରପୁରରେ ୧୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରେ ୨ କରୋନା ଯୋଦ୍ଧା ଓ ୧୩ ଜଣ ସ୍ଥାନୀୟ ସଂକ୍ରମିତ। କାଳିଆବାଲି ଓ ବଡପୁଟି ଗାଁକୁ ଶଟ୍‌ଡାଉନ ଘୋଷଣା କରାଯାଇଛି।

### ଜ୍ୱରରେ କୋର୍ଟ କ୍ଲର୍କଙ୍କ ମୃତ୍ୟୁ

ଆର.ଉଦୟଗିରି, ୧୪।୭(ଡି.ଏନ୍.ଏ.): ଆର.ଉଦୟଗିରି ବଜାରରେ ରହୁଥିବା କୋର୍ଟ କ୍ଲର୍କ ସମୀର ପାତ୍ର(୨୫)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସମୀରଙ୍କୁ କିଛିଦିନ ହେଲା ଜ୍ୱର ହେଉଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଯିବାରେ କଟକଣା ଥିବାରୁ ଗ୍ରାମର ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଥିଲେ। ସୋମବାର ଭୀଷଣ ଜ୍ୱର ହେବାରୁ ତାଙ୍କୁ ଆର୍.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ସମୀରଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ମମତା ନାୟକ କହିଛନ୍ତି।

### ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ

ପାରଳାଖେମୁଣ୍ଡି, ୧୪।୭(ସ୍ୱ.ପ୍ର.): ପାରଳାଖେମୁଣ୍ଡି ସହରରେ କେତେକ ବ୍ୟବସାୟୀ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ଭୁଲିଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କିଛି ଦିନହେବ ସହରର ସମସ୍ତ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି। କୋଭିଡ୍ ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଦୋକାନ ଉପରେ ଚଢାଉ କରାଯାଇଥିଲା। ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଲକ୍ଷ୍ମୀ ଜେନେରାଲ ଷ୍ଟୋରଠାରେ ସାମାଜିକ ଦୂରତ୍ୱ ରକ୍ଷା ହୋଇ ନ ଥିବାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଆଖପାଖର କେତେକ ଦୋକାନକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା ପ୍ରଶାସନ। ଚଢାଉରେ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନିଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ବୁଗୁଡା ସହର ପୁଣି ଶଟ୍‌ଡାଉନ୍

ବୁଗୁଡା, ୧୪।୭(ଡି.ଏନ୍.ଏ.): ବୁଗୁଡା ସହରରେ ଆଉ ୫ ଦିନ ଶଟ୍‌ଡାଉନ ବଢ଼ାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ସହରରେ କରୋନା ସଂକ୍ରମଣ ବୃଦ୍ଧିକୁ ଦେଖି ତହସିଲଦାର ସଂଗ୍ରାମ କେଶରୀ ଜେନା, ବିଡିଓ ତନ୍ମୟ ପାତ୍ର ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ସହରକୁ ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ପୁଣି ଶଟ୍‌ଡାଉନ କରିଛନ୍ତି। କେବଳ ଔଷଧ ଦୋକାନ ଖୋଲିବାକୁ ନିଷ୍ପତ୍ତି ହୋଇଛି।

# ଗଞ୍ଜାମର ସମସ୍ତ ସହର ପ୍ରବେଶପଥ ସିଲ୍

- ମେଡିକାଲ, ସରକାରୀ କାମକୁ ଅନୁମତି
- ୩୧ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟ ଯିବା ମନା

ଛତ୍ରପୁର, ୧୪।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ବ୍ରହ୍ମପୁର, ଛତ୍ରପୁର ସମେତ ସମସ୍ତ ୧୮ ସହରର ପ୍ରବେଶ ପଥ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। ଜିଲାରେ ଗୋଟିଏ ସହରରୁ ଅନ୍ୟ ସହରକୁ କାହାରିକୁ ଛଡ଼ାଯାଉ ନ ଥିବା ବେଳେ ସହର ଭିତରୁ କେହି ବାହାରକୁ ନ ବାହାରିବାକୁ କୁହାଯାଇଛି। କେବଳ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଗାଡି, ପରିଚୟପତ୍ର ଥିବା ସରକାରୀ ଅଧିକାରୀ, କର୍ମଚାରୀ ଏବଂ ମେଡିକାଲ ପାଇଁ ଯାତାୟାତକୁ ଅନୁମତି ଦିଆଯାଉଛି। ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାର ଥାନା ଅଧିକାରୀମାନେ ସହର ପ୍ରବେଶ ପଥ ଉପରେ ନଜର ରଖିଥିବା ବେଳେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ସମସ୍ତଙ୍କ ଯାଞ୍ଚ କରାଯାଉଛି। ଦୁଇ ଏସ୍‌ପି ବିଭିନ୍ନ ସ୍ଥାନ ବୁଲି ଏହାର ତଦାରଖ କରୁଛନ୍ତି।


ଏସ୍‌ପି ଅନୁଧ୍ୟାନ କରୁଛନ୍ତି ।

ସହରାଞ୍ଚଳରେ ବୃଦ୍ଧିପାଉଥିବା ସଂକ୍ରମଣକୁ ନିୟନ୍ତ୍ରଣ ସହ କରୋନା ଚେନ୍ ଭାଙ୍ଗିବାକୁ ଏପରି ପଦକ୍ଷେପ ନିଆଯାଇଛି।

ଜିଲାର ସହରାଞ୍ଚଳରେ ୫ ଦିନ ଧରି ଲାଗୁ ହୋଇଥିବା ଶଟ୍‌ଡାଉନ ହଟିଛି। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ କୋହଳ କରାଯାଇଛି। ଏହି ୩ ଦିନ ବ୍ରହ୍ମପୁର ସହର ବ୍ୟତୀତ ଅନ୍ୟ ୧୭ ସହରରେ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରିବା, ଆମିଷ ଦୋକାନ ଖୋଲିବ। ସକାଳ ୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗ୍ରୋସେରୀ ଦୋକାନ ଖୋଲିବ। ସେହିପରି ବ୍ୟାଙ୍କଗୁଡିକ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ଥିବାବେଳେ ଗ୍ରାହକଙ୍କ ପାଇଁ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ସାମାଜିକ ଦୂରତା ରକ୍ଷା ଓ ଗାଇଡଲାଇନ୍ ଲୋକେ ପାଳନ କରୁଛନ୍ତି କି ନାହିଁ ତାହା ଅନୁଧ୍ୟାନ ପରେ ପୁଣି ଶଟ୍‌ଡାଉନ ହେବ କି ନାହିଁ ନିଷ୍ପତି ନିଆଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟଗୁଡିକୁ ଜନସାଧାରଣଙ୍କ ଯିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବୟସ୍କ, ମଧୁମେହ, କର୍କଟ ଆକ୍ରାନ୍ତ ଓ ରକ୍ତଚାପ ଥିବା ବ୍ୟକ୍ତି ନିଜ ଘର ଛାଡି ବାହାରକୁ ନ ଯିବାକୁ କୁହାଯାଇଛି ।


ଜିଲାପାଳ ଆଲୋଚନା କରୁଛନ୍ତି।

## ରେଡ୍ ଜୋନ୍‌ରେ ଜିଲାପାଳଙ୍କ ଆଲୋଚନା

ହିଞ୍ଜିଳିକାଟୁ, ୧୪।୭(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକର କରୋନା ରେଡ୍‌ଜୋନ୍ ସମରଝୋଳ ଗ୍ରାମରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପହଞ୍ଚି ଆଲୋଚନା କରିଛନ୍ତି। ୱାର୍ଡ଼ ସଭ୍ୟ, କୋଭିଡ୍ ମନିଟର ଏବଂ ଅନ୍ୟମାନଙ୍କ ସହ ଅଞ୍ଚଳରେ ବିଭିନ୍ନ କରୋନା ମୁକାବିଲା ଓ ପ୍ରଶାସନିକ ପଦକ୍ଷେପ ନେଇ କଥା ହୋଇଥିଲେ। ପ୍ରକାଶ ଯେ, ବଡ଼ଖଣ୍ଡି ପଞ୍ଚାୟତ ସମରଝୋଳ ଗ୍ରାମରୁ ୨୩ ଜଣ କରୋନା ପଜିଟିଭ ଚିହ୍ନଟ ପରେ ଗ୍ରାମକୁ ରେଡ୍‌ଜୋନ୍ ଘୋଷଣା ସହ ଶଟ୍‌ଡ଼ାଉନ କରାଯାଇଛି। ଜିଲାପାଳଙ୍କ ସହ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ଥାନା ଅଧିକାରୀ ଅଭିମନ୍ୟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ କେୟାର ସେଣ୍ଟର ନିଷ୍ପତ୍ତିକୁ ନେଇ ଅସନ୍ତୋଷ

ବ୍ରହ୍ମପୁର ଅଫିସ, ୧୪।୭

**ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ, ହସ୍ପିଟାଲ**

ବ୍ରହ୍ମପୁରର ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ଓ ହସ୍ପିଟାଲ ଇନ୍‌ଡୋର ହେବ କୋଭିଡ୍‌କେୟାର ସେଣ୍ଟର। ଏନେଇ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କଲେଜ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ପ୍ରଶାସନିକ ଅଧିକାରୀମାନେ କଲେଜ ପରିଦର୍ଶନ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପ୍ରଶାସନର ନିଷ୍ପତ୍ତିକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ଓ ହସ୍ପିଟାଲ ଜିଲାର ଏକମାତ୍ର ବୃହତ୍ତ ହସ୍ପିଟାଲ। କରୋନା ସମୟରେ ସମସ୍ତ ହୋମିଓପାଥି କେନ୍ଦ୍ର ବନ୍ଦ ରହିଥିବା ବେଳେ ଜିଲାର ଏକମାତ୍ର କେନ୍ଦ୍ର ଭାବେ ବ୍ରହ୍ମପୁର ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିଲା। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ହସ୍ପିଟାଲକୁ କୋଭିଡ୍ କେୟାର ସେଣ୍ଟର କରାଯିବା ନେଇ ନିଷ୍ପତ୍ତି ହେବା ପରେ ଓପିଡି ବନ୍ଦ ରହିବ ବୋଲି କଲେଜ ପକ୍ଷରୁ କୁହାଯାଇଛି। ଯାହାଦ୍ୱାରା ହସ୍ପିଟାଲରେ ଦିଆ ଯାଉଥିବା ମାଗଣା ହୋମିଓପାଥି ଚିକିତ୍ସା ପାଇବାରୁ ରୋଗୀ ବଞ୍ଚିତ ହେବେ। କଲେଜ ଓ ହସ୍ପିଟାଲକୁ ଦୁଇଟି ପ୍ରବେଶ ପଥ ରହିଛି। ବର୍ତ୍ତମାନ ଛାତ୍ରୀ ନିବାସ କୋଭିଡ୍-୧୯ ସଂକ୍ରମିତଙ୍କ ସ୍ୱାବ୍ ନମୁନା ସଂଗ୍ରହ ପାଇଁ ବ୍ୟବହୃତ ହେଉଛି। ଫଳରେ ସାଧାରଣ ରୋଗୀ ଓ ଅଧ୍ୟାପକ, ଅଧ୍ୟାପିକା ଡାକ୍ତରଙ୍କ ଯାତାୟାତ ପାଇଁ କଲେଜ ମୁଖ୍ୟଫାଟକ ଏକମାତ୍ର ବାଟ। ଏବେ ପ୍ରଶାସନ ପକ୍ଷରୁ ଇନ୍‌ଡୋରକୁ କୋଭିଡ୍ କେୟାର ସେଣ୍ଟର କରାଗଲେ ଓପିଡି ତଥା କଲେଜକୁ ଯାତାୟାତ କରୁଥିବା ହସ୍ପିଟାଲ ଡାକ୍ତର, କର୍ମଚାରୀ, ଅଧ୍ୟାପିକା ଓ ଅଧ୍ୟାପକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଏହାବ୍ୟତିତ କୋଭିଡ ଯୋଦ୍ଧା ତଥା ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି ପାଇଁ କରାଯାଉଥିବା ହୋମିଓପାଥି ଔଷଧ ଆର୍ସେନିକ୍ ଆଲବ୍ - ୩୦ ପ୍ରସ୍ତୁତି ମଧ୍ୟ ପ୍ରଭାବିତ ହେବା ସମ୍ଭାବନା ରହିଥିବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଭଞ୍ଜନଗର ସ୍ଥିତି ସୁଧୁରୁଛି

ଭଞ୍ଜନଗର, ୧୪।୭(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରୁ ରବିବାର ନୂଆ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗତ ଏକ ସପ୍ତାହ ହେଲା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ବର୍ତ୍ତମାନ କଣ୍ଟେନମେଣ୍ଟ ଜୋନରୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ପୂର୍ବରୁ ୮ରୁ ୧୦ଜଣଙ୍କ ଦୈନିକ ବ୍ଲକ ଓ ଏନ୍‌ଏସିରୁ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ବ୍ରହ୍ମପୁର ପଠାଯାଉଥିଲା। ବର୍ତ୍ତମାନ ଏହା ୪୦କୁ ବୃଦ୍ଧି କରାଯାଇଛି। ରବିବାର ସୁଦ୍ଧା ବ୍ଲକ ଓ ଏନ୍‌ଏସିରେ ୧୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ମଙ୍ଗଳବାରଠାରୁ ଗୁରୁବାର ୩ଦିନ ଶଟ୍‌ଡାଉନ୍ କୋହଳ କରାଯାଇଥିବାରୁ ଅଞ୍ଚଳର ବିଭିନ୍ନ ଦୋକାନରେ ଭିଡ ଜମିଥିଲା। କେତକ ଦୋକାନରେ ଲୋକେ ସାମାଜିକ ଦୂରତ୍ୱ ରଖୁଥିବାବେଳେ ଆଉ କେତକ ସ୍ଥାନରେ ମାନୁନଥିବା ଲକ୍ଷ୍ୟ କରାଯାଇଥିଲା।

# ଡାକ୍ତରଖାନା ପରିଦର୍ଶନ କଲେ ଯୋଜନାବୋର୍ଡ ଉପାଧ୍ୟକ୍ଷ



ଡାକ୍ତରଖାନାରେ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ଆଲୋଚନା କରୁଛନ୍ତି।

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)

ଗଜପତି ଜିଲାକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ଦୁଇଦିନିଆ ଗଜପତି ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସୋମବାର ସେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କୋଭିଡ୍ ପରିଚାଳନା, ସ୍ୱାସ୍ଥ୍ୟସେବା, ସାମାଜିକ କ୍ଷେତ୍ର କାର୍ଯ୍ୟକଳାପ ସମ୍ପର୍କରେ ସମୀକ୍ଷା କରିଥିଲେ। ମଙ୍ଗଳବାର ସେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସ୍ଥାନୀୟ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରି ସେଠାରେ ସମସ୍ତ ବିଷୟ ଅନୁଧ୍ୟାନ କରିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେ କାଶୀନଗର ବ୍ଲକ ଖାରଡାଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମାସ୍କ ପ୍ରସ୍ତୁତି ପରିଦର୍ଶନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସେ ମଧୁସୂଦନପୁର ଗସ୍ତରେ ଯାଇ ଗ୍ରାମ୍ୟ ଗୃହ ଯୋଜନାର ଅନୁଧ୍ୟାନ କରିଥିଲେ। ଶେଷରେ ପାରଳାଖେମୁଣ୍ଡିସ୍ଥିତ ରାଜନହରକୁ ଯାଇ ରାଜକୁମାରୀ କଲ୍ୟାଣୀ ଗଜପତିଙ୍କ ସହ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, କାଶୀନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ବିଜେଡିର ଯୁବ ସଭାପତି ଏସ.ଲିଙ୍ଗରାଜ, ନଗର ସଭାପତି ସତ୍ୟ ନାରାୟଣ ରାଜଗୁରୁ ପ୍ରମୁଖ ଉପସ୍ଥିତଥିଲେ।

# ଆବର୍ଜନା ସଂଗ୍ରହ ପାଇଁ ୩ ବ୍ୟାଟେରି ଚାଳିତ ଗାଡ଼ି ଶୁଭାରମ୍ଭ

କାଶୀନଗର, ୧୪।୭(ଡି.ଏନ୍.ଏ.)

କାଶୀନଗର ଅଞ୍ଚଳରୁ ଆବର୍ଜନା ସଂଗ୍ରହ କରିବା ପାଇଁ ଏନ୍‌ଏସି ପକ୍ଷରୁ ମଙ୍ଗଳବାର ୩ ବ୍ୟାଟେରି ଚାଳିତ ଗାଡ଼ି ଶୁଭାରମ୍ଭ ହୋଇଛି। ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଏହାର ଶୁଭାରମ୍ଭ କରିଛନ୍ତି। ପ୍ରତ୍ୟେକ ଦିନ ଘର ଘର ବୁଲି ଏହି ଗାଡ଼ି ଆବର୍ଜନା ସଂଗ୍ରହ କରିବ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସହକାରୀ ଯନ୍ତ୍ରୀ ରାଧାମୋହନ ରାୟ, ପି. ମନୋହର ପ୍ରମୁଖ ଉପସ୍ଥିତ ଥିଲେ। ଆବର୍ଜନା ବାହାରେ ନ ପକାଇ ଏହି ଗାଡ଼ିରେ ପକାଇବା ପାଇଁ ଅଧିକାରୀମାନେ କହିଛନ୍ତି।



ଉପଜିଲାପାଳ ଆବର୍ଜନା ସଂଗ୍ରହ ଗାଡ଼ିର ଶୁଭାରମ୍ଭ କରୁଛନ୍ତି।

## ଆସିକା ଏନ୍‌ଏସି ଶଟ୍‌ଡାଉନ

ଆସିକା, ୧୪।୭(ଡି.ଏନ୍.ଏ.)

ଆସିକା ଏନ୍‌ଏସିକୁ ମଙ୍ଗଳବାରଠାରୁ ୬ ଦିନ ପାଇଁ ପୁଣି ଶଟ୍‌ଡାଉନ କରାଯାଇଛି। ମଙ୍ଗଳବାର ସକାଳୁ ଏନ୍‌ଏସିର ପ୍ରବେଶପଥ ବିଜୁପଟ୍ଟନାୟକ ଛକ, ପାକଲାପଲ୍ଲୀ ଛକଠାରେ ପୋଲିସ ପହରାକୁ କଡାକଡି କରାଯାଇଛି। ସହରାଞ୍ଚଳକୁ କେବଳ ସ୍ୱାସ୍ଥ୍ୟସେବା ପାଇଁ ପ୍ରବେଶ ଅନୁମତି ମିଳୁଛି। ଶଟ୍‌ଡାଉନ କଟକଣା ଉଲ୍ଲଂଘନ କରି କଳିଙ୍ଗା ରୋଡ, ସୁନାମ୍ବ ସାହି ଓ ବଜାରରେ ଖୋଲିଥିବା ୪ ଦୋକାନ ସିଲ ହୋଇଛି।

# କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ବିରୋଧ

ପାରଳାଖେମୁଣ୍ଡି, ୧୪।୭(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ୱାର୍ଡ ନମ୍ବର-୪ ଅନ୍ତର୍ଗତ ଭଣ୍ଡାରୀ ସାହିସ୍ଥିତ ପୌର ପରିଷଦ ଚିକିତ୍ସାଳୟଠାରେ ହେବାକୁ ଯାଉଥିବା କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏଠାରେ ପୌରପରିଷଦ ପକ୍ଷରୁ ସହରାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଏକ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିଲା। କିଛି ଦିନ ତଳେ ଏଠାକୁ ରୋଗୀଙ୍କ ଯିବା ଆସିବା ଯୋଗୁ ଚିକିତ୍ସାଳୟର ଫାର୍ମାସିଷ୍ଟ ଏବଂ ସେହି ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତି କରୋନା ପଜିଟିଭ୍‌ର ଶିକାର ହୋଇଥିଲେ । ଏନେଇ ୯ ତାରିଖରୁ ଏହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ରୂପେ ଘୋଷଣା କରାଯାଇଛି। ମଙ୍ଗଳବାର ବନ୍ଦ କରାଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଖୋଲାଯାଇ ସେଠାରେ କୋଭିଡ୍ ପରୀକ୍ଷା କେନ୍ଦ୍ର କରାଯିବ ବୋଲି ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଖବର ଅଞ୍ଚଳବାସୀ ଜାଣିବା ପରେ ପୂର୍ବତନ କାଉନସିଲର ବିଭୂତି ଭୂଷଣ ବେହେରାଙ୍କ ନେତୃତ୍ୱରେ ପ୍ରଶାସନର ଏପରି ଯୋଜନାକୁ ବିରୋଧ କରିଛନ୍ତି । ବର୍ତ୍ତମାନ ଏହି ଚିକିତ୍ସାଳୟକୁ ବାହାର ଅଞ୍ଚଳର ଲୋକେ ଆସି କୋଭିଡ ପରୀକ୍ଷା କଲେ ଏଠାରେ ଆହୁରି କରୋନା ସଂକ୍ରମଣ ବଢିବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଗଜପତିରେ ପୁଣି ୨୯ ପଜିଟିଭ୍

ପାରଳାଖେମୁଣ୍ଡି/ଗୁମ୍ମା, ୧୪।୭(ସ୍ୱ.ପ୍ର.)

ଗଜପତି ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମଙ୍ଗଳବାର ଜିଲାରେ ପୁଣି ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୩୯ରେ ପହଞ୍ଚିଛି । ଏମାନଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରାଞ୍ଚଳର ୫ଜଣ, ଗୁମ୍ମା ବ୍ଲକର ୫ଜଣ, ଗୋଷାଣୀ ବ୍ଲକର ଜଣେ, ରାୟଗଡ ବ୍ଲକର ୧୨ଜଣ ଏବଂ କାଶୀନଗର ବ୍ଲକର ୬ଜଣ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏମାନଙ୍କ ବୟସ ୧୨ରୁ ୬୫ ବର୍ଷ ମଧ୍ୟରେ ରହିଛି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲ ଓ କୋଭିଡ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିବା ଜିଲାପାଳ ଅନୁପମ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗୁମ୍ମା ଉପରସାହିରେ ଜଣେ ୫୦ ବର୍ଷର ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳକୁ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ସାହିକୁ ସଂଯୋଗ ହୋଇଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଥିବା ବିଡିଓ ନଟବର ଗରଡ଼ା କହିଛନ୍ତି।

## ଦିଗପହଣ୍ଡି ଶଟ୍‌ଡାଉନ

ଦିଗପହଣ୍ଡି, ୧୪।୭(ଡି.ଏନ୍.ଏ.)

ଦିଗପହଣ୍ଡି ସହରର ସମସ୍ତ ପ୍ରବେଶ ପଥ ପ୍ରଶାସନ ସିଲ୍ କରିବା ସହ ୧୪୪ ଧାରା ଜାରି କରିଛି। କରୋନା ପ୍ରତିହତ ପାଇଁ ସ୍ଥାନୀୟ ବିଭିନ୍ନ ବ୍ୟବସାୟୀ ସଂଘ ଅନୁରୋଧକ୍ରମେ ଏନ୍‌ଏସି ପ୍ରଶାସନ ୬ ଦିନିଆ ଶଟ୍‌ଡାଉନ୍ ଘୋଷଣା କରିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ କହିଛନ୍ତି।

# ନୂଆସାହିକୁ ପକ୍କାରାସ୍ତା ନିର୍ମାଣ ଦାବି

ଖଜୁରିପଡା(ଡି.ଏନ୍.ଏ.)/ବଲସକୁମ୍ପା ୧୪।୭

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ନୂଆସାହି ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପକ୍କାରାସ୍ତା ପାଇଁ ପଲ୍ଲୀସଭାରେ ରେଜୁଲେସନ ପାସ୍ ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷାଦିନ ଆସିଲେ ରାସ୍ତାରେ ପାଣି କାଦୁଅ ଜମି ରହୁଛି। ଫଳରେ ଗାଡିମଟର ଯିବାଆସିବାରେ ଅସୁବିଧା ହେଉଛି। ଜରିରୀ ପରିସ୍ଥିତିରେ ଗାଁରେ ଦମକଳ କିମ୍ବା ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ମଧ୍ୟ ସୁଫଳ ମିଳୁନାହିଁ। ବ୍ଲକ ଅଫିସ ଠାରୁ ୧୬କିମି ଓ ପଞ୍ଚାୟତ ହେଡ୍‌କ୍ୱାର୍ଟର ଠାରୁ ୨ କିମି ଦୂରରେ ଥାଇ ମଧ୍ୟ ଗ୍ରାମଟି ଅବହେଳିତ ହୋଇ ରହିଛି। ଲଣ୍ଡୁପଡା, ଦରଗଗଣ୍ଡା ଓ କ୍ଷେତାପାଙ୍କୁ ଆଦି ଗ୍ରାମବାସୀ ମଧ୍ୟ ଏହି ରାସ୍ତାଦେଇ ଯାଇଥାନ୍ତି। ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମର ନରୋତ୍ତମ କହଁର, ଦେବାର ଚରଣ କୁଦେଇ, ରାଜେନ୍ଦ୍ର ବେହେରା ,ବାସୁଦେବ ଗଣ୍ଡା, ବିଦୁର ବେହେରା ପ୍ରମୁଖ ଦାବି କରିଛନ୍ତି।

# କରୋନା କଟକଣା ମାନୁଛନ୍ତି ଆଦିବାସୀ

ପାତ୍ରପୁର, ୧୪।୭(ଡି.ଏନ୍.ଏ.)

କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ପ୍ରଶାସନ ଏବଂ ପଞ୍ଚାୟତସ୍ତରରେ ସରପଞ୍ଚ ବିଭିନ୍ନ କଟକଣା ଜାରି କରୁଛନ୍ତି। ହେଲେ ଗଞ୍ଜାମ ଜିଲାର କେତେକ ସ୍ଥାନରେ ଏସବୁ କଟକଣାକୁ ଲୋକେ ଫୁ କରି ଦେଉଥିବାରୁ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ୟ ରାଜ୍ୟରୁ ନିଜ ଭିଟାମାଟିକୁ ଫେରିଥିବା ଶ୍ରମିକମାନେ ପ୍ରଶାସନର ନିୟମ ମାନୁନାହାନ୍ତି। ସହରାଞ୍ଚଳରେ ବି କେତେକ ଅମାନିଆ ସଚେତନ ହେଉନାହାନ୍ତି। ଯଦ୍ଦ୍ୱାରା ସମସ୍ୟା ବଢ଼ୁଛି। ଏଭଳି ସ୍ଥିତିରେ ପାତ୍ରପୁର ବ୍ଲକ ଅଞ୍ଚଳର ପାହାଡ଼ ଉପରେ ରହୁଥିବା ଆଦିବାସୀମାନେ କରୋନା ସଂକ୍ରମଣ ପ୍ରତିହତ ପାଇଁ ଜାରି କଟକଣାସବୁ ମାନୁଥିବା ଦେଖାଯାଉଛି ।




ପାତ୍ରପୁର ବ୍ଲକର ଆଙ୍କୁଲି ପଞ୍ଚାୟତର ପାହାଡ଼ ଉପରେ ଥିବା ଏଲଗଲ, ବଣିଆବସା, ଶିରିଶିଗଣ୍ଡ, ମାଡୁଆଗୁମ୍ମା, ବେହେରାପୁଟୁ ଆଦି ଗ୍ରାମବାସୀ କରୋନା ସଂକ୍ରମଣ ରୋକିବା ପାଇଁ ସତର୍କ ଅଛନ୍ତି। ଗ୍ରାମକୁ ଫେରିଥିବା ଯୁବ ଗୋଷ୍ଠୀ ଅନ୍ୟ ଗ୍ରାମକୁ ନ ଯିବା, ଅନ୍ୟ ଗ୍ରାମର ଲୋକ ଗାଁକୁ ଆସିବାକୁ ନିଷେଧ କରିଛନ୍ତି। ଏପରକି ଗାଁ ମୁଣ୍ଡରେ ବଡ଼ବଡ଼ ଗଛ ପକାଇ ରାସ୍ତା ଅବରୋଧ କରି କରୋନା ସଂକ୍ରମଣକୁ କିଭଳି ମୁକାବିଲା କରାଯିବ ସେ ନେଇ ବିଭିନ୍ନ ବାର୍ତ୍ତା ଲେଖି ସେଠାରେ ଟାଙ୍ଗି ସହରାଞ୍ଚଳ ଲୋକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେପଟେ ପାତ୍ରପୁର, ଜରଡ଼ା, କେଲୁଆ ଓ ଖାରିଆଗୁଡ଼ା ପଞ୍ଚାୟତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଜନସାଧାରଣ ପ୍ରଶାସନର କଟକଣାକୁ ମାନୁନାହାନ୍ତି। ଜୟନ୍ତୀପୁର, ସାମନ୍ତିଆପଲ୍ଲୀ, ବି ନୂଆଗାଁ, ସୁରଙ୍ଗି, ପାତ୍ରପୁର, ଜରଡ଼ା, କେଲୁଆରେ ବାରମ୍ବାର ଶଟଡ଼ାଉନ୍ କଲେ ମଧ୍ୟ ଦୋକାନୀମାନେ ଭୋର ସମୟରେ ଦୋକାନ ଖୋଲି ବସି ରହୁଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୧୫ ଜୁଲାଇ, ୨୦୨୦



ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନଙ୍କ ସମେତ ତାଙ୍କ ପରିବାରର ୪ ସଦସ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଏହାସହ ଅଭିନେତ୍ରୀ ରେଖାଙ୍କ ସୁରକ୍ଷାକର୍ମୀ ମଧ କରୋନା ସଂକ୍ରମିତ ହୋଇଥିବା ଖବର ଆସିବା ପରେ ଏମାନଙ୍କ ଘରକୁ ସିଲ୍ କରି ଦିଆଯାଇଛି। ଏହାପରେ ବଲିଉଡ୍ ନିର୍ଦ୍ଦେଶକ ଜୋୟା ଅଖତରଙ୍କ ଘରକୁ ମଧ ସିଲ୍ କରାଯାଇଛି। ଜୋୟାଙ୍କ ଘର ରେଖାଙ୍କ ଘରକୁ ଲାଗି ରହିଥିବାରୁ ସୁରକ୍ଷା ଦୃଷ୍ଟିରୁ ବିଏମ୍‌ସି ଜୋୟାଙ୍କ ଘରକୁ ମଧ ସିଲ୍ କରି ଦେଇଛି। ଏପର୍ଯ୍ୟନ୍ତ ଜୋୟା କି ତାଙ୍କ ପରିବାରର କୌଣସି ସଦସ୍ୟ କରୋନାରେ ପୀଡ଼ିତ ଥିବା ଜଣାପଡି ନାହିଁ।




ବାଣୀ କପୁର

# 'ସୁଶାନ୍ତଙ୍କ ପ୍ରଥମ ଦେଖାର ଷ୍ଟାଇଲକୁ ଭୁଲିବିନି'

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ବୋଲ୍ଡ ଅନ୍ଦାଜ୍‌ର ସମସ୍ତେ ଦିୱାନା। ନିଜର ଗ୍ଲାମର୍ସ ଲୁକ୍ ପାଇଁ ମଧ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ସେ। ବାଣୀ ବହୁତ କମ୍ ଫିଲ୍ମରେ କାମ କରିଛନ୍ତି। କିନ୍ତୁ ସେ ନିଜର ପ୍ରଥମ ଫିଲ୍ମରୁ ହିଁ ଦର୍ଶକଙ୍କ ହୃଦୟ ଜିତିପାରିଥିଲେ। ୨୦୧୩ରେ ଫିଲ୍ମ 'ଶୁଦ୍ଧ ଦେଶୀ ରୋମାନ୍ସ'ରୁ ହିଁ ସେ ଡେବ୍ୟୁ କରିଥିଲେ। ଏହି ମୁଭିରେ ତାଙ୍କ ସାଥିରେ ଥିଲେ ଟ୍ୟାଲେଣ୍ଟେଡ୍ ଆକ୍ଟର ସୁଶାନ୍ତ ସିଂ ରାଜପୁତ ଏବଂ ପରିଣୀତି ଚୋପ୍ରା। ବାଣୀ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ମଙ୍ଗଳବାର ସୁଶାନ୍ତଙ୍କ ମୃତ୍ୟୁକୁ ମାସେ ପୂରିଥିବାବେଳେ ସମଗ୍ର ବଲିଉଡ୍ ଜଗତ ତାଙ୍କ ମୃତ୍ୟୁ ପରଠୁ ସ୍ତବ୍ଧ ହୋଇଯାଇଛି। କେହି ସହଜରେ ସୁଶାନ୍ତଙ୍କୁ ଭୁଲିପାରୁନାହାନ୍ତି। କାରଣ ସେ ଥିଲେ ଜଣେ ଲିଜେଣ୍ଡ। ସୁଶାନ୍ତଙ୍କୁ ମନେ ପକାଇ ବାଣୀ ଲେଖିଛନ୍ତି ଯେ, ମୋର ମନେ ଅଛି ମୁଁ ଯେତେବେଳେ ଯଶ୍‌ରାଜ ଅଫିସରେ ଏଣ୍ଟ୍ରି କଲି କାହାକୁ ଚିହ୍ନି ନ ଥିଲି। ସମସ୍ତେ ନୂଆ ଥିଲେ ମୋ ପାଇଁ। କିନ୍ତୁ ସୁଶାନ୍ତ ମୋତେ ଦେଖି ସ୍ୱିଟ୍ ଷ୍ଟାଇଲ୍‌ରେ ମୋତେ ସ୍ୱାଗତ କରିଥିଲେ। ସେହି ପ୍ରଥମ ଦେଖାକୁ ମୁଁ କେବେ ଭୁଲିପାରିବି ନାହିଁ ବୋଲି ବାଣୀ ଭାବବିହ୍ୱଳ ହୋଇ କହିଛନ୍ତି। ସେ ଆଉ ମଧ କହିଛନ୍ତି ଯେ, ସେ ଜଣେ ବହୁତ ଭଲ କୋ-ଷ୍ଟାର ଥିଲେ। ସୁଶାନ୍ତଙ୍କ ଅକାଳରେ ଚାଲିଯିବା ସମସ୍ତଙ୍କ ପାଇଁ କଷ୍ଟଦାୟକ। କିନ୍ତୁ ତାଙ୍କ ଆତ୍ମାକୁ ଶାନ୍ତି ମିଳୁ ବୋଲି ମୋର ଭଗବାନଙ୍କ ନିକଟରେ ପ୍ରାର୍ଥନା।

# ଡାକ୍ତର ନେଲେ ମୃତଦେହ

ହାଇଦ୍ରାବାଦ: କରୋନା ସଂକ୍ରମଣ ଭୟରେ ଅନେକ ସ୍ଥାନରେ ହାରିଯାଉଛି ମାନବିକତା। ସଂକ୍ରମିତ ମାନଙ୍କ ପ୍ରତି ଖରାପ ବ୍ୟବହାର ଏବଂ ମୃତ୍ୟୁ ହେଉଥିବା ଲୋକଙ୍କ ସତ୍କାର ପାଇଁ ମଧ କେହି ସହଯୋଗର ହାତ ବଢ଼ାଉ ନ ଥିବା ଦେଖାଯାଉଛି। ଏପରି ପରିସ୍ଥିତିରେ ତେଲଙ୍ଗାନାରୁ ଆସିଛି ଏକ ଭିନ୍ନ ଖବର। କରୋନା ଭୟରେ ମହାନଗର ନିଗମର ଜଣେ ଟ୍ରାକ୍ଟର ଚାଳକ ମୃତଦେହ ଶ୍ମଶାନ ନେବାକୁ ମନା କରିଦେଇଥିଲେ। ଏହି ସମୟରେ ଜଣେ ଡାକ୍ତର ଅନ୍ୟମାନଙ୍କ ଭୟ ଦୂରକରିବା ଏବଂ ମୃତବ୍ୟକ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ

## କରୋନା ଭୟରେ କେହି ଛୁଇଁଲେନି

ନିଜେ ୨କି.ମି. ଟ୍ରାକ୍ଟର ଚଳାଇ ମୃତଦେହ ଶ୍ମଶାନରେ ପହଞ୍ଚାଇଥିବା ଜଣାପଡ଼ିଛି। ଘଟଣା ହେଲା ତେଲଙ୍ଗାନାର ପେଡ୍ଡାପଲ୍ଲୀସ୍ଥିତ ଏକ ସରକାରୀ ଡାକ୍ତରଖାନାରେ ରବିବାର ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ପଠାଇବା ପାଇଁ ଡାକ୍ତରଖାନାରେ ଜରୁରିକାଳୀନ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ଅନ୍ୟ ଗାଡ଼ି ଚାଳକମାନେ ମୃତଦେହ ନେବା ପାଇଁ ମନା କରିବାରୁ ମହାନଗର ନିଗମ ପକ୍ଷରୁ ଏକ ଟ୍ରାକ୍ଟର ବ୍ୟବସ୍ଥା କରାଯାଇଥିଲା। ହେଲେ ଟ୍ରାକ୍ଟର ଚାଳକ ମଧ କରୋନା ଭୟରେ ମୃତଦେହ ନେବାକୁ ସ୍ପଷ୍ଟ ମନା କରିଦେଇଥିଲେ। ମୃତଦେହକୁ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପ୍ୟାକ୍ କରାଯିବା ସହ ସଂକ୍ରମଣକୁ



ଏଡ଼ାଇବା ପାଇଁ ଡାକ୍ତରଖାନା ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିଲା। ମୃତବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ମଧ ପିପିଇ କିଟ୍ ପ୍ରଦାନ କରାଯାଇଥିଲା। ତଥାପି ଚାଳକ ରାଜି ନ ହେବାରୁ ସ୍ୱାସ୍ଥ୍ୟ ବିଭାଗର ଜିଲା ତଦାରଖ ଅଧିକାରୀ ଡାକ୍ତର ପି. ଶ୍ରୀରାମ ନିଜେ ଟ୍ରାକ୍ଟର ଚଳାଇ ମୃତଦେହ ଶ୍ମଶାନରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ବିଷୟରେ ଡାକ୍ତର ଶ୍ରୀରାମ କହିଛନ୍ତି, ଏହା ମୋ ଦାୟିତ୍ୱର ଏକ ଅଂଶବିଶେଷ ଥିଲା। ୬ ଘଣ୍ଟା ଧରି ମୃତଦେହ ନେବା ପାଇଁ କୌଣସି ବ୍ୟବସ୍ଥା ହୋଇପାରୁ ନ ଥିଲା; ଯଦ୍ୱାରା ମୃତକଙ୍କ ପରିବାର ଲୋକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଥିଲା। ତେଣୁ ଦାୟିତ୍ୱରେ ଥିବା ଅଧିକାରୀଭାବେ ଶ୍ମଶାନରେ ପହଞ୍ଚାଇବା ଦାୟିତ୍ୱ ମୋର ଥିଲା। କିଏ କାମ କଲା ଗୁରୁତ୍ୱପୂର୍ଣ୍ଣ ନୁହେଁ, କାମ ହେବା ଜରୁରୀ ବୋଲି ସେ କହିଛନ୍ତି। ମହାମାରୀ ସମୟରେ ଏହା ଅନେକଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ।

# ୫୪ ବର୍ଷ ତଳର ଖବରକାଗଜ ମିଳିଲା

ଲଣ୍ଡନ: ୫୪ ବର୍ଷ ତଳର କେତେକ ଭାରତୀୟ ଖବର କାଗଜର କପି ଫ୍ରାନ୍ସର ହିମନଦୀରୁ ମିଳିଛି। ସ୍ଥାନୀୟ ମୋଣ୍ଟ ବ୍ଲାଙ୍କ୍ ପର୍ବତଶ୍ରେଣୀର ବୋସନ୍ସ ହିମନଦୀରୁ ନ୍ୟାଶନାଲ୍ ହେରାଲ୍ଡ, ଇକୋନୋମିକ୍ସ ଟାଇମ୍ସ, ଦି ହିନ୍ଦୁ, ଦି ଷ୍ଟେଟସ୍‌ମ୍ୟାନ୍ ସମେତ ୧୨ରୁ ଅଧିକ ଖବର କାଗଜ ମିଳିଛି। ନ୍ୟାଶନାଲ୍ ହେରାଲ୍ଡର ପ୍ରଥମ ପୃଷ୍ଠାରେ ୧୯୬୬ରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିଥିବା ଖବର


NATIONAL HERALD
CITY EDITION
GANDHI ELECTED PARTY LEA
Morarji Desai Loses
By Big Margin
INDIA'S FIRST WOMAN
PRIME MINISTER

ପ୍ରକାଶ ପାଇଛି। ପଶ୍ଚିମ ୟୁରୋପ ଏହି ପର୍ବତଶ୍ରେଣୀରେ ୫୪ ବର୍ଷ ତଳେ ଏୟାର ଇଣ୍ଡିଆ ବିମାନ ବୋଇଙ୍ଗ-୭୦୭ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ୧୭୭ ଯାତ୍ରୀଙ୍କ ସମେତ ବିମାନ କର୍ମଚାରୀଙ୍କର କୌଣସି ଖୋଜ୍ ଖବର ମିଳି ନ ଥିଲା। ନ୍ୟାଶନାଲ୍ ହେରାଲ୍ଡ ଖବର କାଗଜଟି ୧୯୬୬ ଜାନୁୟାରୀ ୨୪ ତାରିଖର। ସମ୍ଭବତଃ କେହି ଯାତ୍ରୀ ଏସବୁ ଖବର କାଗଜକୁ ବିମାନରେ ନେଇ ଯାଉଥିବା ଅନୁମାନ କରାଯାଉଛି। ଏଠାରେ ରେଷ୍ଟୁରାଣ୍ଟ ଚଳାଉଥିବା ତିମୋଥି ମୋଟିନ୍‌ଙ୍କୁ ଏସବୁ ଖବର କାଗଜ ମିଳିଛି।

# ଯୁବ ଶକ୍ତି ସ୍ୱାବଲମ୍ବୀ ହେଉ

ଦେଶ ବା ସଂସ୍କୃତିର ବିକାଶରେ ଯୁବକମାନଙ୍କ ଯୋଗଦାନ ରହିଆସିଛି। ସେମାନେ ବେରୋଜଗାରୀ ହୋଇଗଲେ ଦେଶର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯାଏ। ବିକାଶର ଲକ୍ଷ୍ୟ ହାସଲ କରାଯାଇପାରେନି। ଏଣୁ କାରିଗରି ଓ ବ୍ୟବସାୟିକ କ୍ଷେତ୍ରରେ କୌଶଳ ବିକାଶ ଦ୍ୱାରା ବେରୋଜଗାର ସମସ୍ୟାରୁ ଯୁବକମାନଙ୍କୁ ମୁକୁଳାଇବାର ଲକ୍ଷ୍ୟ ନେଇ ପ୍ରତିବର୍ଷ ଜୁଲାଇ ୧୫ରେ 'ବିଶ୍ୱ ଯୁବ କୌଶଳ ଦିବସ' ପାଳନ କରାଯାଉଛି। ଦେଶର ବିକାଶରେ ଯୁବକମାନଙ୍କ ଯୋଗଦାନ ଓ ତାହାର ମହତ୍ତ୍ୱ ସମ୍ବନ୍ଧରେ ସଚେତନତା ବୃଦ୍ଧି କରିବା ଲାଗି ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ ହୋଇଆସୁଛି। କୌଶଳ ବିକାଶ ଓ ଏହାର ଉପାଦେୟତା ସମ୍ପର୍କରେ ସଚେତନ କରିବାରେ ଏହି ଦିବସ ଗୁରୁତ୍ୱ ଦେଇଥାଏ।

## ବିଶ୍ୱ ଯୁବ କୌଶଳ ଦିବସ



୨୦୧୫ ଜୁଲାଇ ୧୫ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ୨୦୧୪ ନଭେମ୍ବର ୧୧ରେ ଶ୍ରୀଲଙ୍କାର ପ୍ରସ୍ତାବ କ୍ରମେ ଜାତିସଂଘ ମହାସଭା ଏହି ଦିବସ ଘୋଷଣା କରିଥିଲା। ଶ୍ରୀଲଙ୍କା ଜି୭୭ ଓ ଚାଇନା ସମର୍ଥନରେ ଏହି ପ୍ରସ୍ତାବ ଆଗତ କରିଥିଲା। ଏହି ଅବସରରେ ପ୍ରତିବର୍ଷ ଜାତିସଂଘ ମୁଖ୍ୟାଳୟ ଓ ବିଭିନ୍ନ ଦେଶରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ୨୦୨୦ରେ 'ଜଣେ କୁଶଳୀ ଯୁବକ ପାଇଁ କୌଶଳ' ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଉଛି। କୋଭିଡ୍-୧୯ ସଙ୍କଟରେ ଏହି ଦିବସ ଭର୍ଚୁଆଲି ଅୟୋଜନ କରାଯିବାର ଯୋଜନା କରାଯାଇଛି।

ବିଶ୍ୱରେ ସବୁଠୁ ବେଶି ଯୁବକ ରହିଛନ୍ତି ଭାରତରେ। ଏଣୁ ଆମ ଦେଶରେ ଏହି ଦିବସର ମହତ୍ତ୍ୱ ଅଧିକ। ଏହାକୁ ଲକ୍ଷ୍ୟ ରଖି ଭାରତ ସରକାର ୨୦୧୫ରେ ଜାତୀୟ କୌଶଳ ବିକାଶ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଅଭିଯାନରେ ଦେଶରେ ୨୦୨୨ ସୁଦ୍ଧା ୪୦ କୋଟିରୁ ଊର୍ଦ୍ଧ୍ୱ ଯୁବକଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବା ସହ ସେମାନେ କିଭଳି ରୋଜଗାର ସୃଷ୍ଟି କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ବାସ୍ତବରେ ଏହି ଦିବସ ଯୁବଶକ୍ତିକୁ ଉଜାଗର କରିବା ସହ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଛି।

# ସୁସ୍ଥଙ୍କଠାରେ ଦେଖାଦେଉଛି ଲକ୍ଷଣ

ନୂଆଦିଲ୍ଲୀ: ସାରା ବିଶ୍ୱରେ କାୟାବିସ୍ତାର କରିବାରେ ଲାଗିଛି ମହାମାରୀ କରୋନା। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ମୃତକଙ୍କ ସଂଖ୍ୟା ମଧ ବଢୁଛି। ଏସବୁ ସତ୍ତ୍ୱେ କରୋନାକୁ ହରାଇ ସୁସ୍ଥ ହୋଇ ଘରକୁ ଫେରୁଥିବା ବ୍ୟକ୍ତିମାନଙ୍କ ପାଖରେ କିଛି ସପ୍ତାହ ପରେ ପୁଣି ଲକ୍ଷଣ ଦେଖାଯାଉଛି। ଜାମା ଜର୍ନାଲ ପକ୍ଷରୁ କରାଯାଇଥିବା ଏକ ଅନୁସନ୍ଧାନରୁ ଏଭଳି ନିଷ୍କର୍ସ ବାହାରିଛି। ଇଟାଲୀର ୧୪୩ କରୋନା ସଂକ୍ରମିତଙ୍କ ଉପରେ ଏହି ରିସର୍ଚ୍ଚ(ଅନୁସନ୍ଧାନ) କରାଯାଇଥିଲା। ରୋମ୍ ହସ୍ପିଟାଲର ଜଣେ ଡାକ୍ତର ଏଞ୍ଜେଲୋ କାର୍ଫି ଏହାର ନେତୃତ୍ୱ ନେଇଥିଲେ। ତେବେ କରୋନା ସଂକ୍ରମିତମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକଙ୍କଠାରେ ରୋଗ ଆରମ୍ଭ ହେବାର ୨ ମାସ ପରେ ମଧ କିଛି ଲକ୍ଷଣ ମିଳିଥିଲା। ସେମାନଙ୍କୁ ଥକ୍କା ଲାଗିବା ସହ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବା, ଆଣ୍ଠୁଗଣ୍ଠିରେ ବ୍ୟଥାହେବା ଆଦି ହେଉଥିଲା। ସେହିଭଳି ଡେଲି ମେଲ୍‌ରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ରିସର୍ଚ୍ଚରୁ



## କରୋନାକୁ ନେଇ ଚିନ୍ତାରେ ବିଶେଷଜ୍ଞ

ଜଣାପଡ଼ିଛି, ରୋଗ ହେବାର ପାଖାପାଖି ୬୦ ଦିନ ପରେ ମାତ୍ର ୧୨.୬% ଲୋକ କରୋନା ଲକ୍ଷଣରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରୁଛନ୍ତି। ଏହାପୂର୍ବରୁ କରାଯାଇଥିବା ଅଧ୍ୟୟନ ଅନୁଯାୟୀ, କରୋନାରେ ସ୍ୱାଦ ଜାଣିବା ଏବଂ ଶୁଙ୍ଘିବା ଶକ୍ତି ଚାଲିଯାଇଥାଏ। ଏଥିରେ ୧୦% ରୋଗୀଙ୍କ ପାଖରେ ଏକ ମାସ ପରେ ଲକ୍ଷଣ ଦେଖାଯାଇ ନ ଥାଏ। ହେଲେ ଇଟାଲୀରେ କରାଯାଇଥିବା ଅଧ୍ୟୟନରେ କରୋନାରୁ ଆରୋଗ୍ୟ ଲାଭ କରିଥିବା ପ୍ରାୟ ୫୫% ଲୋକଙ୍କ ନିକଟରେ ଦୁଇ ମାସ ପରେ ପରେ ମଧ ତିନିରୁ ଅଧିକ ଲକ୍ଷଣ ପ୍ରକାଶ ପାଉଛି। ୩୨% ରୋଗୀଙ୍କ ପାଖରେ ଗୋଟିଏରୁ ଦୁଇଟି ଲକ୍ଷଣ ରହିଛି। ସେହିଭଳି ୪୩%ଙ୍କୁ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଉପୁଜୁଥିଲା। କରୋନା ନେଗେଟିଭ ଘୋଷଣା ହେବା ପରେ ମଧ ଏଭଳି ହେଉଥିବା ବିଶେଷଜ୍ଞଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ଜୀବନ ଯୁଦ୍ଧରେ ହାରିଗଲେ କରୋନା ଯୋଦ୍ଧା


ଦେବଦତ୍ତା ରାୟ

କୋଲକାତା: ପଶ୍ଚିମବଙ୍ଗରେ କରୋନା ବିରୋଧରେ ଲଢେଇକୁ ନେଇ ଚର୍ଚ୍ଚାକୁ ଆସିଥିବା ଅଧିକାରୀ ଦେବଦତ୍ତା ରାୟ ଶେଷରେ କରୋନା ନିକଟରେ ହାର ମାନିଛନ୍ତି। ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ଏହି ୩୮ ବର୍ଷୀୟା ସରକାରୀ ଅଧିକାରୀ ଜଣକ। ଆଉ ପଛରେ ଛାଡି ଯାଇଛନ୍ତି ତାଙ୍କ ସ୍ୱାମୀ ଓ ୪ ବର୍ଷର ଶିଶୁ ପୁତ୍ରକୁ। ଦେବଦତ୍ତା ହୁଗୁଳି ଜିଲା ଚନ୍ଦନନଗର ସବ୍‌ଡିଭିଜନରେ ଡେପୁଟି ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟରତ ଥିଲେ। ଜୁଲାଇ ମାସ ଆରମ୍ଭରେ ତାଙ୍କ ନିକଟରେ କୋଭିଡ-୧୯ ଲକ୍ଷଣ ଦେଖାଦେଇଥିଲା। ଏହାପରେ ତାଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ହେଲେ ରବିବାର ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସୋମବାର ସକାଳେ ସେଠାରେ ତାଙ୍କର ପରଲୋକ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକମାନେ ଆସୁଥିବା ଟ୍ରେନ୍ ଓ ତାହାର ପହଞ୍ଚିବା ସମୟକୁ ଦେଖି ପ୍ରବାସୀଙ୍କ ରହିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେଇଥିଲେ ଦେବଦତ୍ତା।

# ସୁନ୍ଦରୀଙ୍କୁ ବି ମିଳୁନି ବର



ବ୍ରାସିଲିଆ: ବିବାହ ପାଇଁ ଉପଯୁକ୍ତ ଯୁବକ ବା ଯୁବତୀ ନ ମିଳିବା ଏକ ସାଧାରଣ ସମସ୍ୟା। କିନ୍ତୁ ଏହି ସମସ୍ୟାଟି ସେତେବେଳେ ଘଟିଥାଏ ଯେତେବେଳେ ଯୁବକର ଭଲ ଚାକିରି କିମ୍ବା ଭଲ ଘର ପରିବାର ନ ଥାଏ। ସେହିପରି ଝିଅମାନଙ୍କର ବିବାହରେ ବିଳମ୍ବ ହେବାର କାରଣ ହୁଏତ ସେମାନେ ଦେଖିବାକୁ ସୁନ୍ଦର ନ ହେବା କିମ୍ବା ଅନ୍ୟ କୌଣସି ଶାରୀରିକ ସମସ୍ୟା ହୋଇପାରେ। ବ୍ରାଜିଲରେ ଏକ ଗାଁ ଅଛି। ଯେଉଁଠାରେ ଝିଅମାନେ ବହୁତ ସୁନ୍ଦର। ଘର କାମ କରିବା ସହିତ ଚାଷ କାର୍ଯ୍ୟ ମଧ କରନ୍ତି, ତଥାପି ସେହି ଗାଁର ୬୦୦ ଯୁବତୀଙ୍କ ମଧ୍ୟରୁ ୩୦୦ଜଣ ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି। ଏହାର କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଏହି ଗାଁର ଝିଅମାନେ ବିବାହ ପାଇଁ ଏକ ସର୍ତ୍ତ ରଖିଛନ୍ତି। ଏହି ସର୍ତ୍ତଟି ହେଉଛି ବିବାହ ପରେ ଝିଅଟି ନିଜ ଘରେ ହିଁ ରହିବେ। ପୁଅଟି ଝିଅ ଗାଁରେ ରହିବାକୁ ବାଧ୍ୟ।

## ବ୍ରାଜିଲର ଏକ ଗାଁରେ ଅଜବ ନିୟମ

ମହିଳାମାନେ ଚାଷ କାର୍ଯ୍ୟର ଯତ୍ନ ନେବେ ଏବଂ ତାଙ୍କ ସ୍ୱାମୀମାନେ ଗୃହ କାର୍ଯ୍ୟ କରିବେ। ଏହି କାରଣରୁ କୌଣସି ପୁଅ ଏହି ଗାଁରେ ବିବାହ କରିବାକୁ ରାଜି ନାହାନ୍ତି। ମାରିଆ ସିନୋରିଆ ନାମକ ଜଣେ ମହିଳାଙ୍କ ଦ୍ୱାରା ୧୮୫୧ରେ ଏହି ଗାଁ ପ୍ରତିଷ୍ଠା କରାଯାଇଥିଲା। ମାରିଆଙ୍କ ତାଙ୍କ ପରିବାର ଲୋକେ ଝିଅ ହୋଇଥିବାରୁ ଘରୁ ବାହାର କରିଦେଇଥିଲେ। ଏହାପରେ ମାରିଆ ତାଙ୍କ ଗାଁରେ ରହୁଥିବା ଲୋକଙ୍କ ପାଇଁ ଏକ ନିୟମ କରିଥିଲେ ଯେ, ଏହି ଗାଁର ଝିଅମାନେ ବିବାହ ପରେ ନିଜ ଘର ଛାଡିବେ ନାହିଁ, ବରଂ ପୁଅକୁ ଆସି ସେମାନଙ୍କ ସହିତ ଏଠାରେ ରହିବାକୁ ପଡ଼ିବ। ଏହି କାରଣରୁ ଆଜି ଗାଁର କିଛି ଝିଅ ବର୍ଷ ବର୍ଷ ଧରି କୁମାରୀ ଅଛନ୍ତି।

# ମଝି ରାସ୍ତାରେ ବାଘ ବୁଲୁଛି

**ଭୋପାଳ**

ଏବେ ସୋସିଆଲ୍ ମିଡ଼ିଆରେ ଏକ ବାଘର ଭିଡ଼ିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ବାଘଟି ମଝି ସଡ଼କରେ ଗାଡ଼ି ସାମ୍ନାରେ ବସି ରହିଥିବାର ଭିଡ଼ିଓରେ ଦେଖିବାକୁ ମିଳୁଛି। ୩୦ ସେକେଣ୍ଡର ଏହି ଭିଡ଼ିଓକୁ ଅନୁରାଗ ଦ୍ୱାରି ଟୁଇଟରରେ ଶେୟାର କରିଛନ୍ତି। ଘଟଣାଟି ମଧ୍ୟପ୍ରଦେଶର ସିବନି ଜିଲାଠାରୁ ୨୫ କି.ମି. ଦୂର ପେଞ୍ଚ୍ ନ୍ୟାଶନାଲ୍ ପାର୍କ ଅଞ୍ଚଳର ବୋଲି କୁହାଯାଉଛି। ଏଠାରେ ଥିବା ଏନ୍‌ଏଚ୍-୭ରେ ରାସ୍ତାକାମ ଚାଲିଥିବା ସମୟରେ ହଠାତ୍ ବାଘକୁ ଦେଖିବାକୁ ମିଳିଥିଲା। ବାଘଟି କାହାକୁ ଖାତିର ନ କରି ମଝି ସଡ଼କରେ ଆସି ବସିଥିଲା। ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ତେବେ ବାଘଟି କାହାର କିଛି ବି କ୍ଷତି କରି ନ ଥିଲା। ସଡ଼କ ମଝିରେ ବାଘକୁ ଦେଖି ଗାଡ଼ି ଗୁଡ଼ିକ ଅଟକି ଯାଇଥିଲା। କିଛି ସମୟ ପରେ ବାଘଟି ସେଠାରୁ ଚାଲି ଯାଇଥିଲା। ଆସ୍ତେ ଆସ୍ତେ ଜଙ୍ଗଲ ଧ୍ୱଂସ ହେବା ସହ ପରିବେଶ ଜୀବପୋଯୋଗୀ ନ ହେବାରୁ ଜଙ୍ଗଲରୁ ପ୍ରାଣୀମାନେ ସହର ମୁହାଁ ହେଉଥିବା ଜଣାପଡ଼ିଛି। ତେଣୁ ବାଘ ଭଳି ଯନ୍ତୁ ରାସ୍ତା ମଝିରେ ଛିଡ଼ାହେବା ଭଳି ପରିସ୍ଥିତି ଉପୁଜିଛି।



# ବର୍ଷାଦିନେ ପ୍ରାଣୀଙ୍କ ସୁରକ୍ଷା

**ବର୍ଷାଦିନେ ପ୍ରାଣୀଙ୍କୁ କେଉଁ ରୋଗ ହୋଇଥାଏ:** ସାଧାରଣତଃ ବର୍ଷାଦିନେ ଅନୁକୂଳ ପରିବେଶ ଯୋଗୁ ମଶା, ମାଛି, ଡାଆଁଶ, ଟିଙ୍କ, ଉକୁଣି ଆଦିଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ପୋଖରୀ, ଗଡ଼ିଆ, ନଦୀନାଳରେ ବର୍ଷା ବା ବନ୍ୟା ଜଳରେ ପରିପୂର୍ଣ୍ଣ ହୋଇଥାଏ। ପ୍ରଦୂଷିତ ଅସ୍ୱାସ୍ଥ୍ୟକର ପରିବେଶଠାରୁ ଆରମ୍ଭ କରି ମଳତ୍ୟାଗ ଅଞ୍ଚଳ ଓ ନାଳନର୍ଦ୍ଦମାର ଦୂଷିତ ଜଳ ଜନଜୀବନକୁ ପ୍ରଭାବିତ କରିଥାଏ। ଏହି ବର୍ଷା ବା ବନ୍ୟା ପାଣିରେ ବିଭିନ୍ନ ଅଣୁଜୀବ ଯଥା ଜୀବାଣୁ, କବକ, ଏକକୋଷୀ ପ୍ରାଣୀ, କୃମି ଆଦି ବିଭିନ୍ନ ସ୍ଥାନରେ ବଂଶ ବୃଦ୍ଧି କରିବା ସହିତ




ଡା. ବୀର କିଶୋର ପରିଡ଼ା

ପ୍ରାଣୀଙ୍କଠାରେ ରୋଗ ସୃଷ୍ଟି କରାନ୍ତି। ଓଦା ଓ ସନ୍ତସନ୍ତିଆ ଅଞ୍ଚଳରେ ଗେଣ୍ଡାଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ପ୍ରାଣୀଙ୍କ କଳିଜା କୃମି ହେବାରେ ସହାୟକ ହୋଇଥାଏ। ଏଥିସହିତ ଏହିସବୁ ଅଞ୍ଚଳରେ ଛୋଟ ଛୋଟ ଗୁଗୁଚିଆ ଗଛର ସୂକ୍ଷ୍ମ ଅଗ୍ରଭାଗ ପ୍ରାଣୀ ଚରିବୁଲିବା ସମୟରେ ଆଖିରେ ବାଜି ଆଖି ପ୍ରଦାହ ସହିତ ଆଖିଝରା ରୋଗ ସୃଷ୍ଟି କରିଥାଏ। ବେଳେ ବେଳେ ଆଖି ଲାଲ୍ ପଡ଼େ ବା ଆଖିରେ ଧଳା ପରଦା ମାଡ଼ିଆସେ। ବିଲବାଡ଼ି ବା ପୋଖରୀରେ ଜଳ ପୂର୍ଣ୍ଣ ହେବା ଯୋଗୁ ସାପ ଗାତରେ ପାଣି ପଶିଯାଏ। ଫଳରେ ପ୍ରାଣୀ ବା ମନୁଷ୍ୟ ବାସ କରୁଥିବା ସ୍ଥାନକୁ ସାପ ମାଡ଼ିଆସି ଗର୍ତ୍ତ କରି ରହନ୍ତି। ଏମାନେ ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ପ୍ରାଣୀଙ୍କୁ କାମୁଡ଼ିବା ଫଳରେ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଗୁହାଳ ଓଦା ଓ ସନ୍ତସନ୍ତିଆ ରହିବା ସହିତ ବର୍ଷା ପାଣିରେ ପ୍ରାଣୀମାନେ ଭିଜିବା ଯୋଗୁ ଜ୍ୱର, ଥଣ୍ଡା, କାଶ ବା ବେଙ୍ଗାଦୋଷ ସହିତ ପହ୍ନା ଫୁଲାରେ ପୀଡ଼ିତ ହେବାର ଆଶଙ୍କା ଥାଏ।

ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି ଯୋଗୁଁ ବିଭିନ୍ନ ସଂକ୍ରାମକ ରୋଗ ଯଥା– ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗ ପ୍ରାଣୀଙ୍କଠାରେ ଦେଖାଯାଇଥାଏ। ଟିଙ୍କ, ମଶା ବା ପରଜୀବୀ ମାଧ୍ୟମରେ ଗୋରୁଙ୍କଠାରେ ଅଢ଼େଇଆ ଜ୍ୱର ଟ୍ରିପାନୋସୋମିଆସିସ୍ ବା ସରା, ଥାଇଲେରିଓସିସ୍, ବେବେସିଓସିସ୍ ଆଦି ରୋଗରେ ପୀଡ଼ିତ ହୁଅନ୍ତି। ସେହିଭଳି ଛେଳି ମେଣ୍ଢାଙ୍କଠାରେ ଏଣ୍ଟରୋଟକ୍ସିମିଆ, ପିପିଆର୍, ଛେଳି ବସନ୍ତ ଆଦି ରୋଗ ଦେଖାଯାଇଥାଏ। ଛେଳିମେଣ୍ଢାମାନେ ଖଲିଆ ମାଟିରେ ଚଲାବୁଲା କଲେ, ସ୍ପେରୋଫୋରସ୍ ନେକ୍ରୋଫୋରସ୍ ନାମକ ଜୀବାଣୁ ଯୋଗୁ ପାଦପଚା ରୋଗରେ ପୀଡ଼ିତ ହୋଇଥାନ୍ତି। ବର୍ଷାଦିନେ କୁକୁଡ଼ା ଘରର ଲିଟର ଓଦା ଓ ସନ୍ତସନ୍ତିଆ ରହିବା ଯୋଗୁ କୁକୁଡ଼ାମାନେ ବିଶେଷ କରି ଜୀବାଣୁ ଓ ଏକକୋଷୀ ପ୍ରାଣୀ ବା ରକ୍ତଝାଡ଼ା ସହିତ ଶ୍ୱାସକ୍ରିୟାଜନିତ ରୋଗରେ ସଂକ୍ରମିତ ହୋଇଥାନ୍ତି। ଦୂଷିତ ପାଣି ପିଇଲେ କୁକୁଡ଼ାମାନେ ଇଶ୍ଚେରେଚିଆ କୋଲାଇ ଜୀବାଣୁର ସଂକ୍ରମଣ ହୋଇଥାନ୍ତି। କେତେକ ଉଦ୍ଭିଦ ଜାତୀୟ ବିଷାକ୍ତ ଗଛର



ପତ୍ର ଖାଇ ପ୍ରାଣୀଙ୍କଠାରେ ପେଟଫୁଲା ସୃଷ୍ଟି ସହିତ ଶରୀରରେ ବିଷ ପ୍ରକ୍ରିୟା ଯୋଗୁ ଜୀବନ ହାନି ଘଟିଥାଏ। କଅଁଳିଆ ଘାସରେ ମାଗ୍ନେସିୟମ୍ ଅଭାବ ସହିତ କଅଁଳିଆ ଶଙ୍କର ହାତିଆ ଘାସରେ ଅକ୍‌ଜାଲିକ୍ ଅମ୍ଳ ଥିବା ହେତୁ ପ୍ରାଣୀଙ୍କଠାରେ ମ୍ୟାଗ୍ନେସିୟମ୍ ଓ କ୍ୟାଲ୍‌ସିୟମ୍‌ର ଅଭାବ ଦେଖାଦେଇଥାଏ। ଏଥିସହିତ ଫିମ୍ପିମରା ନଡ଼ା, କୁଟା, ଦାନା ଆଦି ଖାଇବାକୁ ଦେଲେ ଏଥିରୁ ଟକ୍ସିନ୍ ନିର୍ଗତ ହେବା ଯୋଗୁ ପ୍ରାଣୀଙ୍କ ଜୀବନ ବିପନ୍ନ ହୋଇଥାଏ।

**ସତର୍କତାମୂଳକ ପଦକ୍ଷେପ:** ବର୍ଷାଦିନେ ନିମ୍ନଲିଖିତ କେତୋଟି ଦିଗ ପ୍ରତି ଯତ୍ନବାନ ହେଲେ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରାଯାଇପାରିବ–

–ବର୍ଷା ବା ବନ୍ୟାର ଗୋଳିଆ ବା ଦୂଷିତ ଜଳ କୂଅ, ପୋଖରୀ, ନଦୀ, ଗଡ଼ିଆ ଆଦିରେ ପଶି ଜଳ ଦୂଷିତ କରେ। ଏହି ଜଳରେ ବିଭିନ୍ନ ଅଣୁଜୀବ ସହିତ ଜୀବାଣୁ ଯଥା– ଇଶ୍ଚେରେଚିଆ କୋଲାଇ, ସୁଡ଼ୋମୋନାସ, କ୍ଲେବ୍‌ସିଏଲା, କ୍ଲଷ୍ଟ୍ରିଡିୟମ୍ ଆଦି ରକ୍ତଝାଡ଼ା ବା ତରଳ ଝାଡ଼ା ସୃଷ୍ଟିକରିବା ସହିତ କେତେକ ସଂକ୍ରାମକ ରୋଗ ମଧ୍ୟ ସୃଷ୍ଟି କରିଥାଏ। ତେଣୁ ଜଳକୁ ଅଧଘଣ୍ଟା ଫୁଟାଇ ଥଣ୍ଡା ହେବାପରେ ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ। ୧ଲିଟର ପାଣିରେ ଗୋଟିଏ ହାଲୋଜିନ୍ ବଟିକା ପକାଇ ଜଳକୁ ବିଶୋଧିତ କଲାପରେ ଏହାକୁ ପାନୀୟ ଜଳ ରୂପେ ବ୍ୟବହାର କରିହେବ। କୂଅପାଣି ଗୋଳିଆ ଥିଲେ ଫିଟିକିରି ବା ଆଲମ୍ ସହିତ ଚୂନ ଓ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରନ୍ତୁ। ନଳକୂପ ବା ବୋରିଂ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରନ୍ତୁ। ଜଳମଗ୍ନ ଅଞ୍ଚଳରେ ଘାସ, ଛୋଟ ଗଛର ପତ୍ରଗୁଡ଼ିକ ପଚି ଶଢ଼ି ଯିବା ଯୋଗୁଁ ଜଳ ପଚି ଦୁର୍ଗନ୍ଧ ହେବା ସହିତ ଜଳ ଦୂଷିତ ହୋଇଥାଏ। ତେଣୁ ପ୍ରାଣୀଙ୍କୁ ବର୍ଷା ବା ବନ୍ୟାର ଗୋଳିଆପାଣି ଓ ଉକ୍ତ ଦୂଷିତ ପାଣିଠାରୁ ଦୂରେଇ ରଖନ୍ତୁ।

– ବର୍ଷାଜଳରେ ଓଦା ହୋଇ ଫିମ୍ପି ମାରିଥିବା, ନଡ଼ା, କୁଟା, କୁଣ୍ଡା, ଦାନା ଆଦି ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ଭିଜି ଯାଇଥିବା ନଡ଼ା ବା କୁଟାକୁ ଶୁଖାଇ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ। ଦାନା ଅଳ୍ପ ଫିମ୍ପି ମାରିଥିଲେ ରାନ୍ଧିକରି ଖାଇବାକୁ ଦେଲେ ଭଲ। ସର୍ବଦା ସଦ୍ୟ ପ୍ରସ୍ତୁତ ଦାନା ବା ଖାଦ୍ୟ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ। ପଚାଶଢ଼ା ଫଳମୂଳ, ବାସି ଖାଦ୍ୟ ଆଦି ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ଘାସପତ୍ର ଉପରେ ପଟୁମାଟି ଲାଗିଥିଲେ ସେସବୁକୁ ଭଲଭାବରେ ଧୋଇ ଖାଇବାକୁ ଦିଅନ୍ତୁ। ଦାନା ବା ଘାସର ଅଭାବ ଥିଲେ, ବିଭିନ୍ନ ଗଛର ଡାଳପତ୍ର ଯଥା ବରପତ୍ର, ଓସ୍ତପତ୍ର, ଡିମିରି, ଚାକୁଣ୍ଡା, କଞ୍ଚନ, କଦଳୀ, ବାଉଁଶ ପତ୍ର ଆଦି ଖାଇବାକୁ ଦିଅନ୍ତୁ। ରୋଷେଇ ଘରର ପନିପରିବା ଚୋପା, ଖୁଦଚାଉଳ, ଶାଗକେଣ୍ଡା, ପେଜ ଆଦି ନଷ୍ଟ ନ କରି ଗୋରୁଙ୍କୁ ଖାଇବାକୁ ଦେଇପାରିବେ। ଲାଣ୍ଟାନା କାମେରା ଭଳି ବିଷାକ୍ତ ଗଛର ପତ୍ର ପ୍ରାଣୀଙ୍କୁ ଖାଇବାରୁ ନିବୃତ୍ତ ରଖନ୍ତୁ।

– ପ୍ରାଣୀଙ୍କ ବାସସ୍ଥାନ ବା ଗୁହାଳ ଓଦା ଓ ସନ୍ତସନ୍ତିଆ ଥିଲେ ପାଉଁଶ ବା ବାଲି ପକାଇ ଶୁଷ୍କ ରଖନ୍ତୁ। ଗୁହାଳର ପରିମଳ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗୁହାଳର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ପ୍ରତି ୨ଦିନରେ ଥରେ ଗୁହାଳର ଚଟାଣକୁ ଫିନାଇଲ୍ ବା ଲାଇସୋଲ୍ ଦ୍ରବଣରେ ବିଶୋଧନ କରନ୍ତୁ। ପ୍ରାଣୀଙ୍କ ବାସସ୍ଥାନ ଚାରିପଟେ ଗଛଲତା କାଟି ସଫା କରିବା ସହିତ ଉଇହୁଙ୍କା ଥିଲେ ଭାଙ୍ଗିଦିଅନ୍ତୁ କିମ୍ବା ଗାତ ଥିଲେ ବନ୍ଦ କରିଦିଅନ୍ତୁ। ପ୍ରାଣୀଙ୍କ ବାସସ୍ଥାନର ଚତୁଃପାର୍ଶ୍ୱରେ ଚୂନ, ବ୍ଲିଚିଂ ପାଉଡର, ଫିନାଇଲ୍ ଆଦି ପକାନ୍ତୁ। ସାପଠାରୁ ଦୂରେଇ ରହିବା ପାଇଁ ଘର ଚାରିପଟେ କାର୍ବୋଲିକ୍ ଏସିଡ୍ ଟାଙ୍ଗନ୍ତୁ। କୁକୁଡ଼ା ଘରର ଲିଟରକୁ କୋଦାଳରେ ଏପଟ ସେପଟ କରି ଶୁଖିଲା ରଖନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଚୂନ ପ୍ରୟୋଗ କରନ୍ତୁ। ଗୁହାଳ ବା କୁକୁଡ଼ା ଘର ଭିତରକୁ ପାଣି ଛିଟିକା ନ ପଡ଼ିବା ପାଇଁ ପଲିଥିନ୍ ବା ନଡ଼ାବାଡ଼ ଦ୍ୱାରା ନିବୁଜ ରଖନ୍ତୁ। ଗୁହାଳର ଗୋବର ଦୂରରେ ପକାଇବା ସହିତ ଗୁହାଳର ଚଟାଣକୁ ଶୁଖିଲା ରଖନ୍ତୁ।

ମୋ: ୯୪୩୭୬୦୭୩୧୨

## ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତି

ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବ ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷାହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ ।

– ସହଳ କିସମର ଧାନତଳି ୨୦–୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫–୩୦ ଦିନର ହେଲେ ରୋଇ ଦିଅନ୍ତୁ ।

– ବୁଣାଧାନ ୩୦–୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ଜମିରେ ୫ ସେ.ମି. ପାଣି ଜମିଲେ ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

– ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୬୦୦ ଗ୍ରାମ୍ ୨,୪–ଡି ସୋଡ଼ିୟମ୍ ସଲ୍‌ଟ ପ୍ରୟୋଗ କରି ଧଣିଚା ମରିଗଲା ପରେ ଜମିରେ ଚାଷ କରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲ ହେବା ପୂର୍ବରୁ) ସିଧା ସଳଖ ହଳଦ୍ୱାରା ମାଟିରେ ମିଶାଇ ଦିଅନ୍ତୁ। ଏହା ଧଣିଚା ୬ ରୁ ୭ ସପ୍ତାହ ହେଲାବେଳକୁ କରିବା ଭଲ।

– ଚଳିତମାସ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ ।

– ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍



ତଳିଘରା କରି ତଳି ଉତାରନ୍ତୁ।

– ସଘନ ଧାନ ଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ।

– ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ।

## ମଲ୍ଲୀ ଗଛ ଲଗାଉଥିଲେ...

ମଲ୍ଲୀ ଗଛକୁ ଜୁଲାଇ ମାସରେ ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ଦୁଇ–ତିନି ଦିନ ମଧ୍ୟର ଚେର ହୋଇଯାଏ। ଏହାର ବଂଶ ବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫–୧୦ସେମି ପାକଳ ଡାଳ ବ୍ୟବହାର କରାଯାଏ। ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ ପିପିଏମର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରୋଡେକସ–ବି, ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହ କରି ଏହାର ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ଥରେ ଲଗାଇଲେ ତାହା ଜମିରେ ୧୦–୧୫ବର୍ଷ ପର୍ଯ୍ୟନ୍ତ ରଖାଯାଇପାରିବ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକ ୬୦ସେମି ଲମ୍ବ, ୬୦ସେମି ଓସାର ଏବଂ ୬୦ସେମି ଗଭୀର ବିଶିଷ୍ଟ ହେବା



ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫ କିଗ୍ରାରୁ ୧୦ କିଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

## ଅନ୍ତରେ...

### ରାଶି



ପାଗ ଦେଖି ଏକର ପ୍ରତି ଏକ କିଗ୍ରାରୁ ୧୨୦୦ ଗ୍ରାମ ବିହନ ଧାଡିରେ ବୁଣନ୍ତୁ। ପ୍ରାଚୀ, ନିର୍ମଳା, କନକ, କାଳୀକା, ବିନାୟକ ଆଦି ହେଉଛି ରାଶିର ଉନ୍ନତ କିସମ। ଧାଡିକୁ ଧାଡି ୩୦ସେମି ଓ ଗଛକୁ ଗଛ ୧୦ସେମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩୦ ଗ୍ରାମ ସେରେସାନ୍‌ରେ ବିଶୋଧନ କରନ୍ତୁ। ଶେଷ ଓଡ ଚାଷ ବେଳେ ବିହନ ବୁଣିବା ପୂର୍ବରୁ ୬ କିଗ୍ରା ଯବକ୍ଷାରଜାନ, ୮ କିଗ୍ରା ଫସଫରସ, ୮ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

### ଆଖୁ



ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ପଞ୍ଚମ ଓ ସପ୍ତମ ମାସରେ ଭେଳା ବାନ୍ଧନ୍ତୁ। ଦୁଇଧାଡି ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁ ଗଛ ପବନରେ ପଡିଯାଏ ନାହିଁ। ଆଖୁ ଚାଷରେ ଅଗ ବିନ୍ଧା ପୋକ ଦମନ କରିବା ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ମିଲି ମନୋକ୍ରୋଟୋଫସ କିମ୍ବା କୁଇନାଲଫସ ଔଷଧ ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଫସଲରେ ଦହିଆ ପୋକ ଲାଗିଥିଲେ ପ୍ରତି ଲିଟର ପାଣିରେ ୧.୫ ମିଲି ହିସାବରେ ମିଥାଇଲ ପାରାଥିଅନ କିମ୍ବା ୨ ମିଲି ଡାଇମେଥୋଏଟ୍ କିମ୍ବା ୨.୫ ମିଲି ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ।

### ପନିପରିବା



ବାଇଗଣ ଫସଲରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ପାଇଁ ବର୍ତ୍ତମାନ କାର୍ବାରିଲ୍ ପ୍ରୟୋଗ କରନ୍ତୁ ନାହିଁ। ବାର୍କାରିଲ୍ ପ୍ରୟୋଗ କଲେ ଅଷ୍ଟପଦୀ ପୋକ ଲାଗିବାର ଆଶଙ୍କା ରହିଛି। ଏବେ ବାଇଗଣ ତଳି ପାଇଁ ତଳିଘରା ପ୍ରସ୍ତୁତ କରି ବିହନ ବୁଣନ୍ତୁ।

## ଚାଷୀଙ୍କ ପାଇଁ..

ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା – ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ ।

– ମରୁଡ଼ି ପ୍ରବଣ ଢିପ ଜମିରେ ଧାନ କିମ୍ବା ହରଡ଼ ସହିତ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ)ଚାଷ କରନ୍ତୁ।

ମନେରଖନ୍ତୁ : ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ ।

– ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି



ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ ।

– ପରାଶ୍ରୟୀ ପୋକଙ୍କୁ ପ୍ରୟୋଗ କରି କୀଟ ନିୟନ୍ତ୍ରଣ କରିବା ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟିର କୃଷି ମହାବିଦ୍ୟାଳୟ ଅନ୍ତର୍ଗତ କୀଟତତ୍ତ୍ୱ ବିଭାଗ ସହିତ ଯୋଗାଯୋଗ କରିପାରିବେ।

## ଲାଭଜନକ ଜହ୍ନି


ଡ. ପରେଶ କୁମାର ପଣ୍ଡା

ବର୍ଷାଦିନ ଆସିଗଲା। ଜହ୍ନିର ଆଦର ବଢ଼ିଲା। ଜହ୍ନି ଦଲା, ଭଜା ଓ ତରକାରୀ ତଥା ସନ୍ତୁଳା ରୂପେ ବ୍ୟବହାର କରାଯାଏ, ଏହା ପ୍ରାୟ ସମସ୍ତଙ୍କୁ ଜଣା। ଏଥିରେ ପୁଷ୍ଟିସାର ସହିତ ଅନେକ ଧାତବ ଲବଣ ରହିଥାଏ। ଆମ ରାଜ୍ୟର ସବୁ ଅଞ୍ଚଳରେ ଜହ୍ନି ଚାଷ ହୋଇଥାଏ। ବାୟୁମଣ୍ଡଳରେ ଉତ୍ତାପ ଅଧିକ ରହିଲେ ଅଣ୍ଡିରା ଫୁଲ ବେଶୀ ଫୁଟିଥାଏ। ଉର୍ବରିଆ ଦୋରସା, ନିଗିଡା ମାଟିରେ ଏହା ଭଲ ହୋଇଥାଏ। ଜହ୍ନିର ଉନ୍ନତ ଅଧିକ ଅମଳକ୍ଷମ କିସମ ମଧ୍ୟରେ (ଛୋଟ ଫଳ)– ଧାରା, କନ୍ୟାକୁମାରୀ, (ଲମ୍ବା ଫଳ)– ସିଓ–୧, ସିଓ–୨, ପିକେଏମ–୧, ଆର୍କା ସୁଜାତ, ଆର୍କା ପ୍ରସନ୍ନ, ପୁଷା ନାସଦାର, ସାତପତ୍ରୀ ଅନ୍ୟତମ। ସଙ୍କର ଜହ୍ନି ମଧ୍ୟରେ ଆର୍କା, ବିକ୍ରମ, ଲତା, ନମ୍ରତା, ରବୀନା, ରାଧିକା, ଗ୍ରୀନ ଗୋଲ୍ଡ, ସିକେଏମ–୧ ବେଶ୍ ଲୋକପ୍ରିୟ।

ଏକର ପ୍ରତି ୧.୫ କିଗ୍ରା ଜହ୍ନି ବିହନ ଦରକାର ହୁଏ। ମଞ୍ଜିକୁ ୫–୬ ଘଣ୍ଟା ବତୁରାଇ ଲଗାଇଲେ ଶୀଘ୍ର ଗଜା ହୋଇଥାଏ। ଏବେ ୩–୪ ଓଡ ଗୁଣ୍ଡଚାଷ ହୋଇଥିବା ଜମିରେ ୧୫–୨୦–ସେମି ଉଚ୍ଚ ମନ୍ଦା କରି ଧାଡିକୁ ଧାଡି ୨.୫ ମିଟର ଓ ମନ୍ଦାକୁ ମନ୍ଦା ଏକ ମିଟର ଦୂରତାରେ ଖତ, ମୂଳସାର ଓ ଉପର ମାଟି ଦେଇ ୩–୪ଟି ମଞ୍ଜି ଲଗାନ୍ତୁ। ଏକର ପ୍ରତି ୧୬ଟି ମନ୍ଦା କରନ୍ତୁ। ଏକର ପ୍ରତି ୫୦–୮୦ କୁଇଣ୍ଟାଲ ଖତ ଓ ୨୦:୧୬:୧୨ କିଗ୍ରା ଏନ୍.ପି.କେ. ସାର ଦିଅନ୍ତୁ। ସମସ୍ତ ସାର ମଧ୍ୟରୁ କେବଳ ଅଧା ଯବକ୍ଷାରଜାନ (୩୦ଦିନ ବେଳକୁ ବାକି ଅଧା) + ସମସ୍ତ ଫସଫରସ+ସମସ୍ତ ପଟାସ୍+ଖତକୁ ମୂଳସାର ଭାବରେ ପ୍ରୟୋଗ କରନ୍ତୁ। ଗଛ ଉଠିବା ପରେ ମନ୍ଦା ପ୍ରତି କେବଳ ଦୁଇଟି ଗଛ ରଖନ୍ତୁ। ଅଣୁସାର ଅଭାବ ଥିଲେ ମିଶ୍ରିତ ଅଣୁସାର ୩ ଗ୍ରାମ ଲିଟର ପ୍ରତି ଫସଲରେ ସିଞ୍ଚନ୍ତୁ।

ସାର ପ୍ରୟୋଗ ପୂର୍ବରୁ କୋଡାଖୁସା କରି ଅନାବନା ଘାସ ବାଛି ଦିଅନ୍ତୁ। ଏବେ ବର୍ଷାଦିନ ଚାଲିଛି, ତେଣୁ ରଞ୍ଜା ପୋତି ଗଛକୁ ମଡାନ୍ତୁ। ଦୁଇ ପତ୍ର ଅବସ୍ଥାରେ ସପ୍ତାହ ଅନ୍ତରରେ ଇଥ୍ରେଲ ୧ମି.ଲି. ୪ ଲିଟର ପ୍ରତି ଦୁଇ ଥର ସିଞ୍ଚନ କରନ୍ତୁ। ଏହାଦ୍ୱାରା ଗଛରେ ମାଈ ଫୁଲ ଅଧିକ ଫୁଟିଥାଏ। ନିମ୍ନମୁଖୀ ପାଉଁଶିଆ/ଆନ୍ଥ୍ରାକ୍ନୋନ୍ (ଫଳପଚା) ରୋଗ ଦେଖାଦେଲେ ମାନକୋଜେବ୍ ୩୦ ଗ୍ରାମ କିମ୍ବା ଥାୟୋଫାନେଟ୍ ମିଥାଇଲ୍ ୭୦ ପ୍ରତିଶତ ଡବ୍ଲୁ.ପି.ର. ୧୫ ଗ୍ରାମ ୧୦ଲିଟର ପାଣିରେ ଗୋଳାଇ ଫସଲରେ ସିଞ୍ଚନ କରନ୍ତୁ। କାଙ୍କେଡିଆ/ନାଳି କଖାରୁ ଭୃଙ୍ଗ/ପତ୍ର ସୁଡଙ୍ଗୀ/ଧୂଆଁପତ୍ର ଗୋଟି ପୋକ ନିୟନ୍ତ୍ରଣ ପାଇଁ ସିଆନ୍ଟ୍ରା ନିଲିପୋଲ ୧୦.୨୬ ପ୍ରତିଶତ, ଓ.ଡି.ର. ୧୮ ମିଲି ; ଅଷ୍ଟପଦୀ ପୋକ ଲାଗି ଉମାଇଟ୍ ୨୦ ମିଲି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ସିଞ୍ଚନର ଅନ୍ୟୂନ ୭ଦିନ ପରେ ଜହ୍ନି ତୋଳିଲେ ଭଲ। ଫଳମାଛି କଖାରୁ ପତ୍ର ଶଂବାଳୁଆ ନିୟନ୍ତ୍ରଣ ଲାଗି ଏକର ପ୍ରତି ୮ଟି ଫେରୋମୋନ୍ ଯନ୍ତା ଓ ସର୍ପିଳ ପତ୍ର ସୁଡଙ୍ଗୀ ପୋକ ପାଇଁ ୮ଟି ହଳଦିଆ ଯନ୍ତା ଫସଲ କିଆରିରେ ଲଗାନ୍ତୁ। କଅଁଳ ଅବସ୍ଥାରେ ଫଳ ତୋଳିବା ପରେ ତାକୁ ବଛାବଛି କରି ବଜାରକୁ ପଠାନ୍ତୁ। ବିଳମ୍ବରେ ଜହ୍ନି ଅମଳ କଲେ ଫଳଗୁଡ଼ିକ ବୁଢ଼ା ହୋଇ ଅଧିକ ତନ୍ତୁଯୁକ୍ତ ହେବାରୁ ବଜାର ଦର କମିଯାଏ। ଚାରି ମାସ ମଧ୍ୟରେ ଏକର ପ୍ରତି ୪୦–୬୦ କୁଇଣ୍ଟାଲ ଜହ୍ନି ଅମଳରୁ ପ୍ରାୟ ୪୦ ହଜାର ଟଙ୍କା ଲାଭ ମିଳିଥାଏ।



*–ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ:୭୨୦୫୦୯୬୦୮୦*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ୧୫ ଜୁଲାଇ, ୨୦୨୦ Bhubaneswar, Wednesday, July 15/2020

**ରତ୍ନ ପଥର ଜବତ ଘଟଣା**

# ଜେଲ ଗଲେ ଅଭିଯୁକ୍ତ

ଜୁନାଗଡ଼,୧୪।୭ (ଡି.ଏନ୍.ଏ.)



କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ପଲାସ ଗ୍ରାମରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଓ ଜୁନାଗଡ଼ ପୋଲିସ ରବିବାର ସନ୍ଧ୍ୟାରେ ଚଢାଉ କରି ରତ୍ନ ପଥର(ରୁବି ଓ ପାନ୍ନା)ଜବତ କରିଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୯୬/୨୦) ରୁଜୁ କରିବା ସହ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁଜିତ ମେହେରଙ୍କୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କୁ ସ୍ଥାନୀୟ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ସୁଜିତଙ୍କ ଘରୁ ଏସ୍‌ଟିଏଫ୍ ଟିମ୍ ଓ ପୋଲିସ ୪ବସ୍ତାରେ ଗଚ୍ଛିତ ଥିବା ୩କୁଇଣ୍ଟାଲ ୨କିଗ୍ରା ରତ୍ନ ପଥର ଜବତ କରିଥିଲା ।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ